Digitized by PPRACHIN, SOA

ସାଥୀ ପକେଟ୍ ବୁକ୍ ସିରିଜ୍ ୧୩

ମଙ୍ଗଳ ସୂତ୍ର

ଶ୍ରୀ ଭଗୀରଥି ନେପାକ

Digitized by PPRACHIN, SOA

ପ୍ରାଚୀ ପ୍ରକାଶନ · କଟକ-୨

ପ୍ରଥମ ପ୍ରକାଶ : ୧୯୭୩
ଏକଟଙ୍କା ପଚାଶ ପଇସା

ଶ୍ରୀ ରାଧାନାଥ କୋ-ଅପରେଟିଭ୍ ପ୍ରେସ, କଟକ-୨

MANGALA SUTRA

BHAGIRATHI NEPAK.

Digitized by PPRACHIN, SOA

ପୂଜାଛୁଟି ପାଖେଇ ଆସୁଛି··· ।

ସୁଦୀର୍ଘ ପ୍ରତୀକ୍ଷାର ଏଇ ପୂଜାଛୁଟି··· ।

ଆଃ···କେତେ ଆନନ୍ଦ ସତେ ! ପ୍ରତିବର୍ଷ ପରି ଏ ବର୍ଷ ଆସୁଛି ଏଇ ପୂଜାଛୁଟି । ଗଲଥର ବି ଆସିଥିଲା । ହେଲେ ସବୁଥର ମନେହୁଏ ଯେମିତି ନୂଆ ନୂଆ ଉଚ୍ଛ୍ୱାସ, ଆବେଗ ଆଉ ଉଦ୍ଦୀପନା ନେଇ ଏଇ ପୂଜାଛୁଟି ଆସୁଛି । ବଡ଼ ଆନନ୍ଦରେ ଆସେ, ଆଉ ଭରି ଦୁଃଖରେ ବିଦାୟ ନେଇ ଚାଲିଯାଏ ।

ଏଇ ଛୁଟିର ମମତା କେବଳ ଅନୁଭବୀହିଁ ଜାଣିବା ସମ୍ଭବ । ସତେ ଯେମିତି ଏଇଟା ଛାତ୍ରଜୀବନର ଗ୍ରୀଷ୍ମଛୁଟି । କିରାଣୀ ଜୀବନରେ ଏଇଟା ସବୁଠାରୁ ସୁଦୀର୍ଘ । ପ୍ରତିଥର ଏଇ ଛୁଟି ଆସିବାର ବହୁ ଆଗରୁ ବର୍ଷଯାକର ବାକି ରହି-ଯାଇଥିବା ଯୋଜନାତକ ଏଇ ଅବସରରେ ସାରିଦବାର ପରିକଳ୍ପନା କରାଯାଇଥାଏ । ହେଲେ ପୂଜାଛୁଟି ଆସି ଚାଲି-ଯାଏ ଠିକ୍ ଗୋଟିଏ ବେଗବତୀ ବିଜୁଳିକନ୍ୟା ଭଳି । ତା' ପଛ କିଏ ଛୁଇଁ ପାରନ୍ତି, କିଏ ବା ପାରନ୍ତିନ । ତେଣୁ ପୁଣି ସେମିତି ଅନେକ ବାକି ରହିଯାଏ ।

Digitized by PPRACHIN, SOA

ବେଳେବେଳେ ତୁଳନା କରିବାକୁ ଇଚ୍ଛାହୁଏ—ଦୁଷ୍ଟ ସ୍କୁଲ ଜୀବନର ଶେଷ ପିରିୟଡ଼ଟା ଗଣିତ କ୍ଲାସରେ ବସି ବିରକ୍ତି ଅନୁଭବ କରିଲାବେଳେ ଲାଗେ ଯେମିତି ପିରିୟଡ଼ଟା ବେଶ୍ ବଡ଼, ଜମା ସରୁନି; କିନ୍ତୁ ଠିକ୍ ବେଲ୍ ବାଜିବା ବେଳେ ଯେ କି ଆନନ୍ଦ ! ସେମିତି ଏଇ ପୂଜା ଆଗର ଅଫିସ କେଇଦିନ ଭାରି ବିରକ୍ତିକର ଲାଗେ । ମନେହୁଏ, ଜମା ସରୁନି । ତା'ପରେ ହଠାତ୍ ଆସିଗଲା ପରେ ଯେମିତି କ୍ଲାସରୁ ଛୁଟି ହୋଇଗଲା ଭଳି ବୋଧହୁଏ । ମନଟା ବିଲକୁଲ ଲଗାମଛଡ଼ା ହୋଇଉଠେ ।

ପୂଜାଛୁଟି ଆଗରୁ ବିଭିନ୍ନ ରକମର ବେଶ୍ କିଛିଟା ପ୍ରସ୍ତୁତି ଦରକାର । ସେଥିପାଇଁ ଚେଷ୍ଟା କେବେଠୁଁ ଆରମ୍ଭ ହୋଇଗଲାଣି । ଅଳ୍ପ ବହୁତେ ପିଅନ ଆଉ ତଳ କିରାଣୀ-ମାନେ ହେଡ୍ କିରାଣୀ ଆଉ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ପାଖରେ ଠିଆ ହେଲେଣି । ବେଶୀ ବେଶୀ ପାନ, ସିଗାରେଟ୍, ଚା' ଖାଇବାକୁ ଯାଚିଲେଣି । ତା' ନ ହେଲେ ନାଁଟା ରୋଷ୍ଟର ତାଲିକାରେ ରହିଯିବାର ସମ୍ଭାବନା; ଆଉ ଯାଇହେବନି ।

ଘଡ଼ି ଘଡ଼ି ଆଲୋଚନା ସେଥିପାଇଁ । କିଏ ପୂଜାଛୁଟିରେ ଯାଇ କ'ଣ କରିବ ସେଥିପାଇଁ ବି ଉଚ୍ଚସ୍ୱରରେ ଚର୍ଚ୍ଚା ଚାଲିଛି । ହେମନ୍ତ କହିଲା, ଏଇ ଛୁଟିରେ ତା'ର ସ୍ତ୍ରୀର ଯେତକ ହାତତିଆରି ଏମ୍ବ୍ରଏଡ଼ରି ଅଛି ତାକୁ ସବୁ ବନ୍ଧେଇବ, ତା' ନ ହେଲେ ସବୁଗୁଡ଼ାକ ଖରାପ ହୋଇ-ଯିବାର ସମ୍ଭାବନା । ସେଗୁଡ଼ା ଏଥର ବନ୍ଧେଇ ଆଣିଲା-

Digitized by PPRACHIN, SOA

ବେଳେ ବିକାଶକୁ ଦେଖିଲେଇବ । ଘର ସୁଏଟରଟା ସେ ବୁଣିଚ ଯେ ସମସ୍ତଙ୍କୁ ଦେଖେଇହଉଚ ।

ଜନାର୍ଦ୍ଦନ କହୁଥିଲ—ଏଥର ଛୁଟିରେ ମ୍ୟୁନିକ ଫୁଲ-ଗଛର କୁଣ୍ଡ ନ ବଦଳେଇଲେ ଆଉ ରକ୍ଷା ନାହିଁ । ବିଶେଷ କରି ଗୋଲପଗଛ କଟାହବା ସିଜନ୍ ଆସିଗଲ ।

ବିରଜା କଥାପ୍ରସଙ୍ଗରେ କହୁଛି, ଏଇ ଛୁଟି ଭିତରେ ଯଦି ସେ ତା ଭଉଣୀ ବାହାଘର କେଉଁଠି ପ୍ରସ୍ତାବ ନ ପକେଇ ପାରେ ତା'ହେଲେ ଛୁଟି ନେଇ ତାକୁ ଲଗି ଏଥର ଉଠେଇବ । ନ ହେଲେ ଦିନକୁଦିନ ବଳେଇପଡୁଚ ।

ନିଜ ନିଜର ଆଡ୍‌ଭାନସ୍ ଟଙ୍କା ନେଇସାରି ସେଇ ଅନୁପାତରେ କଣାକଣି ଆରମ୍ଭ ହେଇଗଲଣି । କିଏ ବା ମନା କରିଚ ପୂଜା ଆଡ୍‌ଭାନସ୍ ନେଇଚ ବୋଲି ବାହାରେ କହିବାକୁ । ନ ହେଲେ ଜଲଖିଆ ଦୋକାନୀଟା ସବୁ ଟଙ୍କା ତା'ର ଏଇଥର ମାଗିବସିବ । ଘରକୁ ଖଣ୍ଡେ ନୂଆ ଜିନଷ ନେଇପାରିବନ ।

ସେପାଖ ଖଞ୍ଜାରୁ ଖୁବ୍ କଡ଼ା ଭାଷାର ବଚସା ଭାସି-ଆସୁଚ । କିଏ ଜଣେ କିଣିଥିବା ନୂଆ ସିଲଟ ପଟା ଉପରେ ଆଉ ଜଣେ କାହାର ପାଦ ପଡ଼ିଯିବାରୁ ସେଇଟା ଭାଙ୍ଗି-ଯାଇଚ । ପହିଲି ଖଡ଼ିଛୁଆଁଟା ଅମଙ୍ଗଳ ହେଇଗଲ ବୋଲି ତା'ର ରାଗ ।

ସବୁଆଡ଼େ ଯେମିତ ଗତି ବଢ଼ିଯାଇଛି । ମନେହେଉଛି, ପ୍ରତ୍ୟେକ ଦିଗରେ ଗୋଟାଏ ବାତାବରଣର ପରିବର୍ତ୍ତନ ଘଟିଛି । ଆଜି ସେ ପରିବର୍ତ୍ତନଟା କେବଳ ଏଇ ବସ୍ତୁ

Digitized by PPRACHIN, SOA

ଆକାଙ୍କ୍ଷିତ ପ୍ରଜାପତି—ରାଜଧାନୀର କେତୋଟି ଯାନ୍ତ୍ରିକ ଯୌବଙ୍କର କଣ୍ଠର ଅବସର ସୂଚନା ଦେଇ ପାଖେଇ ଆସୁଥିବା ପ୍ରଜାପତି ।

ମାନସ ସେନ ମନର ବୁଭୁକ୍ଷା ନେଇ ଆକାଶକୁ ଚାହିଁଲା—

ନୂଆରାଜଧାନୀର ନିର୍ଜୀବ ଆକାଶରେ ଯୌବନରଙ୍ଗ ଲାଗିଛି । ଅନେକ ରଙ୍ଗ, ଅନେକ ବର୍ଣ୍ଣ । ମାନସ ସେନର ମନେ ହେଲା, ଅନେକ ଦିନ ପରେ ନୂଆରାଜଧାନୀର ନିର୍ଜନ ଆକାଶରେ ସେ ଏତେଗୁଡ଼ିଏ ରଙ୍ଗ ଓ ବର୍ଣ୍ଣର ଏକତ୍ର ସମାହାର ଦେଖୁଛି ।

ନୀଳ ନିର୍ଜନ ଆକାଶଟା କଣ ତା'ର ନିଜ ମନର ପ୍ରତୀକ ଓ ସେହି ଆକାଶର ଚିହ୍ନସବୁ କଣ ତା'ର ସ୍ୱପ୍ନସଙ୍ଗିନୀର ପ୍ରତିଛବି !

କେଜାଣି !

ମାନସ ସେନ ଭାବିଲା, ଆକାଶର ବର୍ଣ୍ଣବୈଚିତ୍ର୍ୟ ଭିତରେ ତା'ର ମନର ମାନସୀ ଛୁଡ଼ା ହୋଇ, ଆସନ୍ତା ପ୍ରଜାପତି କଥା ମନେ ପକାଇ ଦେଉଛି । କହୁଛି, ତୁମେ ଆସୁଛ ତ ମାନସ ? ଏତେବଡ଼ ପ୍ରଜାପତି କଣ ଏକୁଟିଆ କାଟିବ ? ଅନେକ ଦିନରୁ ଦେଖା ହୋଇଥିଲା, ଆସନ୍ତ ନାହିଁ ମାନସ ! ଆମର ପୂର୍ବ ପରିଚୟକୁ ପୁଣିଥରେ ଘଷିମାଜି ନୂଆ କରି-ନିଅନ୍ତୁ !

Digitized by PPRACHIN, SOA

ସହରେ ଅନେକ ଦିନ ହେଲା ରୂପସୀ ମମତା ସଙ୍ଗରେ ସାକ୍ଷାତ ହୋଇନାହିଁ । ପୁଣି ଥରେ ସାକ୍ଷାତ ହେଲେ କେତେ ଖୁସି ଲାଗନ୍ତା ନାହିଁ !

ମାନସ ସେନ ନିଠେଇ ନିଠେଇ ଆକାଶର ବର୍ଣ୍ଣ ବୈଚିତ୍ର୍ୟକୁ ଅନୁଧ୍ୟାନ କରିବାରେ ଲାଗିଲା । ଉଷା ବାଦଲର କଳ୍ପିତ ଛବିଗୁଡ଼ାକ ଆଡ଼ିଦେଖା ଦେଇ ପୁଣି ଥରେ ଲୁଚି ଯାଉଛନ୍ତି । ଲଜ୍ଜାନମ୍ର ଗ୍ରାମ୍ୟବଧୂ ଭଳି ଛନ୍ଦାୟିତ ଗତିରେ ସେମାନେ ଲୁଚିଯାଉଛନ୍ତି । ଆକାଶର ବର୍ଣ୍ଣବୈଚିତ୍ର୍ୟ ମଧ୍ୟରେ ସେମାନଙ୍କ ସ୍ଥିତିକୁ ବହୁ ସମୟ ଧରି ଅଟକାଇ ରଖିବା ଏକାନ୍ତ ଅବାସ୍ତବ ।

ଆଃ, ସେମାନଙ୍କ ସେହି ମଧୁର ଅଳସ ଆଖି ! ସେ ଆଖି ଠାରରେ କେତେ ଅସ୍ପଷ୍ଟ ଅଧୀର ସଂଳାପ ! ସେହି ଆଖିଡୋଳାରେ କେତେ ଛନ୍ଦମଧୁର ସଙ୍ଗୀତ !

ଈଷତ୍‌କୃଷ୍ଣ ବାଦଲଗୁଡ଼ିକ କଳ୍ପିତ ଛବିମାନଙ୍କ ଦେହରେ ଗୁଡ଼ାଇ ହୋଇ ଯାଉଛନ୍ତି ।

ମାନସ ସେନର ମନେହେଲା, ସେହି କୃଷ୍ଣ ବାଦଲ-ଗୁଡ଼ିକ ତା'ର ମାନସୀର ଆଲୁଳାୟିତ କେଶ ବୀଥିକା । ସେହି ଆଲୁଳାୟିତ କେଶଗୁଚ୍ଛରେ ମଧୁଗନ୍ଧ କାର ସୁରଭି ।

ମାନସ ସେନର ମନ-ଆକାଶରେ ସ୍ମୃତିର ସୁରଭି ଲାଗିଛି । ସେହି ସୁରଭି ତାକୁ ଉଚ୍ଚାଟ କରି ତୋଳିଛି । ସୁରଭିବୋଳା ଦେହ ମନ ତାର ପୁଲକିତ ହୋଇଉଠିନ୍ତି ।

ସକାଳ ପ୍ରହରର ମଧୁମାଦକତାରେ ମାନସ ସେନର ମନ ଓ ପ୍ରାଣ ପୂରିଉଠିଲା ।

Digitized by PPRACHIN, SOA

ଅନେକ, ଅନେକ ଦିନ ପରେ ସେ ପୁଣି ଥରେ ନବଜୀବନ ପାଇଲା ଯେମିତି ! ତାର ସାଇତା ସ୍ମୃତି ସବୁ ଗୋଟିଏ ସ୍ରୋତରେ ଛୁଟି ଆସି ତାକୁ ବେଢ଼ିଗଲେ । ସେ ସେହି ସ୍ମୃତି ଭିତରେ ନିଜକୁ ହଜାଇ ଦେଇ ଆଉ ଗୋଟିଏ ମଣିଷ ପାଲଟିଗଲା । ଠିକ୍ ଏତିକବେଳେ ନୂଆ ରାଜଧାନୀରେ ସକାଳ ପାହିଆସୁଥାଏ ।

ସକାଳ ପ୍ରହରର ଟ୍ରେନ୍‌ଟା ଭୀଷଣ ଗର୍ଜନ କରି ନୂଆ-ରାଜଧାନୀର ନବନିର୍ମିତ ପ୍ଲାଟ୍‌ଫର୍ମ ଛାଡ଼ିଲା । ଇଟା ବାଲିର ବୋଝ ବୋହି କେତୋଟି ମାଲବୁହା ଟ୍ରକ୍ ନୂଆ ସଡ଼କରେ ଖର ବେଗରେ ଛୁଟିଗଲେ ।

ହକର୍ ଦୈନିକ ଖବର କାଗଜଟା କ୍ୱାଟର୍ ଝରକା ଭିତରେ ଗଳାଇ ଦେଉ ଦେଉ ପ୍ରଶ୍ନ କଲା, ପୂଜାଛୁଟିରେ ଗାଁକୁ ଯାଉଛନ୍ତି ତ ?

ମାନସ ସେନ ମୁହଁ ଓସାର ହସୁ ହସୁ କହିଲା, କାଲି କହିବି !

ମାନସ ମୁହଁ ଧୋଇନେଇ ପୁଣି ଥରେ ବାସି ବିଛଣାରେ ବସିଲା । ଅନ୍ୟାନ୍ୟ କାମ ଆରମ୍ଭ କରିବା ପୂର୍ବରୁ ସକାଳୁଆ ଖବରଟା ପଢ଼ିନେବା ତାର ଅଭ୍ୟାସ ।

ବଗିଚାରେ ଫୁଲ ଫୁଟିଛି । ଫୁଲ ତୋଳିବେ ବୋଲି ଝୁରି ପାଞ୍ଚ ବର୍ଷର ପୁଅଝିଅ ଦି'ଟା ସୁଯୋଗ ଉଣ୍ଡୁଛନ୍ତି । ଆଖିରେ ତାଙ୍କର ଭୟାତୁର ଭାବ ।

ମାନସ ସେନର ନିଜର ଭାଇଭଉଣୀଙ୍କ କଥା ମନେ ପଡ଼ିଲା । ଖୁବ୍ ସକାଳୁ ସେମାନଙ୍କର ନିଦ ଭାଙ୍ଗେ । ନିଦ

Digitized by PPRACHIN, SOA

ସଙ୍ଗିବାମାନଙ୍କେ ତା'ର ଯନ୍ତ୍ରଣା ପାଖକୁ ଛୁଟିଆସି ତାକୁ ବ୍ୟସ୍ତ ବିବ୍ରତ କରିଦିଅନ୍ତି । କହନ୍ତି, ଏତେ ବଡ଼ ପିଲା ହୋଇ ଆହୁରି ଶୋଇଛ ! ଆମକୁ ଦେଖିଲ ! ଆମେ କେତେବେଳୁ ଉଠିସାରିଲୁଣି !

ଶୋଇବାକୁ ଆହୁରି ଇଚ୍ଛା ଥିଲେ ବି ମାନସ ଶୋଇ-ପାରେ ନା । ସେ ବାଧ ହୋଇ ଯନ୍ତ୍ରଣା ଭୁଞ୍ଜେ ।

ମାନସ ସେମିତ ନିଜର ଭାଇ ଭଉଣୀ, ବାପ ମା, ସାଙ୍ଗ ସାଥୀଙ୍କ କଥା ମନେ ପକାଇ ଉତ୍ଫୁଲ୍ଲ ହୋଇଉଠୁଥିଲା । ସେ ସେହି ଅପେକ୍ଷମାଣ ପୁଅ ଝିଅ ଦି'ଟାଙ୍କୁ ପାଖକୁ ଡାକି ଫୁଲ ତୋଳିବାକୁ ଅନୁମତି ଦେଲା ।

ପିଲା ଦି'ଟାଙ୍କ ମନ ଖୁବ୍ ଆନନ୍ଦ । ସେମାନେ ବଗିଚା ଭିତରେ ପ୍ରଜାପତି ପରି ବୁଲି ହୋଇଯାଇ ଗୋଟିକ ପରେ ଗୋଟିଏ ବଡ଼ ଫୁଲ ସଂଗ୍ରହ କଲେ ।

ମାନସ ସେନ ସେହି ପିଲା ଦି'ଟାଙ୍କ ଆନନ୍ଦକୁ ମନ-ଭରି ଉପଭୋଗ କରୁଥିଲା । ମନେ ହେଉଥିଲା, ଭୁବନେଶ୍ୱରଟା କଲିକତା ପାଲଟିଯାଇଛି । ତାପସ ଓ ତପସ୍ୱିନୀ ବାଡ଼ି ବଗିଚାରେ ବୁଲି ଫୁଲ ତୋଳୁଛନ୍ତି । ଆଃ, ପୂଜାଛୁଟି ପାଖେଇ ଆସୁଛି ।

କିନ୍ତୁ ବାପାଙ୍କ ପାଖକୁ ଅଳ୍ପ କିଛିଦିନ ହେଲା ଉତ୍ତର ଲେଖିଥିଲା, ଅଫିସରେ ଅନେକ କାମ ବାପା ! ଅଫିସର ଛୁଟି ଦେବାକୁ ସଂପୂର୍ଣ୍ଣ ନାରାଜ । ଯିବି କେମିତି ?

ମାଆ ଚିଠି ଲେଖିଥିଲେ, ଯାହା ଯେମିତି ହେଉ ପଛକେ ତୁ ନିଶ୍ଚୟ ଆସିବୁ । ପୂରା ବର୍ଷେ ହେଲା ଆସିନାହୁଁ ।

Digitized by PPRACHIN, SOA

ତୋତେ ଦେଖିବାକୁ ମନଟା ଛିନ୍‌ଭିନ୍ ହୋଇଯାଉଛି । ପୂଜାଛୁଟିରେ ଯଦି ଭୁବନେଶ୍ୱର ଛାଡ଼ିବାକୁ ଅଫିସର ମନା କରିଦିଏ, ତାହାହେଲେ ଚାକିରି ଛାଡ଼ିଦେବି । ବସ୍ତୁ ତ ବଳେଇଯାଉନାହିଁ ! ଆଉ ଗୋଟିଏ ଚାକିରି ଯୋଗାଡ଼ କରିବା ।

ମାନସ ହେନ ମନକୁ ମନ ହସିଲା ।

ହଁ, ପୂଜାଛୁଟି ଆସୁଛି । ଆସୁ, ଦେଖାଯିବ ।

ସରକାରୀ ବସାଘରେ ଦୁଇଟା ବୋଲି କୋଠରି । କୋଠରି ଭିତରେ ଚାରି ଜଣ ମଣିଷ ଖୁନ୍ଦାଖୁନ୍ଦି ହୋଇ ଚଳନ୍ତି !

ଅଥଚ—

ଅଫିସରମାନଙ୍କ ସକାଶେ ଉଦ୍ଦିଷ୍ଟ ବସାଘରେ ମସ୍ତବଡ଼ କୋଠରି ଚାରି ପାଞ୍ଚଟା କରି । କାହାର କାହାର ଘରସଂଖ୍ୟା ଏତେ ବେଶୀ ଯେ ପିଲାମାନଙ୍କୁ ଏକାକିଆ ରହିବାକୁ ଡର ମାଡ଼େ । ସନ୍ତାନହୀନା ଗୃହିଣୀ, ସ୍ୱାମୀ ଅଫିସକୁ ଚାଲିଗଲେ ଦୁଆରେ କୋଲପ ପକାଇ ପଡ଼ୋଶୀ ଘରେ ଧନ କାଟେ ।

Digitized by PPRACHIN, SOA

ବସାଘରେ ଗୁଟେଗୁଟି ମଣିଷ ଏକାଠି ରହିଲେ ଅସୁବିଧା ହେବ ମନେ କର, ଆଉ ଦୁଇଜଣ ବନ୍ଧୁ ଅନ୍ୟତ୍ର ରହୁଛନ୍ତି । ଆଶା ଅଛି, ନୂଆଘର ତିଆରି ସରିଲେ ସମସ୍ତେ ସୁଖରେ ରହିବେ । ଆଉ ପାରାଖୁଡ଼ି ପରି ଗୁନ୍ଦାଗୁନ୍ଦି ହୋଇ ରହିବାର ଅସୁବିଧା ହେବ ନାହିଁ ।

ସେଇ ସମ୍ଭାବନାଟା ଆଉ ଆଶା-ମରୀଚିକା ନୁହେଁ ତ ?

କ'ଣ ହେଉଛି । ଦେଖାଯାଉ !

ମାନସ ସେନ, ବସାଘରର ଅନ୍ୟତମ ସାଥୀରୂପେ ବାଛି-ନେଇଛି ବିକାଶ ରାୟକୁ ।

ବିକାଶ ରାୟ ବିବାହିତ । ଓଡ଼ିଶାର ସମ୍ବଲପୁରଟା ତା'ର ଆଦି ବାସସ୍ଥାନ କହିଲେ ହୁଏତ ଭୁଲ ହେବ । କାରଣ, ସେ ଜାଣେ, ତିନି ପୁରୁଷ ତଳେ ତା'ର ବଂଶର ଜଣେ ଗୃହସ୍ଥ କଲିକତା ସହରର କୋଠାବାଡ଼ି ବିକି ଓଡ଼ିଶାକୁ ଚାଲିଆସିଥିଲେ । ଓଡ଼ିଶାରେ ଚେର ଲାଗି-ଯାଇଛି । ବନ୍ଧୁବାନ୍ଧବଙ୍କର ସ୍ନେହମମତାରେ ବୁଡ଼ି-ଗଲେଣି । ଓଡ଼ିଆମାନଙ୍କ ସାମନାରେ ନିଜେ ଓଡ଼ିଆ ବୋଲି ପରିଚୟ ଦେବାକୁ ଆଗଭର ହେଉଛନ୍ତି ।

ଅଥଚ ଦିନେ ନିଭୃତରେ ବିକାଶ ରାୟ ମାନସ ସେନକୁ ଚୁପ୍ ଚୁପ୍ କହିଥିଲା, ସେ ଓଡ଼ିଆ ନୁହେଁ, ବଙ୍ଗାଳୀ ।

ସେଇଦିନଠୁ ମାନସ ସେନ ଓ ବିକାଶ ରାୟର ବନ୍ଧୁତା ଗଭୀର ହୋଇଛି । ସେମାନଙ୍କ ରୁଚିରେ ମଧ୍ୟ ଅସମ୍ଭବ ଧରଣର ସମତା ।

Digitized by PPRACHIN, SOA

ମାସନ ସେନ କଲିକତା କଥା କହିଲେ ଅତି ଆଗ୍ରହର ସହିତ ଶୁଣିବସେ ପ୍ରକାଶ ଗୁପ୍ତ । ଖାଲି ସେତିକ ତ ନୁହେଁ, ବଙ୍ଗଳା ଦେଶର ଚାଲିଚଳନ, ଆଚାରବ୍ୟବହାର ପ୍ରତି ତାର ଅନେକ ଆଦର । ବଙ୍ଗାଳୀ ଝିଅଙ୍କୁ ସେ ତାରିଫ୍ କରେ । ସେମାନଙ୍କ ବେଶଭୂଷଣ, କଥା କହିବାର ଭଙ୍ଗୀ, ଚାଲିବାର ଶୈଳୀ ଉପରେ ତାର ଉଚ୍ଛ୍ୱସିତ ପ୍ରଶଂସା ।

ପ୍ରକାଶ ଗୁପ୍ତ ତାର ଆଦ୍ୟ ଯୌବନରେ ଗୋଟିଏ ନବୋଢ଼ା ବଙ୍ଗାଳୀ ଝିଅ ବାହାହେବ ବୋଲି ଇଚ୍ଛା କରିଥିଲା । ବାପମାଙ୍କୁ କଲିକତା ପଠାଇ ଝିଅ ବାଛିବାକୁ ବରାଦ କଲା । ଅନେକ ଚେଷ୍ଟାପରେ ଯେଉଁ କେତୋଟି ପ୍ରସ୍ତାବ ସିଦ୍ଧ ହେବ ବୋଲି ଅନୁମିତ ହେଲା, ଶେଷ ପର୍ଯ୍ୟାୟରେ ସେ ସବୁ ଭାଙ୍ଗିଗଲା ।

କାରଣ ଓଡ଼ିଶାରେ ବସବାସ କରି ରହୁଥିବା ବଙ୍ଗାଳୀ ପରିବାର ପ୍ରତି ବଙ୍ଗଳାର ଗୃହସ୍ଥ ସନ୍ତୁଷ୍ଟ ନୁହେଁ । 'କେବା' ବଙ୍ଗାଳୀ ଘରେ ବନ୍ଧୁତା ସ୍ଥାପନ କରିବାକୁ ଖାଣ୍ଟି ବଙ୍ଗାଳୀ ଘର ମଙ୍ଗନ୍ତି ନାହିଁ । କେବଳ ସେତିକ ତ ନୁହ, ପଶ୍ଚିମ ବଙ୍ଗଳାର ଗୃହସ୍ଥ ପୂର୍ବବଙ୍ଗଳାରୁ ଝିଅ ଆଣିବାକୁ ବା ପୂର୍ବ-ବଙ୍ଗଳାର ବାସଚ୍ୟୁତ ପରିବାର ଭିତରେ ଝିଅ ଦେବାକୁ ମୋଟେ ପସନ୍ଦ କରେନା ।

ଅବଶେଷରେ ପ୍ରକାଶ ଗୁପ୍ତ ସେହି ସମ୍ବଲପୁର ସହରର ଜଣେ ନାମଜାଦା ବଙ୍ଗାଳୀ ପରିବାରର ଝିଅକୁ ବାହାହେଲା । ଝିଅଟି କୁଆଡ଼େ ଖୁବ୍ ସୁନ୍ଦରୀ । କଲେଜରେ ପାଠ ପଢ଼ିଛି । ଭଲ ସ୍ୱରରେ ସଙ୍ଗୀତ ଗାଇପାରେ । ଅନେକ ଦିନ ହେଲା

Digitized by PPRACHIN, SOA

ମାନସ ସଙ୍ଗରେ ଲଗାଇଛି, ସେ ପରିବାର ନେଇ ଭୁବନେଶ୍ୱର ଆସିବ ।

ମାନସ ସେନ ପାଇଁ ଇଏ ଏକ ଆତୁର ଅଡୁଆର ଅବସ୍ଥା !

ବିକାଶ ରାୟ ଆର କୋଠରିରେ ଟ୍ରଙ୍କ ବିଛଣା ସଜାଡୁଛି । ପୂଜାଛୁଟିର ଦୁଇଦିନ ପୂର୍ବରୁ ଚାଲିଯିବ । ଅଫିସର ତାର ଖୁବ୍ ଦୟାବନ୍ତ । ସେ ବିକାଶ ରାୟଙ୍କୁ ଛୁଟି ଦେବେ ବୋଲି ମୌଖିକ ଆଶ୍ୱାସନା ଦେଇଛନ୍ତି ।

ବିବାହିତ ବିକାଶ ରାୟ ଦିନ ଗଣୁଛି । ଛୁଟି ନ ହେଉଣୁ ସମ୍ବଲପୁର ଯିବ ବୋଲି ପ୍ରସ୍ତୁତ ହେଉଛି । ସେଦିନ ସେ ମାନସ ପାଖରେ ଗୁହାରି କରୁଥିଲା, ଏଇ କେଇଟା ଦିନ ଖୁବ୍ ଲମ୍ବା ଜଣା ପଡ଼ୁଛି ରେ ମାନସ ! ଦିନମାନ କେମିତି ଅତି ଶେଷ ହୋଇଯିବ, ତାହାହିଁ ଭାବି ଦେଖୁଛି ।

ଖାଲି ସେତିକି ତ ନୁହେଁ, ବିକାଶରାୟ କହୁଥିଲା, ସେ ତା'ର ସ୍ତ୍ରୀକୁ ସ୍ୱପ୍ନ ଦେଖିବା ଆରମ୍ଭ କଲାଣି । ତା'ର ସ୍ତ୍ରୀର ସୁନ୍ଦର ମୁହଁଟା ଆଖି ଆଗରେ ଝଲସି ଯାଉଛି । କାମଧାମ ମୋଟେ କରି ହେଉନାହିଁ । ଅଫିସ ଭିତରେ ସବୁ ହିସାବ ଗୋଳମାଳ ହୋଇଯାଉଛି ।

ମାନସ ସେନ ଲକ୍ଷ୍ୟ କରିଛି, ବିକାଶରାୟ ଗତ ସପ୍ତାହେ ହେଲା ଅନ୍ୟମନସ୍କ । ତାର ସ୍ତ୍ରୀର ଫଟୋଖଣ୍ଡିକ ସଙ୍ଗରେ ତା'ର ହାତଲେଖା ଚିଠିଟିକୁ ବାରମ୍ବାର ମିଳାଇ ପଢ଼ୁଛି ।

ସେଦିନ ସେ ତା'ର ସ୍ତ୍ରୀର ହାତଲେଖା ଚିଠିଟିକୁ ବାଧ୍ୟକରି ମାନସ ହାତରେ ଗୁଞ୍ଜି ଦେଇ, ତାକୁ ହିଁ ସେ ଚିଠି ପଢ଼ିବାକୁ ଘଣନସ୍କମ ପକାଇଥିଲା ।

Digitized by PPRACHIN, SOA

ସ୍ତ୍ରୀ ଲେଖିଛି ସ୍ୱାମୀ ପାଖକୁ ଚିଠି, ଅଥଚ ଅନ୍ୟ ଜଣେ ସେ ଚିଠି ପଢ଼ୁ ବୋଲି ସ୍ୱାମୀ ନିଜେ ଗଣ ନିମୂଳ ପକାଉଛି !

ମାନସ ସେନ ଚାଧ ଚାହାଁଇ ସେ ଚିଠି ପଢ଼ିଥିଲା । ହାତ ତା'ର ଥର ଥର ହଉଥାଏ । ରାଜ୍ୟଯାକର ସଙ୍କୋଚ ଗଳାତଳକୁ ଭିଡ଼ିପକାଉଥାଏ । ତଥାପି ଚିଠି ନ ପଢ଼ି ରକ୍ଷା ନାହିଁ ।

ପ୍ରକାଶ ରାୟଙ୍କର ପତ୍ନୀ ଲେଖିଥିଲା, ପୂଜାଛୁଟି ଯେତିକି ପାଖେଇ ପାଖେଇ ଆସୁଛି, ପ୍ରତିଟି ଦିନ ସେତିକି ସେତିକି ସୁଦୀର୍ଘ ମନେ ହେଉଛି । ଦିନ ନୁହେ ସେ, ଗୋଟିଏ ଗୋଟିଏ ବର୍ଷ । ତୁମର ଫେରିବା ବାଟକୁ ଅନାଇ ବସିଛି । ମୋ ରାଣ, ଛୁଟି ହେବା ପୂର୍ବରୁ ନିଶ୍ଚୟ ଚାଲିଆସିବ । ଦଶଟା ଦିନ ତ ଛୁଟି ! ଚାହୁଁ ଚାହୁଁ ଦିନ ସରିଯିବ । ମୁଁ ତୁମର ଭିତରେ ଅନେକ କଥା ତୁମକୁ କହିବି ବୋଲି ଭାବିଛି । ଛୁଟି ପୂର୍ବରୁ କ'ଣ ସବୁକଥା କହିପାରିବ ?

ସେଇ ଯେ ଚୈତ୍ରମାସ ପୂର୍ବରୁ ଆସିଥିଲ, ଆଉ ଆସିଲ ନାହିଁ । ଅଥଚ ଗଲାବେଳେ ପ୍ରତିଶ୍ରୁତି ଦେଇଯାଇଥିଲ, ନିଶ୍ଚୟ ଆସୁଛି । ତୁମେଟିଏ ପାଇବ ବୋଲି ଏ ଛଳନା କଲ, ନୁହେଁ ?

ସତରେ କ'ଣ ଅଫିସରେ ତୁମର ଏତେ କାମ ? ଅଫିସ କାମ ତୁମକୁ ଏତେଦିନଯାଏ ଭୁଲାଇ ରଖିପାରିଛି ? ମୋର ଭୟ ହୁଏ, କାଳେ ଅଫିସ କାମ କରୁ କରୁ

Digitized by PPRACHIN, SOA

ମୋତେ ବି ସାଷ୍ଟାଙ୍ଗ ଦେବ । ହଉ, ଏ ସ୍ୱର୍ଗରେ କଣ ଅଛି, ଦେଖାଯାଉ ।

ଶୁଣିଲି, ତୁମ ଅଫିସରେ ଏବେ ଝିଅମାନେ ବି କାମ କରି ବସିଲେଣି । ତୁମେ କଣ ସେମାନଙ୍କ ପାଖରେ ବସି କାମ କର ? ସେମାନେ ଦେଖିବାକୁ ଖୁବ୍ ସୁନ୍ଦରୀ, ନା ?

ଯାହା ହେଉ, ଏଥର ଯେମିତି ହେଲେ ବସାଘର ଠିକ୍ କରି ଆସିଥିବ । ପୂଜାଛୁଟି ପରେ ପରେ ସାଙ୍ଗ ହୋଇ ଚାଲିଯିବା । ମୁଁ ଆଉ ଏକୁଟିଆ ରହିପାରୁନି । ତୁମେ ସବୁବେଳେ ମୋର ମନେପଡ଼ୁଛ । ଗଲଥର ପରି ଏକାଠି ବସି ମୋ'ଠୁ ଚୁମା ମାଗୁଛ । ମୁଁ ନାହିଁ କଲେ ଅଭିମାନରେ ଝାଉଁଳି ପଡ଼ୁଛ । ସେ ଦୃଶ୍ୟ ସ୍ୱପ୍ନରେ ଦେଖି ନିଦ ଭାଙ୍ଗିଯାଉଛି । ଉଠି ଦେଖେ, ତୁମେ ପାଖରେ ନାହିଁ । ବୃକ୍ସ୍‌ୱିଲ୍ ପାହାଡ଼ଟା ସତେ ଅବା ମଥା ଉପରେ ମାଡ଼ି ମାଡ଼ି ପଡ଼ୁଛି । ସେଇ ଯେ ନିଦ ଭାଙ୍ଗୁଛି, ସହସ୍ର ଚେଷ୍ଟାରେ ଆଉ ଶୋଇହେଉନାହିଁ ।

ଦିନେ ସ୍ୱପ୍ନକଥା ମୋର ଜଣେ ସାଙ୍ଗକୁ ଶୁଣାଇଥିଲି । ସେ କଥା ଶୁଣି ସେ କ'ଣ କହିଲା, ଶୁଣିବ ? କହିଲା, ତୁମେ କୁଆଡ଼େ ଭୁବନେଶ୍ୱରରେ ଆଉ କାହାର ପ୍ରେମରେ ପଡ଼ିଲଣି ବୋଲି ମୋତେ ଏସବୁ ଓଲଟା ସ୍ୱପ୍ନ ହେଉଛି ! ମୋର ସାଙ୍ଗ କ'ଣ ସତ କହିଲା ?

ହଁ, ଏଥର ତୁମର କହିବା ପ୍ରକାରରେ ନାଲି ଶାଢ଼ି ସାଙ୍ଗକୁ ନାଲି ବ୍ଲାଉଜ୍ ତିଆରି କରିଛି । ସେ ଲାଲ ଟହ ଟହ ରଙ୍ଗ ଦେଖି ଆଖି ମୋର ଖୋସି ହୋଇଯାଉଛି । ଭଲ

Digitized by PPRACHIN, SOA

ନାଲି ରିବନ ଏଠି ମିଳିଲା ନାହିଁ । ଭୁବନେଶ୍ୱରରୁ ଦୁ'ଗୁଚ୍ଛ ମଗାଇ ନେଇଆସିବି । ତୁମେ କହୁଥିଲ, ବେଣୀ ପକାଇ ନାଲି ରିବନ୍‌ର ଫୁଲ ଖଞ୍ଜିଦେବ ବୋଲି । ପୂଜାରେ ଆସ, ଦେଖିବା ।

ହଁ, ଭାଇ ମୋତେ ଆମ ଗାଁକୁ ନେବ ବୋଲି ଆସିଥିଲେ । ତୁମର ମାଆ ରାଜି ଥିଲେ; କିନ୍ତୁ ସେଇଦିନ ତୁମ ପାଖରୁ ଚିଠି ପାଇଲି ଯେ ପୂଜାରେ ତୁମେ ଆସୁଛ । ଭାଇ ସଙ୍ଗରେ ଆଉ ଗଲିନାହିଁ । କେବେ ଆସୁଛ, ଫେରନ୍ତା ଡାକରେ ଲେଖ ।

ବିକାଶ ରାୟଙ୍କର ସେହି ଚିଠି ଖଣ୍ଡିକ ପଢ଼ିଲା ପରେ ମାନସ ସେନର ମନ ଫୁଲିଉଠିଥିଲା ।

ସ୍ତ୍ରୀ ପାଖରୁ ଏମିତି ଖଣ୍ଡେ ଚିଠି ପାଇଲେ କେଉଁ ସ୍ୱାମୀର ମନ ଦମ୍ଭ ଧରିବ ଯେ !

ମାନସ ସେନ୍ ଭାବିବାକୁ ଲାଗିଲା, ବିକାଶ ରାୟଟା ସତରେ ଭାଗ୍ୟବାନ୍ । ତା'ର ଫେରିବା ବାଟ ଚାହିଁ ସୁନ୍ଦରୀ ସ୍ତ୍ରୀ ଅନେଇ ବସିଛି ।

ଆଜି ସେ ନିଜେ ?

ବିକାଶ ରାୟଙ୍କର ପ୍ରସ୍ତୁତିରେ ବାଧା ନ ଦେଇ ମାନସ ସେନ ନିଜ ଭାବନାରେ ନିଜେ ବ୍ୟସ୍ତ ରହିଲା । ଭାବୁଥିଲା, ମମତା କ'ଣ ବିକାଶ ରାୟଙ୍କର ସ୍ତ୍ରୀ ପରି ତାକୁ ବାଙ୍କୁଡ଼ା ଷ୍ଟେସନରେ ଅପେକ୍ଷା କରିଥିବ ?

Digitized by PPRACHIN, SOA

ଅବବାହିତ ତରୁଣ ମାନସ ସେନର ଭାବନାରେ ଲଗାମ ନାହିଁ । ଅନେକ ରମଣୀର ଚକ୍ରବ୍ୟୂହ, ବହୁନାରୀର କଣ୍ଠ-କଲ୍ଲୋଳ ଭିତରେ ସେ ସଙ୍ଗେ ସଙ୍ଗେ ଛନ୍ଦଭ୍ରଷ୍ଟ ହୋଇପଡ଼ିଲା ।

ବହୁ ତରୁଣୀର ନାସା ନିଶ୍ୱାସ, ସେମାନଙ୍କର ପରିଷ୍କାର ରଙ୍ଗୀନ୍ ଶାଢ଼ି, କବରୀର ମାଦକ ଗନ୍ଧ, ଚକ୍ଷୁତାରକାର ନିର୍ବାକ୍ ସ୍ୱାଗତିକା, ବେଣୀସଜ୍ଜାର ନୀରବ ଆହ୍ୱାନ, ତନୁଲତାର ଲାବଣ୍ୟମୟୀ ଭଙ୍ଗିମା, ଯୌବନର ଚଳଚଞ୍ଚଳ ଛନ୍ଦ, ମଧୁକଣ୍ଠର କାକଳି ଭିତରେ ମାନସ ସେନର ମନ ଆଜି ଯୌବନ ନୀରବରେ ନିମଜ୍ଜିତ ହୋଇଗଲା ।

ଆଃ, ଇଏ କେଉଁ ଯୁବତୀର କଳଗୁଞ୍ଜନ ଯାହା ନୀରବ ଭାବରେ ମାନସ ସେନକୁ ମୁକ୍ତ କରିଦେଲା ?

ନିଜେ ମାନସ ସେନ ସେ ପ୍ରଶ୍ନର ଉତ୍ତର ଖୋଜି ପାଇଲା ନାହିଁ । ତା'ର ମନେ ହେଲା, ସେ ଏକ ଅଜଣା ଦେଶର ଅଚିହ୍ନା ବନରେ ହଜିଯାଇଛି । ସୁନ୍ଦରୀ ରୂପସୀ ବନକନ୍ୟାମାନେ ଆସି ତାକୁ ଗୋଟିଏ ସୁଦୃଶ୍ୟ ପ୍ରାସାଦକୁ ଘାଣ୍ଟିଘୋଷାରି ନେଉଛନ୍ତି । ସେହି ଅଦ୍ଭୁତ ପ୍ରାସାଦରେ ସେ ଅନେକ ନବଯୁବତୀଙ୍କୁ ଏକାଠି ଦେଖି ପ୍ରଲୁବ୍ଧ ହୋଇ-ଉଠୁଛି । ଜଣେ ଅନ୍ୟଠୁଁ ବଳି ସୁନ୍ଦର । ଜଣେ ଅନ୍ୟଠୁଁ ବଳି ପ୍ରଗଳ୍‌ଭ ।

Digitized by PPRACHIN, SOA

ସେଇଠି ସତେ ଅବା ରୂପର ମଶାଲ ଜଳୁଛି; କିନ୍ତୁ ସେଥି ମଶାଲରେ ଦହନର ଜ୍ୱାଳା ନାହିଁ । ଅଛି କେବଳ ରୂପାଲୋକ ବିକୀରଣ କରିବାର ଅପୂର୍ବ ପ୍ରଭା ।

କୃତଜ୍ଞତାରେ ମାନସ ସେନ ନଇଁଯାଉଛି । ଅଦମ୍ୟ ଉତ୍ତେଜନାରେ ଗୁପ୍ତ ଭିତରଟା ଫୁଲି ଫୁଲି ଉଠୁଛି ।

କିଏ କହୁଛି, ଏ ସଂସାରରେ ଆନନ୍ଦ ନାହିଁ, ଜୀବନ ନାହିଁ ବୋଲି ?

ଏ ସଂସାର ଆନନ୍ଦମୟ । ଏ ସଂସାର ଜୀବନମୟ । ଏତେ ରୂପ, ଏତେ ଯୌବନର ବିକାଶ, ସଂସାର ଛଡ଼ା ଆଉ କେଉଁଠି ମିଳିବ ନାହିଁ । ଯିଏ ଜୀବନଧର୍ମୀ, ସେ ଏଇ ରୂପର ଆଲୋକରୁ କିଛି ନିଜର କରିନେବ ।

ମାନସ ସେନର ମନେହେଲା, ବିକାଶ ରାୟ ବୁଦ୍ଧିମାନ୍ । ସେଇଥିପାଇଁ ସେ ବାଛି ବାଛି ସୁନ୍ଦରୀ ତରୁଣୀଟିଏ ବିବାହ କରିଛି । ସେହି ତରୁଣୀ ସଙ୍ଗେ ମିଳନର ମଧୁଶଯ୍ୟା ରଚନା କରି ତା'ର ପାଖରୁ ପ୍ରେମର ପ୍ରତିଶ୍ରୁତି ଲାଭ କରିଛି ।

ଏ ଦୁନିଆରେ ବିକାଶ ରାୟ ତା'ର ପରି ନିଃସଙ୍ଗ ନିର୍ଜନ ନୁହେ । ଜୀବନ ଉଚ୍ଛ୍ୱାସର ନୃତ୍ୟ ନୂତନ ଛନ୍ଦରେ ସେ ନିଜକୁ ମଜ୍ଜିଆଇ କରିଦେଇଛି । ଜୀବନରେ ସେ ମନଭରି ଏକ ରୂପସୀ ତରୁଣୀର ସ୍ପର୍ଶ ମାଧୁର୍ଯ୍ୟ ଲାଭ କରିଛି ।

ସେଦିନ ବିକାଶ ରାୟ ବୋଧହୁଏ ଠିକ୍ କହିଥିଲା । ବିକାଶ ରାୟ କହିଥିଲା, ଯୁବକର ଜୀବନରେ ଯୁବତୀର ସାନ୍ନିଧ୍ୟ ଲାଭ ଏକ ମହାନ୍ ଆଶୀର୍ବାଦ୍, ରେ ମାନସ ! ନିଃସଙ୍ଗ

Digitized by PPRACHIN, SOA

ଜୀବନରେ ସୁସଜ୍ଜିତ ବାସଗୃହ, ଦାମୀ କାର୍, ମୋଟା ବ୍ୟାଙ୍କ ବାଲାନ୍ସ, ସୋସାଇଟି, କ୍ଲବ, ନାଚଗୀତ ଅଥବା ଆମୋଦ-ପ୍ରମୋଦର କିଛି ମାନେ ହୁଏନା । ସେ ସବୁ ନିର୍ଦ୍ଧନ ଯୁବକ ପାଇଁ ଏକ ସ୍ୱପ୍ନ ସଦୃଶ । ମନରେ ମାୟା ଦିଏ ସିନା, ମମତା ଦିଏ ନା । ଜୀବନଟି ଲାଳିତ୍ୟ ଓ ସୌନ୍ଦର୍ଯ୍ୟବର୍ଜିତ ରୁକ୍ଷ ଗଦ୍ୟାଂଶ ପରି ମନେହୁଏ । ଜୀବନର ସକଳ ଐଶ୍ୱର୍ଯ୍ୟକୁ ଅନୁଭବ କରିବାକୁ ହେଲେ ଦୁଇଟି ହାତ ପରିବର୍ତ୍ତେ ଗୋଟିଏ ହାତର ଏକକ ସ୍ପର୍ଶ ଆବଶ୍ୟକ ।

ଜୀବନର ସୁବର୍ଣ୍ଣସ୍ୱପ୍ନକୁ ରୂପାୟିତ କରିବାକୁ ହେଲେ ବିବାହ ଏକ ନିଶ୍ଚିତ ମାର୍ଗ । ସ୍ତ୍ରୀ-ପୁରୁଷର ସମ୍ମିଳିତ ଆରାଧନାରେ ଜୀବନଦେବତା ତୁଷ୍ଟ ହୁଏ । ସ୍ୱାମୀ-ସ୍ତ୍ରୀର ଯେଉଁ ସମ୍ପର୍କ, ତାହା ଚିର ଅମ୍ଳାନ । ମନର କାଳିମାକୁ ସେ ସବୁଦିନ ପାଇଁ ଦୂର କରେ । ପାରିବାରିକ ଜୀବନର ମାଧୁର୍ଯ୍ୟକୁ ଯିଏ ଥରେ ଆସ୍ୱାଦନ କରିଛି, ଅନ୍ୟ ସମସ୍ତ ପ୍ରକାର ମାଧୁର୍ଯ୍ୟ ତା' ପାଖରେ ପରାଜିତ ହେବ ।

ମାନସ ସେନ୍ ସ୍ଥିର କଲା, ଏଥର ପୂଜାଛୁଟିରେ ଘରକୁ ଗଲେ ଏ ସମସ୍ତ ପ୍ରଶ୍ନର ସମାଧାନ ସେ କରିନେବ । ଏକୁଟିଆ ବଞ୍ଚି ରହିବାକୁ ଆଉ ଜମାରୁ ଭଲ ଲାଗୁନାହିଁ । ଯେତେକଯାକ ଅଶ୍ଳୀଳ ଚିନ୍ତା ମନେପଡ଼ୁଛି ।

ନା ନା, ଏ ସମସ୍ତ ସମସ୍ୟାର ସମାଧାନ ଆବଶ୍ୟକ ।

ବିକାଶ ବାବୁ ହୁଏତ ଠିକ୍ କହୁଛି ।

ପୂଜାଛୁଟିରେ ସେ ଯଦି ବିବାହ ସମସ୍ୟାଟାକୁ ସଜାଡ଼ି-ନିଏ, ତାହାହେଲେ ବିକାଶ ବାବୁ ସଙ୍ଗରେ ସସ୍ତ୍ରୀକ ଏଇ

Digitized by PPRACHIN, SOA

ସରକାରୀ ବସାରେ ଚାଲିଯାଇପାରିବ । ସେମାନେ ଅଫିସ ଚାଲିଯିବା ପରେ, ତା' ସ୍ତ୍ରୀ ଓ ବିକାଶ ବାବୁର ସ୍ତ୍ରୀ ଏକାଠି ଚଳପ୍ରଚଳ ହେବେ । ନିର୍ଜନତା-ବାଧା ଲାଗିବ ନାହିଁ କି ଦୁଶ୍ଚିନ୍ତାରେ ମନ ସନ୍ତୁଳ ହେବ ନାହିଁ ।

ମାନସ ସେନ ସୁଦୀର୍ଘ ନିଃଶ୍ୱାସ ନେଇ ଖବରକାଗଜ ପଢ଼ାରେ ଧ୍ୟାନ ଦେଲ ।

ଅନ୍ୟ କୋଠରିରେ ବନ୍ଧୁ ବିକାଶ ବାବୁ ନାଲି ରିବନ୍ ଗୁଡ଼ାଇ ରଖୁଛି । ତା' ସ୍ତ୍ରୀର ଫରମାସିକୁ ସେ ଆଜିଠୁ ପୂରଣ କରିପାରିଲଣି । ପୂଜାଛୁଟିରେ ଘରକୁ ଗଲେ ହୁଏତ ଏଇ ନାଲି ରିବନ୍‌ରେ ଫୁଲ କରି ସେ ତା'ର ତରୁଣୀ ସ୍ତ୍ରୀର ଜୁଡ଼ାରେ ଖଞ୍ଜିଦେବ !

ବିବାହିତ ଜୀବନଟା କେତେ ଆରାମପ୍ରଦ ମୁହୂର୍ତ୍ତେ ସତରେ !

ନା, ସେ ଏଥର ବିବାହ କରିବ !

କିନ୍ତୁ କାହାକୁ ? ମମତା ସେ ଏ ପର୍ଯ୍ୟନ୍ତ ଚିଠି ଦେଲ ନାହିଁ ! ତେବେ ସେ କଣ···

ଅବିବାହିତ ଯୁବକ ମାନସ ସେନ ଯେତେବେଳେ ଜୀବନର ବିବାହ କଥା ଭାବିହୁଏ, ତିନି ବର୍ଷ ତଳର ସେହି ସୁରଭିସ୍ନାତ ଅତୀତ ମାନସ-ଚକ୍ଷୁରେ ଛୁଡ଼ାହୁଏ ।

ଜୀବନ-ସବୁଜିମାର ସ୍ମାରକୀ ସେହି ସୁରଭିସ୍ନାତ ଅତୀତ । ତାକୁ କ'ଣ ସହଜରେ ଭୁଲିହୁଏ !

Digitized by PPRACHIN, SOA

ମାନସ ସେନର ମନ ଯନ୍ତ୍ରଣାକାତର ହୋଇଉଠେ ।

ଆଃ, ମମତା ନାମ୍ନୀ ସେହି ଝିଅଟି……

ସମୁଦ୍ର-ନୀଳ ଆଖିରେ ତା'ର କେତେ ସ୍ନେହ, କେତେ ମମତା !

ମାମୁଁଘରର ସେହି ଛୋଟିଆ ବାଙ୍କୁଡ଼ା ସହରରେ ପ୍ରଥମ ସାକ୍ଷାତ ।

ସେହି କତ୍ତୁହଦନର ସାକ୍ଷାତ ଯେ ତା' ମନ-ଆକାଶରେ ଏତେ ରଙ୍ଗ ବୋଳିଦେବ, ପୂର୍ବରୁ ସେକଥା କଳ୍ପନା କରି ନ ଥିଲା ମାନସ ସେନ । ପ୍ରଥମ ସାକ୍ଷାତରୁ ହିଁ ସେହି ମମତା ନାମ୍ନୀ ଝିଅଟିର ରୂପବୈଭବ ତଥା ବ୍ୟକ୍ତିତ୍ୱ ପ୍ରତି ସେ ଆସକ୍ତ ହୋଇଉଠିଥିଲା ।

ଜୀବନରେ କୌଣସି ଅବିବାହିତା ଝିଅ ପ୍ରତି ଆସକ୍ତ ହେବା ମାନସ ପକ୍ଷରେ ଏଇ ପ୍ରଥମ ।

ତା'ପରେ ହୁଏତ ଅନେକ ଝିଅଙ୍କ ସଙ୍ଗରେ ସାକ୍ଷାତ ହୋଇଛି; କିନ୍ତୁ ପ୍ରଥମ ସାକ୍ଷାତର ପୁଲକିତ ଅନୁଭୂତିକୁ ସେ କାହାରି ପାଖରେ ଅନୁଭବ କରିନାହିଁ ।

ଅଥଚ ମମତା ସଙ୍ଗରେ ପରିଚୟ ଅଥବା ସାକ୍ଷାତ କରିବା ସକାଶେ ତାକୁ ଏତେ ଟିକିଏ ବି ପରିଶ୍ରମ କରିବାକୁ ପଡ଼ି ନ ଥିଲା । ସତେ ଅବା ସାକ୍ଷାତ ପୂର୍ବରୁ ଅବଲୀଳାକ୍ରମେ ସେ ସମସ୍ତ ସଜାଡ଼ି ହୋଇଯାଇଥିଲା ।

ମାନସ ସେନ ବି. ଏ. ପରୀକ୍ଷା ଫଳ ଶୁଣି ମାମୁଁଘରକୁ ଯାଇଥାଏ ।

Digitized by PPRACHIN, SOA

ମାମୁଁ ଘରର ପ୍ରତିବେଶିନୀ ମମତା ଆସି ମାଉଁଙ୍କୁ ତା'ର କହିଲା, 'ମାନସବାବୁଙ୍କୁ ଟିକଏ କହନ୍ତୁ ନାହିଁ, ସେ ତାଙ୍କର ଦର୍ଶନଶାସ୍ତ୍ର ବହିତକ ମୋତେ ଦିଅନ୍ତେ !'

'ତୁ ଯାଇ କହୁନୁ !' ମାଉଁ ପରାମର୍ଶ ଦେଲେ ।

'ମୁଁ ଯିବି ?' ମମତା ଆଶ୍ଚର୍ଯ୍ୟ କଣ୍ଠରେ ପ୍ରଶ୍ନ କଲା ।

'କଲେ, ବି.ଏ. ପଢ଼ିବୁ, ତଥାପି ଏତେ ଲାଜ ?' ମାଉଁ ମୃଦୁ ଭର୍ତ୍ସନା କଲେ । ତା'ପରେ ଆଶ୍ୱାସନା ଦେଇ କହିଲେ, 'ଆମର ମାନସଟା ଖୁବ୍ ଭଲ ପିଲା, ମମି ! ସେ ମୋଟେ କିଛି ମନେକରିବ ନାହିଁ ।'

ମାନସ ବାଥ୍‌ରୁମ୍‌ରୁ ସାମନା ଘରକୁ ଫେରିଆସୁଥିଲା । ମାଉଁଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଆସିବା ବାଟରେ ଅଟକିଗଲା । କଣେଇ କଣେଇ ଦେଖିଲା, ଗୋଟିଏ ସୁନ୍ଦର ଯୁବତୀ ଆଗରେ ମାଉଁ ତା'ର ପ୍ରଶଂସା ବାଢ଼ିବସିଛନ୍ତି ।

ମାନସର ମନରେ ଏକାବେଳକେ ଅଜସ୍ର ସଙ୍କୋଚ ।

କିଏ ଏଇ ମମି ?

ତରଙ୍ଗାୟିତ ମନସମୁଦ୍ରରେ ଅନେକ ପ୍ରଶ୍ନ, ଅନେକ ସମ୍ଭାବନାର ଅସ୍ଥିର ଅଶାନ୍ତ ଶୋଭାଯାତ୍ରା ।

ଅଥଚ ସୁଗଭୀର ସମୁଦ୍ରର ତଳ ପରି ସ୍ଥିର, ପ୍ରଶାନ୍ତ ରହିଛି ସେହି ମମି ନାମ୍ନୀ ଝିଅଟି । ଗୋଟିଏ ଗୁଣ-ମୁଗ୍ଧା ବଧୂ ପରି ସେ ମାଉଁଙ୍କ ମୁହଁକୁ ଅପଲକ ନେତ୍ରରେ ଚାହିଁ-ରହିଛି ।

ଲାବଣ୍ୟମୟୀ ମମିର ମୁହଁଟା ବେଶ୍ ରୋମାଣ୍ଟିକ୍, ମାନସ ମନେମନେ ସ୍ଥିର କରିନେଲା । ପ୍ରସାଧନବିହୀନ ଅଙ୍ଗ-

Digitized by PPRACHIN, SOA

ଲଢାରେ ତା'ର ଅପୂର୍ବ ଶାନ୍ତି । ନିଶ୍ଚୟ ଗୋଟିଏ ମଧ୍ୟବିତ୍ତ ପରିବାରର କନ୍ୟା ହୋଇଥିବ । ମମିକୁ ଦେଖିବା ପରେ, ସତେ ଅବା ମାନସ ସେନର ମନ ଉପରେ କିଏ ଜଣେ ସମ୍ମୋହନର କାଉଁରିକାଠି ବୁଲାଇଦେଇଗଲା । ଅସରନ୍ତି ସ୍ୱପ୍ନ, ଅସରନ୍ତି କଳ୍ପନାର ସମାହାର ଏଇ ମମିକୁ ଦେଖି ସେ ସଙ୍ଗେ ସଙ୍ଗେ ତା'ର ପ୍ରେମରେ ପଡିଗଲା ।

ମାନସ ସେନକୁ ଦେଖିପାରି ମାଈଁ ପାଟିକରି କହିଲେ, 'ତୋ'ରି ପାଖରେ ମମିର କାମ ଅଛି ରେ ମାନସ ! ସେ କ'ଣ କହୁଛି ଶୁଣ୍ ।'

ଗୋଟିଏ ସୁମଧୁର ସଙ୍ଗୀତର ପ୍ରାଣସ୍ପର୍ଶୀ ମୂର୍ଚ୍ଛନା ପରି ମମି ତା'ର ବସିବା ଘରେ ପ୍ରବେଶ କଲା । ମାନସ ସେନ ଡାକିବା ପୂର୍ବରୁ ମମତା ସ୍ୱେଚ୍ଛାକୃତ ଭାବରେ ତା' ସାମନାକୁ ଆସି ଶୁଭ ପରିଚୟର ପ୍ରଥମ ନମସ୍କାର ଜଣାଇଲା ।

କିଏ ଜାଣିଥିଲା, ମମତା ମାନସ ସେନର କେବଳ ସାମନାକୁ ଆସିନାହିଁ ସେ ତା' ଜୀବନ ପରିଧିର ଭିତରେ ପ୍ରବେଶ କରିଛି ବୋଲି !

ମମି ଯେ ତା'ର ସାମନାକୁ ଆସିଛି, ସେଇଥି ଭାବନା ଟିକକ ମାନସ ସେନକୁ ଉଚ୍ଛକିତ କରିଦେଲା ।

ନମସ୍କାର ଜଣାଇସାରିବା ପରେ ଏକ ଲଜ୍ଜାକୁଣ୍ଠିତା ନବବଧୂ ପରି ମମି ସେଇଠି ଛିଡ଼ାହେଲା ।

ପ୍ରତିନମସ୍କାର ଜ୍ଞାପନ କରୁ କରୁ ମାନସ ସେନ ମନରୁ ସମସ୍ତ ସାହସ ସଞ୍ଚୟ କରି ପ୍ରଶ୍ନ କଲା 'ମୋ ପାଖରେ ତୁମର କି କାମ, ମମି ?'

Digitized by PPRACHIN, SOA

ମମି ମୁହଁ ତଳକୁ ପୋତି ଉତ୍ତର ଦେଲା, 'ଶୁଣିଛି, ଆପଣଙ୍କର ବି. ଏ. ରେ ଦର୍ଶନ ଥିଲା । ମୁଁ ଏ ବର୍ଷ ଦର୍ଶନ-ଶାସ୍ତ୍ର ନେଇ ବି. ଏ. ପଢ଼ିବି । ସବୁ ବହି ବଜାରରେ ମିଳୁନାହିଁ । ଯଦି କିଛି ମନେ ନ କରନ୍ତି.....'

ମମିର କଥା କହିବା ଭଙ୍ଗୀ ଦେଖି ମାନସ ଯେଜ ଆପ୍ୟାୟିତ ହୋଇଗଲା । ସେ କୃତକୃତ୍ୟ ହୋଇ ଉତ୍ତର ଦେଲା, 'ମୋର ଅଦରକାରୀ ବହିସବୁ ଯଦି ତୁମ ଦରକାରରେ ଆସେ, ତାହାହେଲେ ମୋର ମନେ କରିବାର କ'ଣ ଅଛି ? ମୁଁ ସବୁତକ ବହି ପଠାଇଦେବି ।'

ମାନସ ପାଖରୁ ନିର୍ଭର ପ୍ରତିଶ୍ରୁତି ଲାଭ କରିବା ପରେ ମମତା ଫେରିଯାଉଥିଲା ।

ମାନସ ପଛରୁ ଡାକିଲା, 'ଶୁଣିଯାଅ, ମମି ! ତୁମର ପୂରା ଠିକଣାଟା ଏହି ନୋଟ୍ ବହିରେ ଲେଖିଯାଅ ।'

ମମତା ବାଟରୁ ଲେଉଟିଆସି ନିଜର ପୂରା ଠିକଣାଟା ମାନସର ପକେଟବହିରେ ଗୋଲ ଗୋଲ ଅକ୍ଷରରେ ଲେଖିଦେଲା ।

'ତାହାହେଲେ ତୁମେ ମମି ନୁହଁ, ମମତା !' ମାନସ ଯେଜ ସ୍ୱାଗତ ଭଙ୍ଗୀରେ ପ୍ରକାଶ କଲା ।

ମାନସର ମନ୍ତବ୍ୟ ଶୁଣି ମମି ହସିପକାଇଲା ।

ସେ ହସ ଅପେକ୍ଷାକୃତ ଦୀର୍ଘ ।

ମମତା ଯେ ଏତେ ସୁନ୍ଦର ହସ ହସିପାରେ ସେକଥା ମାନସ କଳ୍ପନା କରି ନ ଥିଲା । ସେ ମମତାର ହସକୁ ଆକଣ୍ଠ ଉପଭୋଗ କଲା ।

Digitized by PPRACHIN, SOA

ହସନ୍ତ ମମତାର ମୁହଁରେ ଥିଲା ଫୁଟାଇ ଉଜ୍ଜ୍ୱଳ ମୁକୁଳିତ ଜ୍ୟୋତ୍ସ୍ନା । ତା'ର କଳା ଚିବୁକରେ ଜମାଟ ବାନ୍ଧିଥିଲା ସୁରଙ୍ଗୀ କମଳାର ରଙ୍ଗ । ଓଠ ଦୁଇଟି ଘନିଷ୍ଠ ବର୍ଣ୍ଣରେ ଫାଟିପଡ଼ୁଥିଲା ।

ଶାନ୍ତ, ନିର୍ଜନ ବାଙ୍କୁଡ଼ା ସହର, ମମତା ଓଠର ହସ ସାକ୍ଷୀ କଲୁଷଣ ପାଇଁ ପ୍ରଗଲ୍‌ଭ ହୋଇଉଠିଲା ।

ଅନୂଢ଼ା କନ୍ୟା ମମତାର ସୁନ୍ଦର ସ୍ୱାସ୍ଥ୍ୟ ତା'ର ହସରେ ତାଳ ଦେଇ ରହି ରହି ହସିଉଠୁଥିଲା ।

କିନ୍ତୁ—

ନୀରବ ମାନସର ମୁହଁ ଦେଖି ସେ କ'ଣ ବୁଝିଲା କେଜାଣି, ହଠାତ୍ ଉଚ୍ଛଳନା ବନ୍ଦ ହୋଇଗଲା । ସେ ଯେ ଏକ ଅର୍ଦ୍ଧ-ପରିଚିତ ଯୁବକ ଆଗରେ ଏତେ ସମୟ ଧରି ଏକା ଏକା ହସିଛି, ସେହିକଥା ମନେପଡ଼ିବାରୁ ସେ ମନେ ମନେ ଲଜ୍ଜା ଅନୁଭବ କଲା । ବ୍ରୀଡ଼ାବନତ ମୁହଁରେ ତଳକୁ ଚାହିଁ ଚାହିଁ ସେ ତାର ଆଲୁଳାୟିତ କେଶଗୁଚ୍ଛକୁ ସଜାଡ଼ୁଥିଲା, ଆଉ ଭାବୁଥିଲା, କଣ ଭାବୁଥିବେ ଏଇ ମାନସବାବୁ !

ମାନସ କିନ୍ତୁ ମମତାର ହସ ଦେଖି ପରମ ଆନନ୍ଦ ଲାଭ କରିଥିଲା । ସେ କ୍ରମେ ମମତା ପ୍ରତି ଅଧିକ ଆଗ୍ରହ ପ୍ରକାଶ କଲା । ତା'ର ଘର ଠିକଣାଟା ସେ ମାଉସୀଙ୍କ ପାଖରୁ କଥାଛଳରେ ଆଦାୟ କରିନେଲା ।

Digitized by PPRACHIN, SOA

ମାନସ ଯେତେବେଳେ ଜାଣିପାରିଲା ସୁନ୍ଦରୀ ମମତା ମାଙ୍କଁର ପ୍ରତିବେଶିନୀ ବୋଲି……

ମାନସକୁ କ୍ରମେ ବାଙ୍କୁଡ଼ା ସହରଟା ଖୁବ୍ ଭଲ ଲାଗିଲା । ବାଙ୍କୁଡ଼ା ସହରର ବଜାର, ରାସ୍ତା, ସିନେମା, ଲୋକବାକ ସବୁ କିଛି ଭଲ ଲାଗିଲା । ତାର ମନେହେଲା, ପ୍ରତିଟି ବିଷୟରେ ଉତ୍ସାହିତ ହେବା ପଛରେ ସୁନ୍ଦରୀ ମମତାର ପ୍ରେରଣା ଅଛି ।

ସେ ଆହୁରି ବି ଭାବିବାକୁ ଲାଗିଲା ଯେ, ମମତା ଭଳି ଉଚ୍ଚଶିକ୍ଷିତା ତଥା ରୂପସୀ ତରୁଣୀକୁ ଭଲ ପାଇବା ଗୌରବର ବିଷୟ ।

ମାନସ ଦିନ ପରେ ଦିନ ଏଇ ରୂପସୀ ତରୁଣୀର ରୁଚିବୋଧକୁ ଗୋପନରେ ଅଧ୍ୟୟନ କରିବାକୁ ଲାଗିଲା । ସେ ଦେଖିଲା, ମମତାର ସମସ୍ତ ସୌନ୍ଦର୍ଯ୍ୟ ତା'ର ନିରାଡ଼ମ୍ବର ପରିପାଟୀ ଓ ସୁଷମ ଦୈହିକ ଗଠନକୁ କେନ୍ଦ୍ର କରି ଗଢ଼ି-ଉଠିଛି । ନାରୀର କେତୋଟି ସହଜାତ ଅଙ୍ଗସଜ୍ଜାକୁ ବାଦ୍ ଦେଲେ, କେବେହେଲେ ସେ ଉଗ୍ର ପ୍ରସାଧନରେ ମନ ଦିଏନା । ତଥାପି ତାର ପୁଷ୍ପିତ ଅଧର ପାଖୁଡ଼ାରେ ସେହି ଭୁବନମୋହିନୀ ହସ ଧାରକ ଦେଖିଲେ, ତାକୁ ଆପଣାର କରିନେବାକୁ ମନ ଡାକେ ।

ଜୀବନର ସରଳତା ଭିତରେ ତା'ର ସୌନ୍ଦର୍ଯ୍ୟ ଓ ସ୍ୱାଭାବିକତା ଭିତରେ ଚରିତ୍ରବଳ ଫୁଟିଉଠୁଥିଲା । ବୀଣାନିନ୍ଦୀ କଣ୍ଠରେ ଦୁଇ ଓଳିପଦ ସ୍ନେହ କଥା କହି ପଲକ ଭିତରେ ମନ କିଣିନେବାର ପାରଦର୍ଶିତା ସେ ହାସଲ କରିଥିଲା ।

Digitized by PPRACHIN, SOA

ମାନସର ହଠାତ୍ ମନେହେଲା, ଯେମିତି ସେ ଏପର୍ଯ୍ୟନ୍ତ ମମତା ଭଳି ଝିଅଟିଏର ପ୍ରତୀକ୍ଷାରେ ଥିଲା । ମମତାହିଁ ଥିଲା ତାର ମାନସୀ, ପ୍ରେୟସୀ, ସବୁ କିଛି ।

କିନ୍ତୁ ମମତା କ'ଣ ତାକୁ ଭଲ ପାଇବ ?

ଏଇଭଳି ଏକ ବିରାଟ ପ୍ରଶ୍ନବାଚୀ ଆଗରେ ହାବୁଡ଼ି-ଯିବାରୁ ମାନସ ପୁଣିଥରେ ମାନସିକ ଅସ୍ଥିରତା ଅନୁଭବ କଲା । ମାନସୀର ଏକମାତ୍ର ଭାବନାହିଁ ତା'ର ମସ୍ତିଷ୍କର ସମସ୍ତ ସ୍ନାୟୁଗ୍ରନ୍ଥିକୁ ଉଦବେଳିତ କରିବାକୁ ଆରମ୍ଭ କଲା । ଶିରା-ପ୍ରଶିରାରେ ସତେ ଅବା ତଡ଼ିତ୍‌ପ୍ରବାହର ଉଷ୍ମତା ଜମିଗଲା ।

ଅଃ, ମମତା ଯଦି ତା'ର ମନୋଭାବ ସଙ୍ଗରେ ସାଲିସ କରିନଅନ୍ତା ! ଉଭୟେ ମିଶି ଜୀବନର ସେହି ଅନାସ୍ୱାଦିତ ଅବସ୍ଥାକୁ ଉପଭୋଗ କରିପାରନ୍ତେ !

ମମତା ଆସିବ ବୋଲି ମାନସ ବାରମ୍ବାର ଅପେକ୍ଷା କରିବାକୁ ଲାଗିଲା । ତା' କଣ୍ଠର କଥାସବୁ ତାକୁ ଖୁବ୍ ଭଲ ଲାଗିବାକୁ ବସିଲା ।

ମମତାର ପାଦ ଚପି ଚପି ଆସିବା, ଫିସ୍ ଫିସ୍ କରି କଥା କହିବା, ଗାଲରେ ଆଙ୍ଗୁଠି ଟିପ ମାରି ଛୁଡ଼ାଇଦେବା, କଥା କହିଲାବେଳେ ଅଳ୍ପ ଅଳ୍ପ ହସିବା, ସବୁକିଛି ମାନସକୁ ଭଲ ଲାଗୁଥିଲା ।

ମମତା ହସିଲେ ତା'ର ସରୁ ନାସପାତିଆ ଓଠ ଦୁଇଟା ଓସାରିହୋଇ ବିଚିତ୍ର ଶୋଭା ଧାରଣ କରେ । ଗାଲର ମଝି ଅଂଶରେ ଏକ ବର୍ତ୍ତୁଳାଢ୍ୟ ଭଉଁରୀ ସୃଷ୍ଟି ହୁଏ । ଭଉଁରୀ ତଳକୁ ଗ୍ରୀବାତଟରେ କେତୋଟି ଶଙ୍ଖଗାର ଦେଖାଯାଏ । ଆଉ

Digitized by PPRACHIN, SOA

ଆଖିପତାର ଧାରେ ଧାରେ ଝଲସିଉଠେ ପ୍ରସ୍ଫୁଟିତ ଗୋଲାପର ଅକ୍ଷତ ମଧୁର ଆବେଗ ।

ବାଙ୍କୁଡ଼ା ରହଣିକାଳ ଭିତରେ ମମତାର ଆଗମନ-ପଥକୁ ସତୃଷ୍ଣ ନୟନରେ ଗୁହାଁରହିବା ମାନସ ସେନର ଦୈନନ୍ଦିନ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ ବଶିଷ୍ଟ ବିଷୟ ।

ଅନେକ ଦିନ ଏକାନ୍ତରେ ସେ କାମନା କରିବାକୁ ଲାଗିଲା, ମମତା ତା'ର ପ୍ରାଣବାଞ୍ଛିତା ହୁଅନ୍ତା ! ସେ ନିଜେ ହୁଅନ୍ତା ତାର ଏକ ଅନୁଗତ, ଅନୁରକ୍ତ ପ୍ରେମିକ । ଏକଥା ହିଁ ଉଭୟେ ଉଭୟଙ୍କ ମନ ଭିତରେ ଉପଲବ୍ଧି କରନ୍ତେ । ସେହି ଗୋଟିଏ ମୋହ ତା'ର ମନର ସମସ୍ତ ଚେତନାକୁ ଆଚ୍ଛନ୍ନ କରି ରଖିଥିଲା ।

ଅଳ୍ପଦିନ ରହିବ ବୋଲି ପ୍ରକାଶ କରି ମଧ୍ୟ, ମାନସ ସେନ ଅନେକ ଦିନ ଧରି ମାଈଁଙ୍କ ପାଖରେ ରହିଗଲା । ମମତାର ଦର୍ଶନ, ସାନ୍ନିଧ୍ୟ ଓ କଥୋପକଥନ ତା'ର ପାଦ-ଦୁଇଟିକୁ ଛନ୍ଦିଦେଇଥିଲା ଯେମିତି ।

ଅନେକ ଦିନର ସାନ୍ନିଧ୍ୟ ପରେ ମମତା ଓ ମାନସ ସେନ ଭିତରେ ଥିବା ଅପ୍ରତିଭ ମନୋଭାବ ବିଦୂରିତ ହେଲା ।

ଦିନଟିଏ ମନ୍ଦିରରେ ଦେଖା ନ ହେଲେ ମାନସ ପ୍ରଶ୍ନ କଲା, 'ତୁମର କାଲି କଣ ହେଲା, ମମି ? କାହିଁ ଆସି ଦେଖାକରିଗଲ ନାହିଁ ତ ?'

ମମତା ଏ ପ୍ରଶ୍ନର ଅର୍ଥ ବୁଝି ମନେ ମନେ ଆପ୍ୟାୟିତା ହୋଇଉଠୁଥିଲା । ତା'ର ମନେ ହେଲା, ମାନସର ତା' ପ୍ରତି ଏ ପ୍ରକାରର ଆଗ୍ରହ ସୃଷ୍ଟି ଫଳରେ ହିଁ ଦିବସର ପ୍ରତିଟି ମୁହୂର୍ତ୍ତ

Digitized by PPRACHIN, SOA

ଲୋଭନୀୟ ହୋଇଉଠୁଛି । ଗୋଟିଏ ଅଦେଖା ଆକର୍ଷଣର ବ୍ୟୂହ ଭିତରେ ରହି ମନଭିତରଟା ଜବୁଟୁବୁ ହେଉଛି ।

ଅନେକଦିନର ଅପେକ୍ଷା ପରେ ସେ କୈଶୋର ଜୀବନର କଳ୍ପନାକୁ ଫଳବତୀ ହେବା ଦେଖି ଆପ୍ୟାୟିତା ହୋଇଉଠିଲା ।

ନ ଆସିବାର କାରଣ ସମ୍ପର୍କରେ ଉତ୍ତର ଦେବାକୁ ଯାଇ ମମତା ଅନେକ କାଳ୍ପନିକ କାର୍ଯ୍ୟବ୍ୟସ୍ତତା କଥା ବୁଝାଇ କହୁଥିଲା । ମନେ ମନେ ଭାବୁଥିଲା, ଗୋଟିଏ ଦିନ ନ ଆସିବା ଫଳରେ ଯଦି ମାନସ ଏମିତି ଅସ୍ଥିର ହେଉଛି, କ୍ରମାଗତ କେଇଦିନ ଧରି ଅନୁପସ୍ଥିତ ରହିଲେ କଣ କରନ୍ତା ? ଏକାଧିକ ଦିନ ଆସିବ ନାହିଁ ବୋଲି ସଂକଳ୍ପ କରି ମଧ୍ୟ, ସେ ସଂକଳ୍ପକୁ ସେ ପାଳନ କରି ପାରୁ ନ ଥିଲା । ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟରେ ଆସି ମାନସ ସଙ୍ଗେ ସାକ୍ଷାତ କରିବା, ଏଣୁ ତେଣୁ ଦି'ପଦ ପ୍ରଶ୍ନ ପଚାରିବା, ପଢ଼ା ସମ୍ପର୍କରେ କେତୋଟି ଆବଶ୍ୟକ ଅନାବଶ୍ୟକ ସନ୍ଦେହ ମୋଚନା କରିବା, ତା'ର ଦୈନନ୍ଦିନ କାର୍ଯ୍ୟକ୍ରମର ଅଂଶ ପାଲଟିଗଲା ।

କେହି ନ ବୁଝିଲେ ନ ବୁଝନ୍ତୁ ପାଠକେ, ମମତା ଓ ମାନସ ବୁଝିଲେ, ସେମାନେ ପରସ୍ପରର ପ୍ରେମରେ ପଡ଼ୁଛନ୍ତି ।

ଆଃ, ଯୌବନାବସ୍ଥାରେ ପ୍ରେମରେ ପଡ଼ିବା କେଡେ ଉଲ୍ଲାସମୟ ଘଟଣା ନୁହେଁ ସତେ !

ଦୁଇଟି ଏକଦା ଅପରିଚିତ ଯୁବକଯୁବତୀ ଅକସ୍ମାତ୍ ପରସ୍ପରର ସାକ୍ଷାତ କରିବା ପରେ, ଜଣେ ଅନ୍ୟ ଜଣକର

Digitized by PPRACHIN, SOA

ବ୍ୟକ୍ତିଗତ ବ୍ୟାପାରରେ ଜଡ଼ିତ ହୋଇଗଲେ । ଏକାନ୍ତ ଗୋପନୀୟ ମନର ଘାତ ପ୍ରତିଘାତକୁ ଅଧ୍ୟୟନ କରିବାକୁ ଆଗ୍ରହ ପ୍ରକାଶ କଲେ । ସେମାନଙ୍କ ମନର ଭାବନା କୃଷ୍ଣଚୂଡ଼ାର ରଙ୍ଗରେ ରଞ୍ଜିତ ହୋଇଉଠିଲା ।

ଭବିଷ୍ୟତରେ ବିଚ୍ଛେଦ କଥା ଭାବି ଆତଙ୍କରେ ସେମାନେ ଶିହରିତ ହୋଇଉଠୁଥିଲେ । ଭାବୁଥିଲେ, ଦିନ କେଇଟା ପରେ ଯେତେବେଳେ ସେମାନେ ବିଚ୍ଛିନ୍ନ ହୋଇଯିବେ, ବିଚ୍ଛେଦର ବ୍ୟଥାକୁ ସହି ସମ୍ଭାଳି ପାରିବେ ତ ? ଏଇ ବିଷୟ ଭାବିଲାବେଳେ, କହିବା କହିବା ଆଖିରେ ସେମାନେ ପରସ୍ପରକୁ ଅନାଇ ରହୁଥିଲେ ।

ସେହି ନିର୍ବାକ ନିଃଶବ୍ଦ ମୁହୂର୍ତ୍ତ ସବୁ ସେମାନଙ୍କୁ ମରଣାନ୍ତକ ଜ୍ୱାଳା ଦେଉଥିଲା । ହତଚକିତ, ବିସ୍ମୟବିମୂଢ଼ ଅବସ୍ଥାରେ ପରସ୍ପରକୁ ଅନାଇରହିବା ସାର ହେଉଥିଲା । ମନବେଳାଭୂମିରେ ଅଜସ୍ର ଆତଙ୍କିତ ଭାବନାର ଲହଡ଼ି ମଥା ପିଟୁଥିଲା ।

ଦିନେ ମନ ଭିତରର ଆତଙ୍କ-ଭଉଁରି କାଟି ମାନସ ହଠାତ୍ ପ୍ରଶ୍ନ କଲା, 'ତୁମେ ମୋତେ ଭଲ ପାଅ ତ ମମତା ?'

ସେହି ଅଦ୍ଭୁତ ପ୍ରଶ୍ନ ଶୁଣି ମମତାର ମୁହଁ ନାଲି ପଡ଼ିଗଲା । ସେ, 'ହଁ' କି 'ନାହିଁ' ହଠାତ୍ କିଛି ଉତ୍ତର ଦେଇ ନ ପାରି ନୀରବ ରହିଲା । ମନେ ମନେ ଭାବିବାକୁ ଲାଗିଲା, କି ଅଦ୍ଭୁତ ମଣିଷ ଏଇ ମାନସ ! ସେ କଣ ଏତେଦିନର କଥାବାର୍ତ୍ତାରୁ ଏଇ ସାମାନ୍ୟ କଥାଟା ବୁଝିପାରିଲା ନାହିଁ ?

Digitized by PPRACHIN, SOA

ତଥାପି ମାନସର ବାରମ୍ବାର ପ୍ରଶ୍ନରେ ସାମାନ୍ୟ ହସିବାକୁ ଚେଷ୍ଟା କରି ଉତ୍ତର ଦେଲା, 'ସେ କଥା କ'ଣ ତୁମେ ଜାଣନା ?'

ଜାଣେନା ବୋଲି କହି, ନିଜକୁ ଲୁଚାଇ ରଖିବାକୁ ମାନସ ସେନର ମନ ଡାକିଲା ନାହିଁ । କହିଲା, 'ତୁମେ ମୋତେ ଭଲ ପାଅ କି ନା, ସଠିକ୍ ଭାବରେ କହି ନ ପାରିଲେ ମଧ୍ୟ, ମୋ ନିଜ କଥା ପ୍ରକାଶ କରିବାରେ ମୋର କୌଣସି ଆପତ୍ତି ନାହିଁ, ମମି ! ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ, ମୁଁ ତୁମକୁ ଭଲପାଏ ।' ତା'ପରେ ସେ ପିଲାଙ୍କ ପରି ମମତାର କାନ ପାଖକୁ ମୁହଁ ନେଇ ଚୁପ୍ ଚୁପ୍ କହିଲା, 'ମୁଁ ତୁମକୁ ବିବାହ କରିବାକୁ ଚାହେଁ ।'

ଏ କଥା ଶୁଣିବା ପରେ କୌଣସି ଝିଅ କ'ଣ ତାର ପ୍ରିୟ ପୁରୁଷ ଆଗରେ ଦମ୍ଭଧରି ଛିଡ଼ା ହୋଇପାରେ ? ସେ ସେହି ମୁହୂର୍ତ୍ତରେ ମାନସ ପାଖରୁ ଚାଲିଯାଇ ନିଭୃତରେ ତା'ର କଥା ଭାବିବାକୁ ଚାହୁଁଥିଲା ।

କିନ୍ତୁ ମାନସ ସେନ ତା'ର ମନର କଥା ପ୍ରକାଶ କରି-ଦେବା ପରେ ଖୁବ୍ ହାଲୁକା ଅନୁଭବ କରୁଥିଲା । ସେ ପୂର୍ବଦିନମାନଙ୍କ ଅପେକ୍ଷା ଅଧିକ ପ୍ରଗଲ୍ଭ ହୋଇଉଠୁଥିଲା । ମମତାର ପୁଷ୍ପିତ ଅବୟବକୁ ନିଜ ପ୍ରସାରିତ ବାହୁରେ ଛନ୍ଦି-ଦେଇ ତା'ର ଗଣ୍ଡତଟରେ ଉଷ୍ଣ ଅଧର ଥାପି କହିଲା, 'ତୁମେ ମୋତେ ବିବାହ କରିବ ତ ?'

ଆଃ, କୁମାରୀ ଜୀବନରେ ଏଇମାତ୍ର ପ୍ରଥମ ପ୍ରେମିକର ପ୍ରେମସ୍ପର୍ଶ !

Digitized by PPRACHIN, SOA

କୁମାରୀ ମମତାର ମନ ଭିତରେ ଅଗ୍ନିର ଉତ୍ତପ୍ତ ସଂଚର-ଗଲା । ସେ କ୍ଷଣିକ ମଧ୍ୟରେ ମୋହାଚ୍ଛନ୍ନ ହୋଇଗଲା ।

ତା ପରେ……

ତା ପରେ ସବୁ ଏମନ୍ତ ସେମନ୍ତ ହୋଇଗଲା । ମାନସ ସେନର ବାହୁର ବଂଧନ ଭିତରେ ସେ ବ୍ୟତିବ୍ୟସ୍ତ ହୋଇ-ଉଠିଲା । ସେ ଦୂରକୁ—ବହୁ ଦୂରକୁ ଚାଲିଯିବାକୁ ଚାହିଁଲା । କହିଲା, 'ଏ କଣ କରୁଛ, ମାନସ ! ଲୋକେ ଦେଖିଲେ କ'ଣ ଭାବିବେ !'

ଭାବିବେ, 'ମାନସ ସେନ ସୁନ୍ଦରୀ ମମତାକୁ ପ୍ରେମ କରୁଛି ।' ମାନସ ଉତ୍ତର ଦେଲା ।

'ନା, ମାନସ ! ବିବାହ ପୂର୍ବରୁ ଏଭଳି ଆଚରଣରେ ପ୍ରବୃତ୍ତ ହେବା ଦୋଷାବହ । ମୋତେ ଛାଡ଼, ମୁଁ ଯାଏ ।'

'ଛାଡ଼ିବା ପାଇଁ ତ ତୁମକୁ ଧରିନି, ମମତା ! ମୁଁ ତୁମକୁ ସାରା ଜୀବନ ଧରି ଏମିତି ବାନ୍ଧି ରଖିବି ।'

'ତୁମେ କି ଦୁଷ୍ଟ !' ମମତା ମୃଦୁ ଭର୍ତ୍ସନା କଲା । ଠିକ୍ ଏଇ ସମୟରେ ମାଈଁଙ୍କର କଣ୍ଠସ୍ୱର ଶୁଣି ମାନସ ମମତାକୁ ବନ୍ଧନମୁକ୍ତ କଲା । କହିଲା, 'ତୁମେ ମୋ କଥା ଭୁଲିଯିବ ନାହିଁ, ମମି ! ମୁଁ ଚାଲିଗଲା ପରେ ଚିଠି ଲେଖୁଥିବ ।'

'ତୁମେ କ'ଣ ତାହାହେଲେ ଚାଲିଯାଉଛ ?' ମମତା ଆହତ କଣ୍ଠରେ ପ୍ରଶ୍ନ କଲା ।

'ପୂଜା ଛୁଟିଟା ଏଇଠି କଟିଗଲା । ଚାକିରି ଯେତେ-ବେଳେ କରୁଛି, ଚାଲିଯିବାକୁ ହିଁ ହେବ ।'

Digitized by PPRACHIN, SOA

'ପୁଣି କେବେ ଆସିବ ?' ମମତା ପ୍ରଶ୍ନ କଲା ।

'ସୁଯୋଗ ଦେଖି ଛୁଟି ପାଇବା ସଙ୍ଗେ ସଙ୍ଗେ ଚାଲି-ଆସୁଥିବ ।' ମାନସ ଉତ୍ତର ଦେଲା ।

ମାନସର ସେହି କଥା ଉପରେ ଭରସା କରି ମମତା ଶୋକହତା ପକ୍ଷିଣୀ ପରି ଫେରିଯାଇଥିଲା ।

ଥରକର କଥା ମନେପଡ଼ିଲା ମାନସର । ଚାକିରି ଜୀବନରେ ଥାଇ ସେ ଚିଠି ପାଇଲା ମମତାଠାରୁ । ମମତା ଲେଖିଛି, ଆଗାମୀ ଶୁକ୍ରବାର ତା'ର ଜନ୍ମଦିନ । ମାନସକୁ ଯିବାକୁ ପଡ଼ିବ । ନ ଗଲେ ସେ ମନକଷ୍ଟ କରିବ । ବହୁତ କାନ୍ଦିବ । ଆଉ ତା'ପରେ ଗଲେ ଜମା କଥା କହିବ ନାହିଁ କୁଆଡ଼େ । ମାନସର ମନ ଉଚ୍ଚାଟ ହେଲା । ତା'ର ଇଚ୍ଛା ହେଲା ସେଇ ସାଙ୍ଗେ ସାଙ୍ଗେ ସେଇ ବସିବା ସ୍ଥାନରୁ ଉଠିଯିବ । ଯାଇଁ ପହଞ୍ଚି ମମତାକୁ ଜାବୁଡ଼ି ଧରି କହିବ—ମମି, ତମ ଚିଠି ପାଇ ରହିପାରିଲିନି; ସାଙ୍ଗେ ସାଙ୍ଗେ ଚାଲି-ଆସିଲି । ତା'ପରେ ମମତା ଜନ୍ମଦିନର ବେଶ ବାସରେ ମାନସର ମନଲାଖି ନିଜକୁ ସଜେଇ ଲୁଚି ଲୁଚି ମାନସ ପାଖକୁ ଆସି ତା ଛାତିରେ ମୁହଁ ଲୁଚେଇଦିଅନ୍ତା ।

କିନ୍ତୁ ହାୟ ! ଏହା କେବେ ସମ୍ଭବ ହେଇପାରିବନି । ଅଫିସର ଇନ୍‌ସପେକ୍‌ସନ୍ ପାଇଁ କାହାରିକୁ ଛୁଟି ମିଳିବା ସାଧ୍ୟାତୀତ । ସେ ଚେଷ୍ଟା କରି ଲାଭ ନାହିଁ । ବରଂ ତା

Digitized by PPRACHIN, SOA

ଜନ୍ମଦିନ ପାଇଁ ଶ୍ରେଷ୍ଠ ଉପହାରଟିଏ ଯଦି କିଣି ପଠାଯାଇ-ପାରନ୍ତା……। କି'ଣ ପଠାଇବ ମାନସ ? କେତେଟଙ୍କା ସେ ବା ଖର୍ଚ୍ଚ କରିପାରିବ ? କୋଉଠୁ ବା ଅଧିକ ପାଇବ ?

ମମତାର ଜନ୍ମଦିନରେ ମାନସର କ୍ଷୁଦ୍ର ଉପହାର କି'ଣ ମମତାକୁ ଆନନ୍ଦ ଦେଇପାରିବ………!!! ତଥାପି ମାନସ ଖୋଜିବୁଲିଲା କିଛି ଗୋଟାଏ ପଠେଇବାକୁ । ବହୁତ ଖୋଜି ଖୋଜି ଶ୍ରେଷ୍ଠ କଳା ପଥରର ଗୋଟିଏ ଲମ୍ବା ମାଳ କିଣିଲା । ହଠାତ୍ ମାନସର ମନେହେଲା, ମମତାର ମରାଳଗ୍ରୀବାରେ ଏଇ କଳା ପଥରର ମାଳଟା ଗୁଡ଼େଇହେଇ ଯେତେବେଳେ ସ୍ତନ ଉପରକୁ ଝୁଲିଆସିବ ନା………ବେକତଳକୁ ସେଇ ଚକ୍‌କଣ ଖୋଲା ଅଂଶ-ତକ ଉପରେ ମାଳଟା ଓହ୍ଲାଇ ପଡ଼ିବ ନା……………
ଆଃ………!

ମାନସ ଆଉ ଭାବିପାରିଲାନି । ସେଦିନ ରାତିଟା ସେଇକଥା ଖାଲି ମନରେ କଳ୍ପନା କରି କରି ସେ ଶୋଇଗଲା । ମାଳଟା ପାଖରେ ରଖି ଶୋଇ ସେ ମମତାକୁ ସ୍ୱପ୍ନରେ ଦେଖିବାକୁ ଲାଗିଲା ।

ତା'ପରଦିନ ମାଳଟିକୁ ଭଲକରି ଯତ୍ନରେ ପଠେଇ-ଦେଲା । ଆଉ ଚିଠି ଖଣ୍ଡେ ବି ସେଇ ସାଙ୍ଗରେ ଲେଖିଦେଲା । ଅଫିସ କାମର ଚାପ ଦୃଷ୍ଟିରୁ ସେ ଯେ ବହୁ ଇଚ୍ଛା ଥାଇ ମଧ୍ୟ ଯାଇପାରିଲାନି ଏଥିପାଇଁ ଦୁଃଖିତ ବୋଲି ଜଣେଇଦେଲା ।

କିନ୍ତୁ ଯୋଗକୁ କାହାର ହାତ ନାହିଁ । ବୁଧବାର ଦିନ ଶେଷ ଅଫିସରେ ଖବର ଆସିଲା ଯେ ଇନ୍ସପେକ୍ସନ

Digitized by PPRACHIN, SOA

ତାରିଖ ଆଉ କିଛିଦିନ ପାଇଁ ଘୁଞ୍ଚିଗଲା । କେମିତି କେଜାଣି ମାନସର ମନରେ ରଙ୍ଗ ଜାଗିଲା । ଅଫିସରଙ୍କ ପାଖରେ ଯାଇ ବହୁତ ଦରକାର ବୋଲି ଦୁଇଟା ଦିନ ଛୁଟି ମାଗିଲା । ଅଫିସର ଜାଣନ୍ତି ମାନସ କେବେ ଛୁଟି ମାଗେନାହିଁ । ତା'ର ନିଶ୍ଚୟ ଦରକାର । ସାଙ୍ଗେ ସାଙ୍ଗେ ମଞ୍ଜୁର କରିଦେଲେ ।

ଗୁରୁବାରଦିନ ରାତିରେ ଗାଡ଼ିରେ ବସିଲା ମାନସ । ମମତାକୁ ଏ ବିଷୟରେ ଖବର ଦେଇନାହିଁ, କାରଣ ସେ ଜାଣିବାକୁ ଚାହୁଁଥିଲା—ହଠାତ୍ ପହଞ୍ଚିଗଲେ ପରେ କ'ଣ ହେବ ? ତା'ର ସେ ମାଳକୁ ଚିହ୍ନିଥିବ କି ନା ? ପୁଣି ଭାବିଲା, ଯଦି କମ୍ ଦାମ୍‌ର ଜିନିଷ ବୋଲି ନ ଚିହ୍ନିଥିବ···? ମାନସର ମନଟା ମରିଗଲା ।

ସକାଳୁ ଯାଇ ମାନସ ମାମୁଁଘର ପାଖରେ ପହଞ୍ଚିଲା । ଆଗ ମାଈଁଙ୍କ ଘରକୁ ନ ଯାଇ ଭାବିଲା ମମତା ଘରକୁ ଯାଇ ଆଗ ତାକୁ ଚମକାଇଦେବ । କିନ୍ତୁ ବିଧିର ବିଧାନ ଅନ୍ୟ ପ୍ରକାର । ଦାଣ୍ଡରେ ପହଞ୍ଚିବା ମାତ୍ରେ ମମତାର ଭାଉଜ ଦେଖିପକାଇଲେ । ଅତି ଖୁସିରେ ପାଟି କରିଉଠିଲା-ବେଳକୁ ମୁହଁରେ ହାତ ଦେଇ ତାଙ୍କୁ ଚୁପ୍ ରହିବାକୁ ଠାରିଲା ମାନସ ।

ଭାଉଜ ବୁଝିପାରିଲେ ଉଦ୍ଦେଶ୍ୟ । ଆସ୍ତେ ବାହାରକୁ ଆସି କହିଲେ, 'ତମେ ଆସିଲ, ମାନସ ! ଦେଖିବ ଆସ ମମିଙ୍କ ଅବସ୍ଥା । ଆଜି ଜନ୍ମଦିନରେ ମୁହଁକୁ ହାଣ୍ଡି ପରି କରି ବସିଛନ୍ତି ।'

Digitized by PPRACHIN, SOA

ଅଳ୍ପକେ ସବୁ ବୁଝିଗଲା ମାନସ । ଭଜନଙ୍କ ସମ୍ମତି ପାଦ ଚପି ଚପି ଭିତରକୁ ପଶିଲା । ଦେଖିଲା—ସକାଳୁ ନିତ୍ୟକର୍ମ ନ ସାରି ବାଳକୁ ଅଲଗା କରି ବିଛଣାରେ ପଡ଼ିଛି ମମତା । ପାଖରେ ତା'ର ସେଇ 'ମାଳିଚା' । ମାନସକୁ ଘର ଭିତରକୁ ଠେଲିଦେଇ ଭଜନ ଚାଲିଗଲେ ଅନ୍ୟ ଆଡ଼େ । ଆଜି ମାନସ ଠିଆ ହେଇ ରହିପାରିଲାନି । ଆଗେଇଗଲା ଅଭିମାନିନୀ ମମତା ଆଡ଼କୁ............... !!

ମାନସର ବାଙ୍କୁଡ଼ା ଯାତ୍ରା ପରେ ମମତା ଓ ତା' ଭିତରେ ପ୍ରଣୟର ଯେଉଁ କ୍ଷୁଦ୍ର ଅଙ୍କୁରୋଦ୍‌ଗମ ହେଲା, ତାହା କ୍ରମେ ବଡ଼ ହୋଇ ଶାଖାପ୍ରଶାଖା ମେଲିବାକୁ ଲାଗିଲା ।

ମମତାର ସାହିତ୍ୟରେ ଅସୀମ ଜ୍ଞାନ । ତା'କଲମରୁ ରସୋତ୍ତୀର୍ଣ୍ଣ ଭାଷା ସମ୍ଭବ ହୋଇଥାଏ । ସେ ତାର ସଂକ୍ଷିପ୍ତ ଚିଠିପତ୍ରରେ ତା'ର ମନୋଭାବକୁ ଯେତେ ସୁନ୍ଦର ଭାବରେ ବ୍ୟକ୍ତ କରିପାରେ ତାହା ଯେକୌଣସି ଭାଷାର ପ୍ରବୀଣ ସାହିତ୍ୟିକକୁ ବିମୁଗ୍ଧ କରିଦେବ ।

ମମତାର ଚିଠି ପାଇଲେ ମାନସ ସେନର ମନ ଭିତରେ ଚଞ୍ଚଳତା ଦେଖାଦିଏ । ସେ ଅନ୍ୟମନସ୍କ ଭାବରେ ଅନେକ କିଛି ଭାବିବସେ । କ୍ଲାସର ଛଳନା କରି ଗୋପନରେ ବସି ବସି ଉତ୍ତର ଲେଖେ । ଚିଠିର ଭାବ ଓ ଭାଷାରେ ମମତା ଚିଠିର ସମତା ଓ ଉତ୍କୃଷ୍ଟତା ଆଣିବ ବୋଲି ପ୍ରାଣାନ୍ତକ

Digitized by PPRACHIN, SOA

ଉଦ୍ୟମ କରେ । ମନ ନ ମାନିଲେ ବାରମ୍ବାର ଲେଖା କାଗଜକୁ ଚିରି ଫୋପାଡ଼ିଦିଏ । ଅନେକ ଉପନ୍ୟାସକୁ ଏକଠି କରି ବାଛି ବାଛି ଲାଇନ୍ ଉଦ୍ଧୃତ କରି ସେ ପ୍ରେମିକା ମମତାକୁ ଉତ୍ତର ଲେଖେ ।

ବାପା ମା ଚିଠି ଲେଖି କହନ୍ତି, 'ତୋ ପାଇଁ ଆମେ ପାତ୍ରୀ ବାଛିରଖିଛୁଁ ମାନସ ! ତୁ ଆସି ଥରେ ଦେଖିଦେଇ ଯା । ମନ ମାନିଲେ ବିବାହ ସ୍ଥିର କରିବା ।'

ମାନସ ଉତ୍ତର ଦିଏ ନା । ସେ ଅପେକ୍ଷା କରେ ମମତାକୁ । ମମତା ବି. ଏ. ପାସ୍ କରିବା ପରେ ଯାଇ ଅନ୍ୟ କଥା ।

ବିବାହ ସମ୍ପର୍କରେ ନିର୍ଦ୍ଦିଷ୍ଟ ମତାମତ ନ ପାଇ ମାନସର ପିତାମାତା କୌଣସି କଥା ସ୍ଥିର କରିପାରନ୍ତି ନାହିଁ । ସେମାନେ ପୁଅର ଏତାଦୃଶ ବ୍ୟବହାରରେ ଆଶ୍ଚର୍ଯ୍ୟ ପ୍ରକାଶ କରନ୍ତି ।

ମାନସର ମାଆ କିନ୍ତୁ ଖୁବ୍ ସରଳ । ସେ ନିଜର ସ୍ୱାମୀଙ୍କୁ ପରାମର୍ଶ ଦିଅନ୍ତି, ମାନସ ଆମର ଖୁବ୍ ଭଲ ପିଲା । ସେ କଣ ଆମ କଥାରୁ ବାହାରିଯିବ ? ଚାଲ, ଆମେ ପାତ୍ରୀ ଠିକଣା କରି ମାନସକୁ ବିବାହ ଲଗ୍ନ ଜଣାଇଦେବା ।

ମାନସର ବାପା ସେ ପରାମର୍ଶ ଶୁଣି ହସିଦିଅନ୍ତି । କହନ୍ତି, ବିବାହ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ବିଚାର ମାନସ ଉପରେ ଛାଡ଼ିଦେବାକୁ ଉଚିତ ହେବ । ପଛକୁ ସେ ଆମ ଉପରେ ଦୋଷ ଦେଇପାରିବ ନାହିଁ । ସେ ପାଠ ପଢ଼ି ଶିକ୍ଷିତ ହୋଇଛି । ଯାହା ଭଲ ବୋଲି ମନେ କରିବ,

Digitized by PPRACHIN, SOA

ତାହାହିଁ କରିବ । ତା' ବ୍ୟତୀତ, ସେ ପାତ୍ରୀ ସଙ୍ଗେ ବିବାହ ହେବ ମାନସର । ତୁମର ନୁହ କି ମୋର ନୁହ ।

ମାନସର ମାଆ ଆଜି ଆଗେଇପାରନ୍ତି ନାହିଁ । କିନ୍ତୁ ବାପ ମା ଥାଉ ଥାଉ ପୁଅ ଯେ କେମିତି ତା'ର ସ୍ତ୍ରୀର ନିର୍ବାଚନ ଦାୟିତ୍ୱ ନେବ, ସେକଥା ଭାବି ବିସ୍ମୟ ପ୍ରକାଶ କରନ୍ତି । ସେ ବୁଝିପାରନ୍ତି ନାହିଁ ଯେ, ଯୁଗ ବଦଳି-ଯାଇଛି । ଯୁଗ ବଦଳିବା ସଙ୍ଗେ ସଙ୍ଗେ ଯୁଗଲୋକଙ୍କର ରୁଚିଜ୍ଞାନ ବଦଳିଯାଇଛି । ସନ୍ତାନମାନେ ସବୁ କଥାରେ ବାପମାଙ୍କୁ ଚାହିଁ ବସିବା ଉଚିତ ମନେ କରୁ ନାହାନ୍ତି । କେତୋଟି ବଡ଼ ବଡ଼ ଦାୟିତ୍ୱ ନିଜ ହାତକୁ ନେବା ଆରମ୍ଭ କଲେଣି ।

ବିଂଶ ଶତାବ୍ଦୀର ସଭ୍ୟତା ପାଶ୍ଚାତ୍ୟ ସଭ୍ୟତାକୁ ପଦେ ପଦେ ଅନୁସରଣ କରି ଚାଲିଛି । ଏ ସଭ୍ୟତାର ଶେଷ କେଉଁଠି ?

ମାନସର ମାଆ ମନେପକାନ୍ତି ନିଜ ପିଲାଦିନର କଥା । ତାଙ୍କର ବିବାହ ସମ୍ପର୍କ ବେଳେ ସ୍ୱୀକୃତି ଦେବାପାଇଁ ମାନସର ପିତା ଆସି ଦେଖି ଯାଇ ନ ଥିଲେ । ତାଙ୍କ ସଙ୍ଗରେ ପ୍ରଥମ ସାକ୍ଷାତ ହୋଇଥିଲା ସେଦିନ ଚଉଠି ରାତିରେ ମହଲଣ ଦିଅ ଖାପ ଆଲୁଅରେ ।

ସେ ଯୁଗ ବଦଳିଯାଇଛି ।

ମାନସର ବାପା କହୁଛନ୍ତି, ମାନସ ନିଜେ ଆସି ନିଜର ବିବାହ ପ୍ରସଙ୍ଗ ସ୍ଥିର କରିବ । ବିବାହ ସମ୍ପର୍କରେ ବାପ ମାଆଙ୍କର କହିବାର ଅଧିକାର କିଛି ନାହିଁ । ଏବେ ଦିନ

Digitized by PPRACHIN, SOA

କୋଳେଇ କାଖେଇ ଭଲମନ୍ଦ ବୁଝି ଯାହାକୁ ମଣିଷ କରି ଛିଡ଼ା କରାଇଲେ, ତା'ର ଭବିଷ୍ୟତ ସମ୍ପର୍କରେ କିଛିହେଲେ କହିବାର ଅଧିକାର ରହିଲା ନାହିଁ ।

ମାନସର ବାପା ସରକାରୀ ଚାକିରିଆ ଲୋକ । ସବୁବେଳେ ବିଦେଶରେ । ଟଙ୍କା ଗଣ୍ଡାକ ମନିଅର୍ଡ଼ର କରି ପଠାଇଦେଲେ ସେ ବୁଝନ୍ତି ମାସକର କର୍ତ୍ତବ୍ୟ ଶେଷ ହୋଇଗଲା । ମାନସ ବାହା ହେଲେ କେତେ, ନ ହେଲେ କେତେ ? ତା' ତଳକୁ ତାପସ ଓ ତପସ୍ୱିନୀ । ମାନସ ପରେ ତିନୋଟି ପୁଅଝିଅ ମରିହଜି ଯାଇ ଶେଷ ଦୁଇଟି ବଞ୍ଚିଗଲେ । ସେମାନେ ମଧ୍ୟ ସ୍କୁଲକୁ ଯିବା ଆରମ୍ଭ କରି-ଦେଇଛନ୍ତି । ତାଙ୍କର ଏବେ ଅନେକ ଜଞ୍ଜାଳ । ଆଜ ପିଲାଙ୍କ ପଇସା ନାହିଁ ତ କାଲି ପେନ୍‌ସିଲ କାଗଜ ନାହିଁ ।

ମାନସ କଲେଜ ପଢ଼ା ଶେଷ କରି ଚାକିରି କଲାଦିନୁ ଜଞ୍ଜାଳ ଅନେକ କମିଯାଇଛି । ହେଲେ ଦାୟିତ୍ୱ କମିନାହିଁ । ଆଗକୁ ତାର ବିବାହ ।

ମାନସର ମାଆ ସ୍ୱାମୀଙ୍କ କଥାରେ କାନ ନ ଦେଇ ମନେମନେ ବୋହୂ ଖୋଜି ବୁଲନ୍ତି । ରୂପର ଗୁଣର ବୋହୂଟିଏ ତାଙ୍କର ଆବଶ୍ୟକ । ଶାଶୁଶଶୁରଙ୍କ ସେବା କରିବ । ଦିଅର ନଣନ୍ଦଙ୍କୁ ଆଦର କରିବ । ମାତ୍ରକୁ ମୁଁ ବୋଲି କହିବ ନାହିଁ । ଅବଶେଷରେ, ଗେହ୍ଲାପୁଅ ମାନସକୁ ଅଣ ଆପଣାର କରିନେବ ।

ଦୁନିଆରେ ଝିଅର ଅଭାବ ନାହିଁ ସତ; କିନ୍ତୁ ରୂପର ଗୁଣର ବୋହୂ କେଇଜଣ ମିଳିବେ ?

Digitized by PPRACHIN, SOA

ସମ୍ପର୍କ ଆସେ ଅନେକ ସ୍ଥାନରୁ ।

ମାନସର ମାଆ ଖବର ନେଇ ଜାଣନ୍ତି, ଝିଅଟି ଭୁବନମୋହିନୀ କନ୍ୟା ହେଲେ କ'ଣ ହେଲା, ସ୍ୱଭାବଟି ବଡ଼ ଖରା । ଆଜି କେଉଁ ଝିଅ ସୁନ୍ଦର ହୋଇ ମଧ୍ୟ ଦାନ୍ତୁରୀ, ଅସୁନ୍ଦରୀ । ଆଜି କେଉଁଠି ରୂପର ଗୁଣର ହୋଇ ଝିଅଟିଏ ମିଳିଲେ, ଅଭିଭାବକର ପ୍ରତିଷ୍ଠା ନ ଥାଏ ।

ମାନସର ମାଆ ଆହୁରି ଖୋଜ ହୁଅନ୍ତି । କାହିଁ ସେଇ ବୋହୂ, ଯାହାକୁ ସେ ବାରମ୍ବାର ଖୋଜି ହେଉଛନ୍ତି ? କାହିଁ ସେହି ବୋହୂ, ଯାହାକୁ ସେ ଏ ପର୍ଯ୍ୟନ୍ତ ଦେଖି ପାରିଲେ ନାହିଁ ?

ମାନସ ଗତବର୍ଷ ପୂଜାଛୁଟିବେଳେ କଲିକତା ଯାଇଥିଲା । ସମୁଦାୟ ପୂଜାଛୁଟି ସେଠି କଲିକତାରେହିଁ କଟିଗଲା । କାଳେ ମମତାର ପଢ଼ାପଢ଼ିରେ ବିଘ୍ନ ଘଟିପାରେ, ସେହି ଧାରଣା ପୋଷଣ କରି ସେ ଜମାରୁ ବାଙ୍କୁଡ଼ା ଯିବା କଥା ମନେ କଲା ନାହିଁ ।

ଅଥଚ ପୂଜାଛୁଟି ପୂର୍ବରୁ ପ୍ରେମିକା ମମତା ଲେଖିଥିଲା, ତୁମେ କେବେ ଆସୁଛ, ମାନସ ? ତୁମକୁ ଦେଖିବି ବୋଲି ମୋ' ମନ ଭିତରେ ଅନେକ ଉତ୍କଣ୍ଠା । ତୁମେ ଆସିଲେ ଅନେକ କଥା କହନ୍ତି । ସତରେ ମାନସ, ତୁମ ପାଖରେ କହିବାକୁ ମୋର ଅନେକ କଥା ରହିଛି । କାଗଜ କଲମରେ ସେ ସବୁ ଲେଖିହେଉନାହିଁ ।

Digitized by PPRACHIN, SOA

ଆମ ଜୀବନ ନଦୀର ସ୍ରୋତ କ'ଣ ଇପ୍ସିତ ମାର୍ଗରେ ବୋହିବ ନାହିଁ ?

ଆମ ଜୀବନର ମୂଳ ଲକ୍ଷ୍ୟ କ'ଣ ବ୍ୟାହତ ହେବ ?

ମୁଁ ବଡ଼ ଅସ୍ଥିର ହୋଇଉଠୁଛି, ମାନସ ! ଅନାଗତ ଆଶଙ୍କାରେ ମୁଁ ଭାଙ୍ଗି ଭାଙ୍ଗି ପଡ଼ୁଛି ।

ଆଃ, ପୂଜାଛୁଟି ଆଉ କେତେ ଦିନ ?

ମାନସ ହେମ ଶଠେ ପାଇ ମମତାର ମନର ଅସ୍ଥିରତା କଥା ହୃଦୟଙ୍ଗମ କଲା । ସେ ଅସ୍ଥିର ମମତାର ଉଦ୍‌ବେଗଭରା ମୁଖମଣ୍ଡଳକୁ ମାନସଚକ୍ଷୁରେ ଅବଲୋକନ କରୁ କରୁ ମନକୁ ମନ ହସିପକାଇଲା ।

ଆଉ ଗୋଟିଏ ବର୍ଷର କଥା ।

ବର୍ଷକ ପରେ ମମତା ସଙ୍ଗେ ସାକ୍ଷାତ କରିବ । ସେତେବେଳକୁ ତା'ର ବି. ଏ. ପରୀକ୍ଷା ଆଉ ନ ଥିବ ।

ବିବାହ ଲଗ୍ନ କଥା ଶୁଣି କ'ଣ କହିବ ମମତା ?

ନା ନା, ଏଇ ସ୍ୱଳ୍ପ ସମୟର ସାକ୍ଷାତ ଆଉ ଭଲ ଲାଗୁନାହିଁ । ବିଚ୍ଛେଦ ଅବସ୍ଥାରେ ମନର ଗ୍ଲାନି ବଢ଼ୁଛି । ମମତାକୁ ଏଥର ସବୁଦିନ ପାଇଁ ପାଖରେ ରଖିବାକୁ ହେବ ।

କିନ୍ତୁ—

ମମତା ସାଙ୍ଗରେ ସାକ୍ଷାତ କଲାପରେ ସେ ଆଉ ପାଠ-ପଢ଼ାରେ ମନ ଲଗାଇପାରିବ ନାହିଁ । ପାଖରେ ବସି କହିବ, ତୁମେ ମୋର ପାଖରେ ବସିଥିଲେ ଦୁଃଖଶୋକ ମୁଁ ଭୁଲିଯାଏ, ମାନସ ! ଦିବସ ଓ ରାତିର ବ୍ୟବଧାନ ଦୂରେଇ-

Digitized by PPRACHIN, SOA

ଯାଏ । ମନହୁଏ, ତୁମେ ସବୁବେଳେ ମୋ ପାଖରେ ବସି-
ଥାଆନ୍ତ କି ? ପାଖରେ ବସି ଏମିତି କଥା କହୁଥାନ୍ତ । ମୁଁ
ତୁମ ମୁହଁରୁ ସବୁ କଥା ଗୋଟି ଗୋଟି ହୋଇ ଶୁଣୁଥାନ୍ତି ।

ମମତା ଭିତରେ ଭାବ ପ୍ରବଣତା ସର୍ବାଧିକ ।

ଅଥଚ ପ୍ରଥମ ସାକ୍ଷାତ ବେଳେ ସେ କେତେ ଲାଜ କରୁ
ନ ଥିଲା ! ତିନି ପଦ ପ୍ରଶ୍ନରେ ହଁ କି ନା ଗୋଟିଏ ଅକ୍ଷରରେ
ଉତ୍ତର ଦେଉଥିଲା । ମୁହଁକୁ ସିଧାସଳଖ କରି ଅନାଇବାର
ସାହସ ନ ଥିଲା ।

ସେହି ମମତା ପୁଣି ସମ୍ପୂର୍ଣ୍ଣ ପରିଚୟ ହେବା ପରେ
ଏକାବେଳକେ ବଦଳିଗଲା ! ଥରଟିଏ ବିଶ୍ୱାସ କରିବା ପରେ
ନିଜକୁ ଗୋଟାପଣେ ଛାଡ଼ିଦେଇଗଲା । କଥାରେ ତା'ର
କେତେ ସ୍ନେହ, କେତେ ମୋହ !

ମମତା ସଙ୍ଗେ ନିବିଡ଼ ଭାବରେ ପରିଚୟ ହେବା ପୂର୍ବରୁ
ଅନେକ ଝିଅଙ୍କ ସଙ୍ଗରେ ମାନସର ସାକ୍ଷାତ ହୋଇଥିଲା ।
ସେମାନେ ମଧ୍ୟ ଖୁବ୍ ଆଗ୍ରହ ଦେଖାଇ ପାଖେଇ ଆସିଥିଲେ ।
ପ୍ରଲୋଭନର ବ୍ୟୂହ ଭିତରେ ତାକୁ କରଗତ କରିବାକୁ
ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରସାଧନର ସର୍ବୋଚ୍ଚ ପାହାଚ
ଆରୋହଣ କରି ତାକୁ ଇଙ୍ଗିତ ଦେଇଥିଲେ, ଆସ ମାନସ !
ଏ ରୂପ ଯୌବନ ପ୍ରତି ଯଦି ମମତା ଅଛି, ତାହାହେଲେ
ଆମର ବଢ଼ାଇଥିବା ଏ ମୁଲାୟମ ହାତ ଧରିନିଅ । ଆମେ
ପରସ୍ପରର ବନ୍ଧୁ ହୋଇ ଚଳିବା । ମନଭରି ମଉଜ
କରିବା । ଜୀବନ ଯୌବନର ସ୍ୱାଦ ଚାଖିବା ।

Digitized by PPRACHIN, SOA

କିନ୍ତୁ ମାନସର ମନ ଆଜି ଗୋଟିଏ ଛାଞ୍ଚରେ ଗଢ଼ା । ସେ ଜାଣିଥିଲା, ଏଇ ରଙ୍ଗୀନ ପ୍ରଜାପତିମାନଙ୍କୁ ଧରିବାକୁ ଗୋଡ଼ାଇଲେ ତଳଗା'ରେ କଣ୍ଟା ଚଳିବାର ଆଶଙ୍କା ଅଛି । ଉପରକୁ ଅନାଇ ବାଟ ଚାଲିବାରେ ଝୁଣ୍ଟିବାର ସମ୍ଭାବନା ଅନେକ । ଏଇ ଝିଅମାନଙ୍କୁ ଖାଲି ଦୂରରୁ ଥାଇ ଉପଭୋଗ କରିବା ଉଚିତ । ଏମାନେ ପ୍ରେମିକା ହୋଇପାରନ୍ତି, କିନ୍ତୁ ପ୍ରଣୟିନୀ ନୁହନ୍ତି ।

ମାନସ ଜାଣିଶୁଣି ସେଇ ରଙ୍ଗୀନ୍ ପ୍ରଜାପତିମାନଙ୍କ ନିକଟରୁ ଦୂରେଇଗଲା । ମୁହଁ ତଳକୁ ପୋତି ବାଟ ଚାଲିବାର ଅଭ୍ୟାସଟି କଲା । ଅନେକ ସହାଧ୍ୟାୟୀ ବନ୍ଧୁଙ୍କ ପରି ଅପଦସ୍ଥ ହେବା ଆଗରୁ ନିଜକୁ ରକ୍ଷାକଲା ।

କଲେଜ ଜୀବନଟା ଗୋଟିଏ ସୁନ୍ଦର ସ୍ୱପ୍ନ ପରି ଶୀଘ୍ର ଶେଷ ହୋଇଗଲା । ବି.ଏ. ପାସ୍ କରିବା ପରେ ମାଆ ତାକୁ କିଛୁଦିନ ପାଇଁ ଅଟକାଇ ରଖିବାକୁ ଚାହିଁଲେ । କହିଲେ, ଏତେ ବର୍ଷ ହେଲା ମନ ପୂରାଇ ତୋତେ ଦେଖି-ପାରିଲି ନାହିଁ କି, ପେଟ ପୂରାଇ ଖୁଆଇପାରିଲି ନାହିଁ । ମୁହଁରେ କାନରେ କଣ ମୂଠାଏ ଗୁଞ୍ଜିଦେଇ ଖାଲି ପାଠ ପଢ଼ିବାକୁ ଧାଇଁଲୁ । ଏବେ କିଛୁଦିନ ଘରେ ରହ ।

କିନ୍ତୁ ମାନସର ମନ ଥୟ ଧରିଲା ନାହିଁ । ବସି ଖାଇବା ତାର ସ୍ୱଭାବବିରୁଦ୍ଧ କଥା । ସେ ବିଭିନ୍ନ ସ୍ଥାନକୁ ଚାକିରି ପାଇଁ ଦରଖାସ୍ତ ପଠାଇ ଗ୍ଲେଟକାଟିଆ ବ୍ୟବସାୟଟିଏ ଆରମ୍ଭ କରିଦେଲା ।

Digitized by PPRACHIN, SOA

ବ୍ୟବସାୟରେ ପାଦ ଦେଇ କେହି ସଙ୍ଗେ ସଙ୍ଗେ ଉଧାଏ ନାହିଁ । କେତେ ବାଧାବିଘ୍ନ ଅତିକ୍ରମ କଲେ ଯାଇଁ ଜୀବନରେ ସଫଳତା ଆସେ । ବ୍ୟବସାୟର ରାସ୍ତା ଅଲଗା । ସବୁବେଳେ ସାଧାରଣ ଲୋକଙ୍କ ସଙ୍ଗରେ ସମ୍ପର୍କ । ଲୋକ ଚିହ୍ନି କାରବାର କରିବାକୁ ପଡ଼େ । ଅନେକ ଲୋକ ଅନେକ ପ୍ରକାର ଅଭାବ ଅସୁବିଧା ଦେଖାଇ ଧାର ଉଧାର ମାଗନ୍ତି । ସହାନୁଭୂତି ଦେଖାଇ ଉଧାର ଦେଲେ, ଯଥା-ସମୟରେ ତାକୁ ଫେରାନ୍ତି ନାହିଁ । ବ୍ୟବସାୟ ବୁଡ଼ିଯାଏ ।

ସତ୍ୟ କଲେଜ ଫେରନ୍ତା ମାନସ ସେନର ବ୍ୟବସାୟରେ ସେହି ଦଶା ହେଲା । ପ୍ରଥମ ଥର ବ୍ୟବସାୟ ବୁଡ଼ିଗଲାବେଳେ ବାପା ନିଜର ସଞ୍ଚିତ ପାଣ୍ଠି ମାନସ ହାତକୁ ବଢ଼ାଇ ଦେଇ କହିଲେ, ବ୍ୟବସାୟରେ ଧୈର୍ଯ୍ୟ ଆବଶ୍ୟକ । ବିପଦବେଳେ ମନ ମାରିଦେବା ଉଚିତ ନୁହେଁ । କାରବାର ଉଣା କରିଦେଲେ ଉଧାର ଟଙ୍କା ଫେରି ପାଇବାର ଆଶା ନାହିଁ । ତେଣୁ ମନ ନ ହାରି ପୁଣିଥରେ ବ୍ୟବସାୟ କର ।

ଠିକ୍ ଏହି ସମୟରେ ଆଉ ଗୋଟିଏ ଘଟଣା ବି ଘଟିଗଲା । କଲିକତା ମହାନଗରୀର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଆସି ମାନସର ବାପାଙ୍କ ସଙ୍ଗେ ସାକ୍ଷାତ କଲେ ଓ ମାନସକୁ ବ୍ୟବସାୟ ସଂକ୍ରାନ୍ତରେ ସାହାଯ୍ୟ କରିବା କଥା ପ୍ରକାଶ କଲେ । ସାହାଯ୍ୟର ଏକମାତ୍ର ସର୍ତ୍ତ ଥିଲା ଯେ ସେ ତାଙ୍କର ଏକମାତ୍ର ଅଲଅଳୀ କନ୍ୟା ଉମିଳାକୁ ବିବାହ କରିବ ।

Digitized by PPRACHIN, SOA

ମାନସର ଶ୍ରେଷ୍ଠ ପରିବାର ଭିତରେ ଏ ଘଟଣା ଶୃଙ୍ଖଳା ସୃଷ୍ଟି କଲା । ସମସ୍ତେ ଭାବିଲେ, ସାହାଯ୍ୟକାରୀଙ୍କ ଏହି ବିବାହ ସର୍ତ୍ତଟା ପରିବାର ପକ୍ଷରେ ଏକ ଅଦୃଶ୍ୟ ଆଶୀର୍ବାଦ । ସେମାନେ ମାନସର ଭବିଷ୍ୟତ ଜୀବନକୁ କେନ୍ଦ୍ର କରି ଅନେକ ଶ୍ରେଷ୍ଠ ବଡ଼ କଳ୍ପନାରେ ବ୍ୟସ୍ତ ହେଲେ ।

ମାନସର ମାଆ ମାନସଙ୍କର ଦୁଇ ସମ୍ପର୍କୀୟ ଭାଉଜ ଓ ଭଉଣୀମାନଙ୍କୁ ସଙ୍ଗରେ ନେଇ ବୋହୂ ଦେଖିବାକୁ ବାହାରିଲେ ।

ରମିଳା ଘରର ସ୍ନେହ ଆଦରରେ ସେମାନେ ସନ୍ତୁଷ୍ଟ ହୋଇଗଲେ । ରମିଳାର ରୂପଲାବଣ୍ୟ ଦେଖି ମାନସର ମା'ଙ୍କ ଆଖି ଝଲସିଉଠିଲା । ଆଖିଝଲସା ରୂପ ସଙ୍ଗକୁ ଅତି ସୁନ୍ଦର ବେଶଭୂଷଣ । ସୁନା ଗହଣାରେ ସର୍ବାଙ୍ଗ ଭରି-ହୋଇଯାଇଛି ।

ମାନସର ମାଆ ଘରକୁ ଫେରି ଆସି ରମିଳାର ରୂପ ଲାବଣ୍ୟର ବର୍ଣ୍ଣନା କରୁ କରୁ କୃତକୃତ୍ୟ ହୋଇଉଠିଲେ । ଏହାପରେ ଠିକ୍ ହେଲା, ମାନସ ଦିନେ ତା'ର ବାପାଙ୍କ ସଙ୍ଗରେ ଶ୍ୱଶୁରଘରକୁ ଯିବ ।

ପରଦିନ ଗୋଟିଏ ଶୃଙ୍ଖଳିକର ସମ୍ବାଦ ସମ୍ବାଦପତ୍ରରେ ପ୍ରକାଶିତ ହେଲା । ସେଥିରେ ଉଲ୍ଲେଖ ଥିଲା, ରମିଳାର ବାପ ସହରର ଗୋଟିଏ 'ବାରଙ୍ଗନା-ପାଳିକା' ନାମରେ କୋର୍ଟରେ ଠକେଇ ଅଭିଯୋଗ କରିଛନ୍ତି । ଝିଅଟିକୁ କୁଆଡ଼େ ବହୁମୂଲ୍ୟ ବେଶଭୂଷଣ ଓ ସାଜ ଗହଣାରେ ଭରି ଦେଇ ସେ ନଜର

Digitized by PPRACHIN, SOA

ଅସୁନ୍ଦରୀ ଝିଅର ଅଭିନୟ କରିବାକୁ ଡକାଇ ନେଇଥିଲେ । ବରପକ୍ଷର ଲୋକ ଆସି ଝିଅଟିକୁ ଦେଖିଯିବା ପରେ ସେହି ଝିଅଟି ଅନ୍ତର୍ଦ୍ଧାନ ହୋଇଗଲା । ସେ ଆଉ ସାଜ ଅଲଙ୍କାରତକ ଫେରାଇଦେଲା ନାହିଁ ।

ସମ୍ବାଦପତ୍ରରେ ଝିଅଟିର ଆବକ୍ଷ ଛବିଟିଏ ମଧ୍ୟ ପ୍ରକାଶିତ ହୋଇଥିଲା । ସେହି ଝିଅର ଫଟୋ ଦେଖି ମାନସର ମାଆ ମଥାରେ ହାତ ଦେଲେ । କାରଣ ସେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ, ଯେଉଁ ଝିଅଟିକୁ ରମିଲା ଭାବରେ ବିଖ୍ୟାତ ବ୍ୟବସାୟୀଙ୍କ ଘରେ ଦେଖିଆସିଥିଲେ, ସେ ପ୍ରକୃତ ରମିଲା ନୁହେଁ ।

ଖବର ନେବାରେ ଜଣାପଡ଼ିଲା, ରମିଲାନାମ୍ନୀ ଝିଅଟି ଦେଖିବାକୁ ନିତାନ୍ତ ଅସୁନ୍ଦରୀ । ତା'ର ମୁହଁରେ ବସନ୍ତର ଦାଗ । ଶରୀରଟି ଅସମ୍ଭବ ଭାବରେ ସ୍ଥୂଳ ।

ଏହି ଘଟଣା ପରେ ବିଖ୍ୟାତ ବ୍ୟବସାୟୀ ଆଉ ଦ୍ୱିତୀୟ ଥର ପାଇଁ ମାନସର ବାପମା'ଙ୍କ ସଙ୍ଗରେ ସାକ୍ଷାତ କରି ନ ଥିଲେ ।

ମାନସ ଭାବିଲା, ସେହି ତଥାକଥିତ ଭଦ୍ରଲୋକ ଅର୍ଥ ସାହାଯ୍ୟର ପ୍ରଲୋଭନ ଦେଖାଇ ତାକୁ ଖରିଦ କରିବାକୁ ଚାହିଁଥିଲେ ।

ଠିକ୍ ଏହି ସମୟରେ ଭୁବନେଶ୍ୱରରୁ ମାନସ ନାଁରେ ନିଯୁକ୍ତି ପତ୍ର ଆସିଲା । ସେ ବ୍ୟବସାୟ ବନ୍ଦକରି ଭୁବନେଶ୍ୱର ଚାଲି ଆସିଲା । ବ୍ୟବସାୟରେ ଯେଉଁ ବସ୍ତ୍ରର କ୍ଷତି

Digitized by PPRACHIN, SOA

ଘଟିଲା, ଫଳରେ ପରିବାରର ଆର୍ଥିକ ଅବସ୍ଥା ଦୋହଲି-ଯାଇଥିଲା । ପୁଣି ଥରେ ପୂର୍ବର ସେହି ଆର୍ଥିକ ଭାରସାମ୍ୟ ରକ୍ଷା କରିବାପାଇଁ ମାନସ ପ୍ରତିଜ୍ଞାବଦ୍ଧ ହେଲା ।

ଅବସ୍ଥା ଦେଖି ମାନସର ମାଆ ଆଉ ତାକୁ ଆକଟ କରିପାରିଲେ ନାହିଁ ।

ପାରିଲା ପୁଅକୁ ଘରକୋଣରେ ଅଟକାଇ ରଖିବା ଅବୋଧତା ହେବ ସିନା !

ମାନସ ସେନ ବୟସରେ ଖୁବ୍ ଛୋଟ ହେଲେ ମଧ୍ୟ ଜୀବନରେ ଅନେକ ଅଭିଜ୍ଞତା ଅର୍ଜନ କରିଛି ।

ସେଥର ଘରପାଖରୁ ମା'ଙ୍କର ଦେହ ଅସୁସ୍ଥ ଥିବା ଖବର ଗୋଟିଏ ଜରୁରୀ ଟେଲିଗ୍ରାମ୍‌ରୁ ପାଇ ସଙ୍ଗେ ସଙ୍ଗେ ଛୁଟି ନେଇ କଲିକତା ଆସିଲା । ମନ ଭିତରେ ଅନେକ ଉଦ୍‌ବେଗର ଭେଳା । ମାଆଙ୍କର ଅସ୍ୱାସ୍ଥ୍ୟ ଖବର ତାକୁ ବ୍ୟତିବ୍ୟସ୍ତ କରିପକାଇଥିଲା ।

ଗୋଟିଏ ଦମ୍‌ରେ କଲିକତା ପହଞ୍ଚି ଦେଖେ, ମାଆ ତା'ର ସୁସ୍ଥ ହୋଇଗଲେଣି । ମୁଣ୍ଡ ଉପରୁ ପାହାଡ଼ଟିଏ ଓହ୍ଲାଇଗଲା ଯେମିତି ।

ସେ ଦିନ ସନ୍ଧ୍ୟାବେଳେ ଡାକ୍ତର ଆସିଥିଲେ ମାଆଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ । ମାନସ ସଙ୍ଗରେ ପରିଚୟ ହେବା ପରେ ସେ ଅତିଶୟ ଆନନ୍ଦ ପ୍ରକାଶ କଲେ ।

ଡାକ୍ତରଙ୍କ ସ୍ନେହପୂର୍ଣ୍ଣ ବ୍ୟବହାର ମାନସକୁ ଅଶେଷ ଆନନ୍ଦ ଦେଲା । ସେ ଗଲାବେଳେ ଫିସ୍ ମଧ୍ୟ ନେଲେ ନାହିଁ ।

Digitized by PPRACHIN, SOA

କହିଲେ, ତୁମ ଘର କଣ ମୋ ନିଜ ଘର ନୁହେଁ ! ବ୍ୟସ୍ତ ହେଉଛ କାହିଁକି ଯେ ? ମାଆ ତୁମର ପ୍ରଥମେ ଭଲ ହୋଇ-ଯାଆନ୍ତୁ ନା !

ଡାକ୍ତରଙ୍କ ବ୍ୟବହାର ଦେଖି ମାନସ ସେନର ମନ ନଇଁଗଲା । ସେ ଭାବିବାକୁ ଲାଗିଲା, ଯଦି ଦେଶର ସବୁ ଡାକ୍ତର ଏମିତି ସୁନା ମଣିଷ ପାଲଟିଯାଆନ୍ତେ, ତାହା ହେଲେ କେତେ ଭଲ ହୁଅନ୍ତା ନାହିଁ ସତରେ !

ଦେଶରେ ତଥାକଥିତ ଅନେକ ଡାକ୍ତର ଅଛନ୍ତି, ଯେଉଁମାନେ ବିନା ଫିସ୍‌ରେ କଥା ଶୁଣନ୍ତି ନାହିଁ । ସେମାନଙ୍କ ଆଗରେ ଜୀବନ ଅପେକ୍ଷା ଅର୍ଥ ଲାଳସା ବଡ଼ । ରୋଗୀ ବଞ୍ଚୁ କି ମରୁ, ସେଥିକି ତାଙ୍କର ଦୃଷ୍ଟି ନାହିଁ । ପକେଟ୍‌କୁ ପଇସା ଆସିଲେ ହେଲା । ମଣିଷର ଜୀବନ-ମରଣ ସମସ୍ୟାର ଲାଇସେନ୍‌ସ ଧରି ସେମାନେ ଖେଳ ଖେଳନ୍ତି ।

ଏ ପ୍ରକାର ସର୍ବଗ୍ରାସୀ ଅର୍ଥଲାଳସା ହେତୁ ଡାକ୍ତରମାନଙ୍କ ବିରୁଦ୍ଧରେ ଅନେକ ପ୍ରଚାର ହୋଇଥାଏ । ସେ ପ୍ରଚାରରେ ତାଙ୍କର ମୁଣ୍ଡ ନଇଁଯାଏ ନାହିଁ । ବରଂ ସେମାନେ ଲୋକଙ୍କର ବିରୁଦ୍ଧ ମନ୍ତବ୍ୟ ଶୁଣି ଉପହାସର ହସ ହସନ୍ତି ।

କିନ୍ତୁ ମାଆଙ୍କର ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କ ସ୍ୱଭାବ ସ୍ୱତନ୍ତ୍ର ଧରଣର ଥିଲା । ସେ ପରିଦର୍ଶନ ଫିସ୍ ନେବାକୁ ସୁଦ୍ଧା ବାରଣ କଲେ ।

ଏହାପରେ ଆହୁରି ଦୁଇଦିନ ଆସି ସେ ସ୍ୱାସ୍ଥ୍ୟ ପରୀକ୍ଷା କରିଗଲେ । ତୃତୀୟ ଦିନ ଆସି କ'ଣ ଗୁପ୍ତ ପରାମର୍ଶ କଲେ

Digitized by PPRACHIN, SOA

କେଜାଣି, ମାନସର ମାଆ ମାନସକୁ ଡାକ୍ତରଙ୍କ ସଙ୍ଗରେ ତାଙ୍କ ଘରକୁ ଯିବାକୁ ଆଦେଶ ଦେଲେ ।

ମାନସ ଭଦ୍ରତା ରକ୍ଷା କରି ଡାକ୍ତରଙ୍କ ଅନୁଗମନ କଲା ।

ଡାକ୍ତରଙ୍କ ଘରେ ମଧ୍ୟ ମାନସର ଅନେକ ସମ୍ମାନ । ନିଜେ ଡାକ୍ତରଙ୍କ ପତ୍ନୀ ପାଖରେ ବସି ଘରୋଇ ଖବର ବୁଝିବାକୁ ଲାଗିଲେ । ଏତାଦୃଶ ବ୍ୟବହାର ଦେଖି ମାନସର ମନ ବିସ୍ମୟରେ ଭରିଗଲା । ତାକୁ ଲାଗୁଥିଲା, ସେ ଏକ କୁହୁକପୁରୀରେ ପ୍ରବେଶ କରିଛି । ଡାକ୍ତରଙ୍କ ଘରେ ଏତେ ସମ୍ମାନ ପାଇବ ବୋଲି ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲା ।

ଏହା ବ୍ୟତୀତ ଆହୁରି ଏକ ଆଶ୍ଚର୍ଯ୍ୟ ଘଟଣା ତାକୁ ଅପେକ୍ଷା କରି ବସିଥିଲା ।

କାନ୍ଥ ଘଣ୍ଟାରେ ଛଅଟା ବାଜିବାର ସୂଚନା ପାଇ ସେ ନିଜ ଘରକୁ ଫେରିଆସିବାକୁ ପ୍ରସ୍ତୁତ ହେଉଛି, ଗୋଟିଏ ଅତ୍ୟାଧୁନିକା ପ୍ରଗଲ୍‌ଭ ଯୁବତୀ ସଙ୍ଗରେ ତା'ର ସାକ୍ଷାତ ହେଲା ।

ଝିଅଟି ବୋଧହୁଏ ସିଧା ଫେରୁଥାଏ ଟେନିସ୍ ପଡ଼ିଆ କିମ୍ବା ପିଙ୍ଗ୍‌ପଙ୍ଗ୍ ଟେବୁଲ୍ ପାଖରୁ । ବେକତଳେ ତାର କେଇଟୋପା ମୁକ୍ତାବିନ୍ଦୀ ଝାଳ ଜମିଯାଇଥାଏ । ଗୋଲାପୀ ଟେରିଲିନ୍ ଶାଢ଼ୀ ସଙ୍ଗକୁ ରକ୍ତ ରଙ୍ଗର ବେକକଟା ବ୍ଲାଉଜ୍ ଖଣ୍ଡେ ପିନ୍ଧିଥାଏ । ସେଇଟା ପୁଣି ନାଭିମଣ୍ଡଳର ଗୃଖଣ୍ଡେ ଉପରେ । ରୂପ ଅପେକ୍ଷା ସାଜସଜ୍ଜାହିଁ ତାକୁ ଅଧିକ

Digitized by PPRACHIN, SOA

ଆକର୍ଷଣୀୟ କରିଦେଇଥାଏ । ମୁର୍ହରେ ଗୁଡ଼ାଏ ସ୍ନୋ ପାଉଡରର ସମାବେଶ । ଲାଲ୍ ଟୁକୁଟୁକୁ ଲିପ୍‌ଷ୍ଟିକ୍ ପ୍ରଲେପରେ ଅଧର ଦୁଇଟି ଉଜଳଉଠୁଥାଏ ।

ମାନସର ମନେହେଲା, ଏଇ ଅପରୂପା କନ୍ୟାଟି ହିଁ ଆଧୁନିକ ମାର୍ଜିତ ସଭ୍ୟତାର ପ୍ରତୀକ । ତାର ଶାଢ଼ୀ, ବ୍ଲାଉଜ, ବଚନ ବେଣୀବନ୍ଧନ ଓ ଅଭୁତ ଅଙ୍ଗ ପ୍ରସାଧନ ଉଗ୍ର ଆଧୁନିକତାର ପ୍ରମାଣ ଦେଉଥାଏ ।

ମାନସ ସେମାନଙ୍କୁ ଦେଖିବାମାତ୍ରେ କରମର୍ଦ୍ଦନ ସକାଶେ ହସି ହସି ହାତ ବଢ଼ାଇ ଦେଉ ଦେଉ ଯୁବତୀଟି କହିଲା, 'ଆପଣ ବୋଧହୁଏ ବାପାଙ୍କ ବର୍ଣ୍ଣିତ ମାନସବାବୁ ! ମୁଁ କିଏ ଆପଣ ନିଶ୍ଚୟ ଜାଣିଥିବେ !'

ମାନସ କରମର୍ଦ୍ଦନ ଅବସ୍ଥାକୁ ଆଡ଼େଇ ଦେବା ଉଦ୍ଦେଶ୍ୟରେ ହାତ ଯୋଡ଼ି ନମସ୍କାର ଜଣାଇଲା । ତା'ପରେ ଅଶାନ୍ତ ଆଖିରେ ସେହି ଉଗ୍ର ବାଳିକାଟି ଅନାଇ ରହିଲା । ଡାକ୍ତର ମହାଶୟ ଉପଯୁକ୍ତ ସମୟରେ ପ୍ରବେଶ କରି ମାନସ ମନର ଉଦ୍‌ବେଗ ଦୂର କରିବାରେ ସାହାଯ୍ୟ କଲେ । କହିଲେ, ଏଇ ମୋର ଝିଅ ସଙ୍ଗୀତା, ମାନସବାବୁ ! କଲେଜରେ ପଢ଼ୁଚ୍ଛି । ଏବର୍ଷ ଏମ୍. ଏ. ପ୍ରଥମ ଭାଗ ପାସ୍ କଲା । ଉଭୟେ ବସି କଥାବାର୍ତ୍ତା କର, ମୁଁ ଜଳଖିଆର ବନ୍ଦୋବସ୍ତ କରୁଛି ।

ସଙ୍ଗୀତା ବାପା ଚାଲିଯିବାପରେ ହସି ହସି କହିଲା, 'ଆମ ଘରେ ଆପଣଙ୍କର ଅନେକ ପ୍ରଶଂସା, ମାନସବାବୁ ! ସେ ପ୍ରଶଂସାର କାରଣ କ'ଣ ଜାଣନ୍ତି ?'

Digitized by PPRACHIN, SOA

ମାନସ ମୁଣ୍ଡ ହଲାଇ ଜାଣି ନ ଥିବା କଥା ପ୍ରକାଶ କଲା ।

'ଆରେ, ମୁଁ ତ ଜାଣିଥିଲି, ମୋ ଜାଣିବା ଆଗରୁ ଆପଣ ସବୁ କଥା ଜାଣିଥିବେ ବୋଲି ! ତାହାହେଲେ ମୋତେ ସବୁ କଥା କହିବାକୁ ପଡ଼ିବ, ଦେଖୁଛି । କହିବି, ଶୁଣିବେ ?'

'କୁହନ୍ତୁ !' ମାନସ ଶଙ୍କିତ କଣ୍ଠରେ ସମ୍ମତି ପ୍ରକାଶ କଲା ।

'ମୋ' ସଙ୍ଗରେ ଆପଣଙ୍କର ବିବାହ ପ୍ରସ୍ତାବ ପଡ଼ିଛି । ଆପଣଙ୍କ ମାଆ କୁଆଡ଼େ ଏ ପ୍ରସ୍ତାବରେ ଏକମତ । ଖାଲି ଆପଣଙ୍କ ସିଦ୍ଧାନ୍ତ ବାକି ରହିଛି । କୁହନ୍ତୁ ମାନସବାବୁ ! ଆପଣ ମୋତେ ବିବାହ କରିବେ ତ ? ଆପଣ ଏ ସମସ୍ତଙ୍କର ପ୍ରସ୍ତାବରେ ଏକମତ ?'

'ଆପଣଙ୍କ ଇଚ୍ଛା କଣ ?' ମାନସ ପ୍ରତିପ୍ରଶ୍ନ କଲା ।

'ମୋ' କଥା ପଚାରିଲେ ? ମୁଁ ତ ଆପଣଙ୍କର ପ୍ରଥମ ଦର୍ଶନରୁ ହିଁ ପ୍ରେମରେ ପଡ଼ିଯାଇଛି । କାରଣ କ'ଣ ଜାଣନ୍ତି ?'

'କୁହନ୍ତୁ ! ମାନସ ଆଗ୍ରହ ପ୍ରକାଶ କଲା । ପ୍ରତିଟି ନାରୀ ଚାହେଁ ଜଣେ ଉପାର୍ଜନକ୍ଷମ ନୀରବ ମଣିଷ । ସେହି ମଣିଷଟି ଯଦି ପତ୍ନୀର କୌଣସି ଇଚ୍ଛାକୁ ଲଙ୍ଘନ କରେ ନାହିଁ ତାହା ହେଲେ ପତ୍ନୀ ପାଇଁ ସେ ଏକ ସାର୍ଥକ ପ୍ରାପ୍ତି ବୋଲି ବିବେଚିତ ହୁଏ । ଆପଣଙ୍କ ପରି ନୀରବ ମଣିଷ ଯଦି ମୋର ଜୀବନସାଥୀ ହୁଅନ୍ତି.........'

Digitized by PPRACHIN, SOA

'ଖୁବ୍ ଆନନ୍ଦ ହେବେ, ନୁହେଁ ?' ମାନସ ସଙ୍ଗୀତାର ଅଧା କଥାକୁ ପୂରଣ କଲା ।

'ହଁ ମାନସବାବୁ, ଖୁବ୍ ଖୁସି ହୁଅନ୍ତି । ମୋର ସଙ୍ଗୀତ ଚର୍ଚ୍ଚାରେ ଖୁବ୍ ଝୁଙ୍କ । ସଙ୍ଗୀତର ଝଙ୍କାର ଶୁଣିଲେ ମୁଁ ନିଜକୁ ସୁଦ୍ଧା ଭୁଲିଯାଏ । ଆଶା କରେଁ, ଆପଣ ମୋତେ ଏ ଦିଗରେ ଉତ୍ସାହିତ କରିବେ । ସଙ୍ଗୀତ ଚର୍ଚ୍ଚା ହେତୁ ଯଦି ପାରିବାରିକ କର୍ତ୍ତବ୍ୟରେ କିଛି ତ୍ରୁଟି ହୁଏ, ତାହାହେଲେ କିଛି ମନେକରିବେ ନାହିଁ । ଏତେ ବଡ଼ କଳାର ପ୍ରତିନିଧିତ୍ୱ ଯେତେବେଳେ କରୁଛି, ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ । ଦେଶର ସଙ୍ଗୀତ କଳା ତ ପୁଣି ବଞ୍ଚିବ । ସେ ଅଭିଳାଷ ସାର୍ଥକ ହେବ ଯଦି ଆପଣ ସମ୍ମତ ହୁଅନ୍ତେ ।'

ମାନସ ସଙ୍ଗୀତାର ମୁଖଶ୍ରୀ ମୁଖକୁ ଏକଲୟରେ ଅନାଇ ରହିଥିଲା ।

ମାନସକୁ ଅଧିକ ଆନନ୍ଦିତ କରିବ ବୋଲି ସଙ୍ଗୀତା ହାରମୋନିଅମ୍ ପାଖରେ ଆପେ ଆପେ ବସିଯାଇ କହିଲା, 'ମୋ ସଙ୍ଗୀତର ନମୁନା କିଛି ଦେଖିପିବାକୁ ନିଶ୍ଚୟ ଆପଣଙ୍କର ଆଗ୍ରହ ଥିବ । କହିବେ ଯଦି କିଛି ଗାଇ ଶୁଣାଇବି ।'

ମାନସ ଉତ୍ତର ନ ଦେଇ ଚୁପ୍ ରହିଲା ।

ମୌନବତାକୁ ସମ୍ମତିର ଲକ୍ଷଣ ବୋଲି ଧରିନେଇ ସଙ୍ଗୀତା ଗୀତ ଗାଇବା ଆରମ୍ଭ କରିଦେଲା । ସେ ଗାଇବାକୁ ଲାଗିଲା ଏକ ରସୋତ୍ତୀର୍ଣ୍ଣ, ପ୍ରେମ-ରସାଳ ସଙ୍ଗୀତ । ସେ ସଙ୍ଗୀତର ଭାବ ଥିଲା, ମୁଁ ତୁମକୁ ପ୍ରଥମ ଦର୍ଶନରୁହିଁ ଭଲ

Digitized by PPRACHIN, SOA

ପାଇବା ଆରମ୍ଭ କରଛୁ । କାହିଁକି ଭଲ ପାଇଲି, ସେକଥା ପଚାର ନାହିଁ । ମୁଁ ଯେ ତୁମକୁ ସତରେ ଭଲ ପାଇ ବସିଛି, ସେକଥା ଭାବିଲେ ଆନନ୍ଦରେ ଉଲ୍ଲସିତ ହୋଇଉଠୁଛି । ଏ ଦୁନିଆଁଟା ଖୁବ୍ ସୁନ୍ଦର । ଅତି ସୁନ୍ଦର ପୁଣି ଏପରି ଭଲ ପାଇବା । ଜୀବନ ଯୌବନକୁ ପଳେ ପଳେ ଉପଭୋଗ କରିବା ଆମର ଲକ୍ଷ୍ୟ ହେଉ । ତୁମେ ମୋର ଭଲ ପାଇବାକୁ ସ୍ୱୀକାର କର ।

ପ୍ରବହମାନ ବନ୍ୟ ଝରଣା ପରି ସଙ୍ଗୀତାର କଣ୍ଠ ସଙ୍ଗୀତମୁଖର । ଗୀତ ଗାଇଲା ବେଳେ ସଙ୍ଗୀତାର ବେଶବାସ ଅସଂଯତ ହୋଇଉଠେଥାଏ । ତା'ର ଉନ୍ନତ ବକ୍ଷ ଓ ମସୃଣ ବାହୁ ଯୁଗଳର ସଜ ମାଂସଳ ବେଶ ଲୋଭନୀୟ ଦେଖାଯାଉଥାଏ । ଆଖିରେ ତାର ମୁକୁଳି ଉଠେଥାଏ ଇନ୍ଦ୍ରଧନୁର ଆକର୍ଷଣୀ ମୋହ ।

ଗୀତ ବନ୍ଦ ହେବାପରେ ସଙ୍ଗୀତା ଆପେ ଆପେ ମାନସ ପାଖକୁ ଚାଲିଆସି ତାର ହାତରେ ମୃଦୁ ଚାପ ଦେଇ ପ୍ରଶ୍ନ କଲା, 'କେମିତି ଲାଗିଲା ମୋର ସଙ୍ଗୀତ ?'

'ଖୁବ୍ ଭଲ !' ମାନସ ଉତ୍ତର ଦେଲା ।

'ଭଲ ଲାଗନ୍ତା ନାହିଁ ? ଏଇ ସଙ୍ଗୀତଟା ଗାଇ ପରା କଲେଜ କମ୍ପିଟିସନ୍‌ରେ କପ୍ ପାଇଲି । ମୋ'ର ସାଥୀ-ସାଙ୍ଗମାନେ ଉଚ୍ଚସ୍ୱରରେ ଉତ୍କ ଗଳୁ ଉଠିଲେ । ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ବାନ୍ଧବୀମାନେ ମନ୍ତବ୍ୟ କଲେ, ସଂଗୀତ-ବିଚାରକଙ୍କ ସଙ୍ଗରେ ମୋର ଆତ୍ମୀୟତା ଅଛି ବୋଲି

Digitized by PPRACHIN, SOA

ପ୍ରଥମ ହେଲା । କି ଭୁଲ୍ ଧାରଣା ସେମାନଙ୍କର ଦେଖିଲେ ! ତା'ପରେ କିଛିକ୍ଷଣ ନୀରବ ରହି ପ୍ରଶ୍ନ କଲା, 'କୁହନ୍ତୁ ମାନସବାବୁ, ଏଥର ଆପଣଙ୍କ ମୀମାଂସାଟା ପ୍ରକାଶ କରନ୍ତୁ । ମୋର ବାହାଘର ନେଇ ବାପ ମା ଖୁବ୍ ବ୍ୟସ୍ତ । ସେମାନେ ଆପଣଙ୍କ ସିଦ୍ଧାନ୍ତ ଶୁଣିଲେ ସୁଖୀ ହେବେ ।'

ମାନସ ଆଉ ନୀରବ ରହିବାକୁ ଉଚିତ ମନେ କଲା ନାହିଁ । କହିଲା, 'ମୁଁ ବିବାହ କରିବା ଅବସ୍ଥାରେ ନାହିଁ, ସଙ୍ଗୀତା ଦେବୀ !'

'କାହିଁକି ?' ସଙ୍ଗୀତା ପ୍ରଶ୍ନକଲା । ଯୋଗକଲା, 'ଆପଣ କ'ଣ ସଙ୍ଗୀତକଳାକୁ ପସନ୍ଦ କରନ୍ତି ନାହିଁ ?'

ନା,ନା, ସେକଥା କହନ୍ତୁ ନାହିଁ । କଥା ହେଲା, ମୁଁ ସରକାରଙ୍କ ଅଧୀନରେ ଜଣେ ସ୍ୱଳ୍ପବେତନଭୋଗୀ କର୍ମଚାରୀ । ମୋର ଆୟ ସୀମିତ ।

'ସେଥିରେ କଣ ଅଛି ?'

'ମୁଁ ଆପଣଙ୍କୁ ଚଳାଇପାରିବି ନାହିଁ । ଆପଣ ଖୁବ୍ ଆଡ଼ମ୍ବରରେ ବଢ଼ିଛନ୍ତି । ଆପଣଙ୍କୁ ଚଳାଇବାକୁ ହେଲେ ଅନେକ ଆୟ ଆବଶ୍ୟକ ।'

'ବାପା ମୋର ଅନେକ ଯୌତୁକ ଦେବେ, ମାନସବାବୁ ! ସେ ଡାକ୍ତରୀ ବ୍ୟବସାୟରୁ ବହୁ ଅର୍ଥ ସଞ୍ଚୟ କରିଛନ୍ତି । ମୋର ଯୌତୁକରୁ ଆମେ ଅନେକ ଦିନ ପର୍ଯ୍ୟନ୍ତ ସ୍ୱଚ୍ଛନ୍ଦରେ ଚଳି-ଯାଇପାରିବା । ବୁଝିଲେ ତ ?'

'ଯୌତୁକ ଅର୍ଥରେ ଚଳିବା ମୋର ନୀତିବିରୁଦ୍ଧ ।' ମାନସ ଉତ୍ତର ଦେଲା ।

Digitized by PPRACHIN, SOA

'ଆଃ, ସେ ଜାତି ଅଜାତି ବାଛବିଚାରକୁ ନେଇ ମଣିଷ ଚଳିପାରିବ ନାହିଁ। ଜାତି ଅଜାତିର ବିଚାର କରୁ କରୁ ଜୀବନ ସରିଯିବ। ଆପଣ ଏ ଦୁନିଆକୁ ଉପଭୋଗ କରିପାରିବେ ନାହିଁ। ଏ ଦୁନିଆରେ କେତେ ଜଣ ଜାତିସମର୍ଥକ ସୁନାମ ଅର୍ଜନ କରିଛନ୍ତି, କହିଲେ ? ଜାତିବାଦୀ କେବେହେଲେ ପ୍ରସିଦ୍ଧି ଲାଭ କରିପାରି ନାହାଁନ୍ତି ବା ପାରିବ ନାହିଁ।'

'ମୋର ସେ ପ୍ରସିଦ୍ଧି ପାଇଁ ଲୋଭ ନାହିଁ କି ସୁନାମ ପ୍ରତି ଆକର୍ଷଣ ନାହିଁ। ମୁଁ ମଣିଷ ପରି ବଞ୍ଚିବାକୁ ଚାହେଁ, ସଙ୍ଗୀତା ! ମୋର ଜାତି ଅଜାତିର ବିଚାରକୁ ସଙ୍ଗରେ ନେଇ ମୁଁ ମଣିଷ ପରି ବଞ୍ଚିବାକୁ ଚାହେଁ।' ମାନସ ଉତ୍ତର ଦେଲା।

'ଦରିଦ୍ରର ଏଇ ଜାତି ଅଜାତିର ବିଚାର କଥା ଶୁଣିଲେ ମୋତେ ହସ ମାଡ଼େ, ମାନସବାବୁ ! ଶାନ୍ତ ମନ୍ଦ ସେପରି ଦୁର୍ବଳ ମଣିଷର, ଜାତି ଅଜାତିର ବାଛବିଚାର ସେମିତି ଅମଣିଷର। ସେ ସବୁ ବିଚାରର ଆଲୋଚନା ଏଇ ବିଂଶ ଶତାବ୍ଦୀରେ ଶୋଭା ପାଏ ନାହିଁ।' ସଙ୍ଗୀତା ରୁଷ୍ଟ ହେଲା।

'ମୋତେ କ୍ଷମା କରିବା ଉଚିତ ହେବ, ସଙ୍ଗୀତା ! ମୁଁ ଆପଣଙ୍କ ବିଚାରର ମଣିଷପଣିଆ ପାଇଁ ଲଜ୍ଜିତ ନୁହେଁ। ମୋତେ ମୋ ରାସ୍ତାରେ ଛାଡ଼ିଦିଅନ୍ତୁ।' ଏକଥା କହିସାରିବା ପରେ ମାନସ ସଙ୍ଗୀତା ଘରୁ ବାହାରି ନିଜ ବସାକୁ ଫେରିଗଲା।

ସଙ୍ଗୀତାର ବାପ ମା ଜଳଖିଆର ବନ୍ଦୋବସ୍ତ କରିସାରିବା ପରେ ଫେରିଆସି ଦେଖିଲେ, ବୈଠକଖାନାରେ ମାନସ ନାହିଁ। ଗୋଟିଏ କୋଣକୁ ଏକାଏକା ବସିଛି

Digitized by PPRACHIN, SOA

ସଙ୍ଗୀତା । ସେ ମାନସ ସେନର ଫେରଯାଇଥିବା ରାସ୍ତାକୁ ବୋଧହୁଏ ଚାହିଁରହିଛି ।

ସଂଗୀତା ମୁହଁରୁ ସବୁକଥା ଶୁଣିବା ପରେ ସଙ୍ଗୀତାର ବାପା ଫିସ୍ ବାବଦର ପ୍ରାପ୍ୟ ଟଙ୍କା ସକାଶେ ବିଲ୍ ତିଆରି କରି ଚାକର ହାତରେ ମାନସ ଘରକୁ ପଠାଇ-ଦେଇଥିଲେ ।

ମାନସର ମାଆ ଦେଖିଲେ, ଏତେବଡ଼ ଘରେ ଲାଗିଥିବା ବିବାହ ପ୍ରସ୍ତାବଟା ଆପେ ଆପେ ଭାଙ୍ଗିଯାଇଛି । ସେ ଅନ୍ୟ ଏକ ପାତ୍ରୀ ଯୋଗାଡ଼ କରିବାକୁ ତତ୍ପର ହୋଇ-ଉଠିଲେ ।

ଦିନ କେଇଟା ଭିତରେ ଅନେକ ସୁନ୍ଦରୀ ଝିଅଙ୍କର ଆଲୋକଚିତ୍ର ସବୁ ଆସି ଜମାହେଲା । ଆଲୋକଚିତ୍ରର ଝିଅମାନେ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ-ଥିଲେ । ସେମାନେ ମଧ୍ୟ ଧନୀ ଓ ମାନୀ ଘରର ଉଚ୍ଚଶିକ୍ଷିତା କନ୍ୟା ଥିଲେ ।

କିନ୍ତୁ ମାନସ ବିବାହ ପ୍ରତି ଆଗ୍ରହ ପ୍ରକାଶ କଲା ନାହିଁ । ସେ ପୂର୍ବପରି କାଳକ୍ଷେପଣ ନୀତି ଧାରଣ କଲା ।

କଣ ହୋଇଛି ମାନସର ? ତା'ମନରେ କଣ ଅଛି ? ବିବାହ ପାଇଁ ମୋଟେହେଲେ ଆଗ୍ରହ ଦେଖାଉନାହିଁ କାହିଁକି ?

ମାନସର ବାପ ମା ବୁଝନ୍ତି, ଯିଏ ଶୁଣିଲା ସେହି କଥା କହିଲା ।

Digitized by PPRACHIN, SOA

ଘରେ ବାହାରେ ସବୁଠି ମାନସ ସଂପର୍କରେ ଆଶଙ୍କା ପ୍ରକାଶ ପାଇବାକୁ ଲାଗିଲା ।

ଅଫିସରେ କାମ କରୁଥିବା ଅନ୍ୟାନ୍ୟ ସହକର୍ମୀମାନେ ପୂଜାଛୁଟିରେ ଯିବାକୁ ସଜବାଜ ହେଉଥିଲେ ।

ନୂଆ ବିବାହ କରି ଘରେ ତାର ନବବଧୂକୁ ଛାଡ଼ି-ଆସିଥିବା ନବୀନ ପାତ୍ର, ଅଫିସରେ ଆଉ ପୂର୍ବପରି ମନ ଲଗାଇ କାମ କରିପାରିଲା ନାହିଁ ।

ଛୁଟି ମଞ୍ଜୁର ପାଇଁ ବଡ଼ ଅଫିସର ଆଗରେ ବାରମ୍ବାର ଧାରଣା ଦେବାକୁ ଲାଗିଲା । ସତମିଛ ଅନେକ କଥା ଯୋଡ଼ି, ଗାଁରେ ଉପସ୍ଥିତ ହେବା ତା'ପକ୍ଷରେ ଯେ କେତେ ଜରୁରୀ, ସେହିକଥା ହିଁ ସମସ୍ତଙ୍କ ଆଗରେ ବଖାଣିଦେଲା ।

ପୂଜାଛୁଟି ଆରମ୍ଭ ହୋଇନି, ଅଥଚ ଅଫିସରେ ଭରିଯାଇଛି ସେଇ ଛୁଟିକାଳୀନ ଆବହାଓ୍ୱା । ଯୁଆଡ଼େ ଆଖି ପକାଇଲେ ଦେଖାଯାଉଛି ପୂଜାଛୁଟି କଥା । କିଏ କେବେ କେଉଁବେଳେ ଯିବ, କେତେଦିନ ଛୁଟି ନେବ, ଟିକଟ ବିଷୟରେ କଣ କରୁଛି, କେଉଁ କେଉଁ ରାସ୍ତା ଦେଇ ଯିବ, ଟ୍ରେନ ମୋଟରରେ ଭିଡ଼ ହୋଇଛି କି ନାହିଁ, ଟିକଟ ମିଳୁଛି କି ନାହିଁ, ଡ୍ରାଇଭର କେମିତି, ରାସ୍ତାରେ ଚେକିଙ୍ଗ୍ ଅଛି କି ନାହିଁ, ଇତ୍ୟାଦି ବିଷୟରେ କଥାବାର୍ତ୍ତା ଚାଲିଥିଲା ।

Digitized by PPRACHIN, SOA

ନୂଆ ରାଜଧାନୀର ଦୋକାନଗୁଡ଼ିକ ସୁସଜ୍ଜିତ ହୋଇ-ଉଠିଥିଲା । ଅଫିସ ସମୟ ବାହାରେ ସେଇଠି ଦଳଦଳ ପୁରୁଷ ସ୍ତ୍ରୀ ଜମିଯାଉଥିଲେ ।

ନୂଆ ରାଜଧାନୀଟା ନୂଆ ରୂପ ନେଇ ଆତ୍ମପ୍ରକାଶ କରିଥିଲା । ମାନସ ସେନ ଅପେକ୍ଷା କରିଥିଲା ଖଣ୍ଡେ ଚିଠିକୁ ।

ସେ ଚିଠି ମମତାର—ତା'ର ଶ୍ରଦ୍ଧେୟ ପ୍ରେମିକା ମମତାର ।

ପୂଜାଛୁଟି ପାଇଁ ଅଫିସ ବନ୍ଦ ହେଲା, ଅଥଚ ମମତା ଚିଠି ଲେଖିଲା ନାହିଁ । କିନ୍ତୁ ଛୁଟି ପୂର୍ବରୁ ମାନସ ସୂଚନା ଦେଇଥିଲା ଯେ, ସେ ତା ପାଖରୁ ଚିଠି ପାଇଲେ କଲିକତା ନ ଯାଇ ବାଙ୍କୁଡ଼ା ଯିବ । ଏଥର ଆଉ ଅପେକ୍ଷା କରିବାର କିଛି ନାହିଁ । ମମତା ବି. ଏ. ପାସ୍ କରିଛି ।

ମମତା ବି. ଏ. ପାସ୍ କରିଛି ବୋଲି ସେ ସମ୍ବାଦ-ପତ୍ରରୁ ହିଁ ଜାଣିଥିଲା ।

ଠିକ ଏ କଥା ମନେପଡ଼ିଲାବେଳେ ମାନସର ମନ ଆନନ୍ଦରେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିପଡ଼ୁଥିଲା ।

ମମତା ବି. ଏ. ପାସ୍ କରି ତା ପାଖକୁ ଚିଠି ଲେଖିଲା ନାହିଁ । ସେ ଖବର ଜାଣିବା ସକାଶେ ତାକୁ ସମ୍ବାଦପତ୍ର ଉପରେ ନିର୍ଭର କରିବାକୁ ପଡ଼ିଲା !

ବି. ଏ. ପାଶ୍ କରିଥିବା ଯୋଗୁଁ ମମତା କଣ ବଦଳି-ଯାଇଛି ? ସେ ବିବାହ ପାଇଁ ତା' ଅପେକ୍ଷା ଆହୁରି ଶିକ୍ଷିତ ପାତ୍ର ଖୋଜୁଛି ?

Digitized by PPRACHIN, SOA

କେଜାଣି ! ମାନସର ମନ ଛଟପଟ ହେଲା । ଅସଂଖ୍ୟ ଅଭିଶାପ ଦେଇ ସେ ମମତା ଉପରେ ରାଗ ଶୁଝିଲା ।

ମମତା ହୁଏତ ତାକୁ ଭୁଲିଯାଇଛି, ଅଥବା ଭୁଲି-ଯିବା ପାଇଁ ଚେଷ୍ଟା କରୁଛି ।

ସେ ନିଜେ କଣ ମମତା ପରି ଝିଅ ପାଇଁ ଅନୁପଯୁକ୍ତ ?

ହୋଇପାରେ, ମମତା ଗୋଟିଏ ସୁନ୍ଦରୀ ଝିଅ । ତାର ତନୁଲତାରେ ରୂପର ନିଶା ଅଛି । ସେ ରୂପ ଦେଖିଲେ ଝୁରି-ହେବାର ନିଶାରେ ମନ ବ୍ୟସ୍ତ ହୁଏ ।

ମମତାକୁ ନିବିଡ଼ ଭାବରେ ଭଲ ପାଇବା ପରେ ସେହି ଝୁରିହେବାର ନିଶାରେ ଶିକାର ହୋଇଛି ସେ ନିଜେ ।

ମମତା ଖଣ୍ଡେ ଚିଠି ଲେଖିଥିଲେ କଣ ବା ତା'ର ସରି-ଯାଇଥାନ୍ତା ?

ନା ନା, ମମତାକୁ ଏତେ ସ୍ନେହଶ୍ରଦ୍ଧା କରି ସେ ଭଲ କରିନାହିଁ । ଏକ ସାଧାରଣ ନାରୀ ଉପରେ ଅସାଧାରଣତ୍ୱ ଆରୋପ କରିବା ତା' ପକ୍ଷରେ ଭଲ ହୋଇନାହିଁ ।

ହଁ, ମମତା ସାଧାରଣ ନାରୀଟିଏ । ରକ୍ତମାଂସ, କାମନା ବାସନାର ଏକ ଛଳନାମୟୀ ପ୍ରତିମୂର୍ତ୍ତି ।

ଆଃ, ମମତାଟା ସତରେ କଣ କେବଳ ଛଳନାମୟୀ ନାରୀଟିଏ ?

ନିଜ ମନର ସ୍ନେହ ସୋହାଗ ଦେଇ ଯେଉଁ ପ୍ରେମମୟୀ ମମତାକୁ ସେ ଏକ ଆଦର୍ଶ ନାରୀ ରୂପେ କଳ୍ପନା କରି-

Digitized by PPRACHIN, SOA

ଆସିଥିଲା, ହଠାତ୍ ତାକୁ ଅବିଶ୍ୱାସ କଲାବେଳେ ମାନସର ମନ ଭିତରେ ଯନ୍ତ୍ରଣାର ଆଘାତ ଲାଗିଲା ।

ନା, ମମତାଟା ତାର କେବେ ନୁହେଁ ।

ଯଦି ସେ ତା'ର ଏକାନ୍ତ ଆପଣାର ହୋଇଥାନ୍ତା, ତେବେ ଚିଠି ଖଣ୍ଡେ କଣ ଲେଖି ନ ଥାନ୍ତା ? ଗତଥର ତା' ପାଖକୁ ଚିଠି ଲେଖିଲାବେଳେ ସେ ପୂଜାଛୁଟି କଥା ମନେପକାଇଦେଇଥିଲା । କହିଥିଲା, ପୂଜାଛୁଟିକୁ ତୁମର ପରୀକ୍ଷାଫଳ ବି ବାହାରସାରିଥିବ । ତୁମେ ଚିଠି ଦେବା ମାତ୍ରେ, ମୁଁ ବାଙ୍କୁଡ଼ାରେ ଯାଇ ହାଜର ହେବି । ଆମର ଛୁଟିଦିନ ତକ କେତେ ଆରାମରେ କଟିଯିବ । ନାହିଁ ? ଶୀଘ୍ର ଉତ୍ତର ଦେବ, ମମତା ! ମୁଁ ତୁମ ଚିଠିକୁ ଚାତକପରି ଚାହିଁ-ରହିଲି ।

ମମତାର ଉଚିତ ଥିଲା, ଉତ୍ତର ଦେବା ।

ମମତା ଉତ୍ତର ନ ଦେଇ ତା'ର ପ୍ରେମକୁ ଅସ୍ୱୀକାର କରିଦେଇଛି ।

ଯିବ କି ଥରେ ବାଙ୍କୁଡ଼ା ? ଦେଖିଆସିବ, ମମତା କ'ଣ କରୁଛି ? ପଚାରିଆସିବ ସେ ଚିଠି ନ ଦେବାର କାରଣଟା ?

ନା ନା, ତାହା ପୁରୁଷପଣିଆ ନୁହେଁ । ମମତା ତାକୁ ଦୁର୍ବଳ ମନେକରି ଏମିତି ହତାଦର ପ୍ରଦର୍ଶନ କରିଛି ।

ଅଫିସସାଥୀ ବିଜୟ ହୁଏତ ତାକୁ ସତ କହୁଥିଲା । କହୁଥିଲା, ନାରୀର ରୂପଯୌବନ ଦେଖି ତରଳିଯିବୁ ନାହିଁ,

Digitized by PPRACHIN, SOA

ମାନସ ! ତୁ ଜାଣିନୁ, ସେମ୍ନ ରୂପଯୌବନ ତଳେ କେତେ ସନ୍ଦେହ, କେତେ ସ୍ୱାର୍ଥପରତା । ତାକୁ ଜୀବନର ମହାନ୍ ପ୍ରାପ୍ତି ବୋଲି ପରିକଳ୍ପନା କରିବା ତ’ ଠିକ୍ ନୁହେଁ । କାରଣ ସେମାନଙ୍କ ମନ ଖୁବ୍ ସଙ୍କୀର୍ଣ୍ଣ । ଏମିତି ଏକ ସଙ୍କୀର୍ଣ୍ଣମନା ନାରୀକୁ ପ୍ରାପ୍ତ ହେବା ଜୀବନର ପ୍ରାପ୍ତି ନୁହେଁ, ବରଂ ଆତ୍ମହତ୍ୟା ! ତା’ର ବସନାଞ୍ଚଳ ତଳେ ଯେଉଁ ଫେନିଳ ରକ୍ତମାଂସର ଯୌବନ ଲୁଚିଛି, ସେ ଏକ ମାୟାବେଶ୍ର ଯୌବନ । ସେ ଯୌବନ ସନ୍ଦେହ, ଅବିଶ୍ୱାସ ଓ ପ୍ରତାରଣାର ।

ପୁଣି ବିଜୟ ପ୍ରକାଶ କରୁଥିଲା, ସ୍ତ୍ରୀ ଜାତିଟା ସ୍ୱାର୍ଥରେ ଏତେଦୂର ବିଜଡ଼ିତ ଯେ, ସେମାନେ ପ୍ରେମ ସମ୍ପର୍କରେ କୌଣସି ପ୍ରତିଶ୍ରୁତି ଦେଇପାରନ୍ତି ନାହିଁ । ଯଦିବା କୌଣସି ପ୍ରତିଶ୍ରୁତି ଦିଅନ୍ତି, ତାହା ଅସତ୍ୟ ବୋଲି ପରକ୍ଷଣରେ ପ୍ରମାଣିତ ହୋଇଯାଏ । ଅପେକ୍ଷାକୃତ ଅଧିକ ଧନୀ ଓ ମାନୀ ପ୍ରେମିକ ଦେଖିଲେ ସେମାନେ ସେମାନଙ୍କ ବିଗତ ଜୀବନର ସମସ୍ତ କାହାଣୀ ସଙ୍ଗେ ସଙ୍ଗେ ଭୁଲିଯାଆନ୍ତି ।

ବିଜୟ ଥରେ କହୁଥିଲା ତା’ର ନିଜ ଅନୁଭୂତିରୁ ଗୋଟିଏ । ସେତେବେଳେ ତା ସାଙ୍ଗ ରାଜେନ୍ଦ୍ର ର ତିନଟା ବସ୍ ଚାଲୁଥାଏ । ଅତକମ୍‌ରେ ସେ ପରିବାରର ମାସକୁ ଆୟ ପ୍ରାୟ ପନ୍ଦର ହଜାର ଟଙ୍କା, ହେଲେ ଭୋଗ କରିବାପାଇଁ ମାତ୍ର ଜଣେ ସେଇ ରାଜେନ୍ଦ୍ର । ସେଇ ରାଜେନ୍ଦ୍ର ଗୋଟିଏ ଝିଅ ସାଙ୍ଗରେ ପ୍ରେମରେ ପଡ଼ିଲା । ଝିଅ ଘରର ସମସ୍ତେ ରାଜେନ୍ଦ୍ରକୁ ବହୁତ ମିଳାମିଶାର ସୁଯୋଗ ଦେଲେ । ଝିଅଟି ବେଶ୍ ରୂପସୀ

Digitized by PPRACHIN, SOA

ଆଉ ଶିକ୍ଷିତା । ରାଜେନ୍ଦ୍ର ମଧ୍ୟ ମନସ୍ଥ କଲା ଏପରି ଗୋଟାଏ ଝିଅକୁ ଜୀବନର ସାଥୀ କରିନେଲେ କ୍ଷତି କ'ଣ ? ତେଣୁ ସେ ମଧ୍ୟ ନିର୍ବିଘ୍ନରେ ମିଳାମିଶା କରିବାକୁ ଲାଗିଲା । ରାଜେନ୍ଦ୍ରର ଘରେ ମଧ୍ୟ ଏ ପ୍ରକାରର ମିଳାମିଶାକୁ ଆପତ୍ତି କଲେ ନାହିଁ । କାରଣ, ଏତେବଡ଼ ସମ୍ପତ୍ତିକୁ ଭୋଗ କରିବାକୁ ଆଉ ବା କିଏ ଅଛି ? କାହିଁକି ସେମାନେ ଆପତ୍ତି ଉଠେଇ ଅଯଥାରେ ରାଜେନ୍ଦ୍ର ମନରେ କଷ୍ଟ ଦେବେ !

ଏମିତି ଚାଲିଲା କିଛିଦିନ । ଏକାଠି ସିନେମା ଦେଖା, ବଜାରବୁଲା, ବଡ଼ବଡ଼ ହୋଟେଲରେ ଖାଇବା, କୌଣସିଥିରେ ବାକି ରହିଲାନି । ଝିଅର ସାଥିରେ ରହିବା ଛଳରେ ଝିଅର ଅନ୍ୟ ଭଉଣୀ, ମା ଏବଂ ସାନ ଭାଇମାନେ ମଧ୍ୟ ସେ ସମସ୍ତ ସମୟରେ ସିନେମା ନ ଦେଖନ୍ତି ବା ବଜାର ବୁଲିବା ଛଳରେ ବେଶ୍ କିଛି ଜିନିଷ ନିଜ ରୁଚି ଅନୁଯାୟୀ ନ କିଣନ୍ତି ସେ କଥା ନୁହେଁ । ରାଜେନ୍ଦ୍ର ସବୁ କିଛି କରିଯାଏ ତା'ର ପ୍ରିୟତମା ପାଇଁ ।

ଝିଅର ବନ୍ଧୁବାନ୍ଧବ ମଧ୍ୟ ସମସ୍ତେ କ୍ରମଶଃ ଜାଣିଲେ । ରାଜେନ୍ଦ୍ରକୁ ସ୍ୱାଗତ କଲେ । ତାକୁ ସେଇ ଚକ୍ଷୁରେ ଦେଖି ଉଚିତ ବ୍ୟବହାର ଦେଖେଇଲେ । ରାଜେନ୍ଦ୍ରର ସମ୍ପର୍କୀୟମାନେ ସେଇ ଝିଅକୁ ମଧ୍ୟ ଚିହ୍ନିଲେ ଆଉ ତାରିଫ୍ କଲେ । ସାଙ୍ଗ ମହଲରେ ଉଭୟ ଅନେକ ଥଟ୍ଟା ପରିହାସକୁ ଆନନ୍ଦରେ ସହିତ ହଜମ୍ କରୁଥିଲେ ।

ତା'ପରେ ଆରମ୍ଭ ହେଲା ଦୁଇ ପରିବାର ଭିତରେ ଭାବ ବିନିମୟ । ସୌହାର୍ଦ୍ଦ୍ୟର ଆଦାନ ପ୍ରଦାନ । ଖାଲି

Digitized by PPRACHIN, SOA

ଦୁଇଟି ଘରର ସମ୍ପର୍କରେ ଗୋଟିଏ ବାଧା ଥାଏ । ସେଇଟା ରାଜେନ୍ଦ୍ର ଭଉଣୀର ବାହାଘର । ଯେତେ ଶୀଘ୍ର ରାଜେନ୍ଦ୍ର ସାନଭଉଣୀର ବାହାଘର ସରିଯିବ ସେତେ ଶୀଘ୍ର ରାଜେନ୍ଦ୍ରର ବାହାଘର ଆନୁଷ୍ଠାନିକ ଭାବରେ ହୋଇଯିବ । ବହୁତ ଆଡ଼େ ଖୋଜା ଚାଲିଲା । ଏମିତିକି ସେ ଝିଅଘରର ସମସ୍ତେ ମଧ୍ୟ ରାଜେନ୍ଦ୍ର ଭଉଣୀ ପାଇଁ ପାତ୍ର ଖୋଜିବା ଆରମ୍ଭ କରିଦେଲେ । କାରଣ, ସେ ଉଠିଗଲା ପରେ ରାଜେନ୍ଦ୍ରର ବାଟ ସଫା ।

ଶେଷକୁ ସେ ସୁଦିନ ମଧ୍ୟ ଆସିଲା । ଖୁବ୍ ଧୁମ୍‌ଧାମରେ ରାଜେନ୍ଦ୍ର ତା ଭଉଣୀର ବାହାଘର କରେଇଲା । ରାଜେନ୍ଦ୍ରର ବାପା ବ୍ୟବସାୟୀ । ତେଣୁ ତାଙ୍କର ବ୍ୟବସାୟ ଲାଇନର ଅଧିକାଂଶଙ୍କ ନିମନ୍ତ୍ରଣ କଲେ । ସେ ଇଲାକାର ଆଉଜଣେ ବିଶିଷ୍ଟ ବ୍ୟବସାୟୀ ଘନଶ୍ୟାମବାବୁଙ୍କୁ ମଧ୍ୟ ଡକାହୋଇଥାଏ । ସିଏ ତାଙ୍କ ପରିବାର ସହିତ ଆସିଥାନ୍ତି । ହାତରେ ଖୁବ୍ ଦାମୀ ଉପହାର ଖଣ୍ଡେ ନେଇ ଆସିଥାନ୍ତି ତାଙ୍କ ସ୍ତ୍ରୀ । କ'ଣ ବା ଅଭାବ ଅଛି ! ରାଜେନ୍ଦ୍ରଙ୍କର ଯୋଉଠି ତିନିଟା ବସ୍ ଚାଲିଚି, ସେଠି ଘନଶ୍ୟାମବାବୁଙ୍କର ଏଗାର ଖଣ୍ଡ ଗାଡ଼ି ଚାଲିଚି । ତା ଛଡ଼ା ଅନ୍ୟ ବ୍ୟବସାୟ ତ ଅଛି ।

ରାଜେନ୍ଦ୍ରର ପ୍ରିୟତମା ପ୍ରଥମେ ସେ ବନ୍ଧୁମିଳନକୁ ଯିବାକୁ ମନା କରୁଥିଲା । ବିଶେଷକରି ରାଜେନ୍ଦ୍ରକୁ ବୁଝେଇଦେଇଥିଲା ଯେ ଏତେ ବଡ଼ ଉତ୍ସବରେ ତାଙ୍କ ଘରର କେହି ଯିବା ସମ୍ଭବ ନୁହେଁ । କାହିଁକି ନା, ସବୁ ବିଶିଷ୍ଟ ଲୋକମାନେ ଆସିବେ ଯେତେବେଳେ, ସମସ୍ତେ କିଛି ନା କିଛି ହାତରେ

Digitized by PPRACHIN, SOA

ନେଇ ଆସିବେ । ତା' ଭିତରେ ସେମାନେ ଖାଲି ହାତରେ ଯିବା ମାନେ ରାଜେନ୍ଦ୍ରକୁ ଅପମାନ ହୋଇପାରେ । ଏଇ କଥାରେ ରାଜେନ୍ଦ୍ର ସାଙ୍ଗେ ସାଙ୍ଗେ ଯଥେଷ୍ଟ ଦାମୀ ଉପହାରଟିଏ କିଣିଆଣିଲା । ଆଉ ତା'ର ପ୍ରିୟତମାକୁ କହିଲା ସେଇଟା ନେଇ ଯିବାକୁ । ପ୍ରଥମେ ହଁ ନା ପରେ ରାଜେନ୍ଦ୍ର ବୁଝେଇ ଦେଲାଯେ, ତାର ସମସ୍ତ ସମ୍ପତ୍ତିର ମାଲିକ ହେବ ଆଉ କେଇଦିନେ ସେଇ ପ୍ରିୟତମା ।

ସେଇ ବାହାଘର ଭିତରେ ପରିଚୟ କରେଇଦେଲା ରାଜେନ୍ଦ୍ର ତା'ର ପ୍ରିୟତମାକୁ ଘନଶ୍ୟାମ ମଉସାଙ୍କ ପରିବାର ସହିତ । ଝିଅର ବ୍ୟବହାରରେ ଭାରି ଖୁସି ହୋଇଗଲେ ସେମାନେ । ପ୍ରଶଂସାରେ ଉଦ୍ବେଳିତ ହୋଇପଡ଼ିଲା ରାଜେନ୍ଦ୍ରର ପ୍ରିୟତମା । ରାଜେନ୍ଦ୍ର ବି କିଛି କମ ଆତ୍ମପ୍ରସାଦ ଲାଭ କରିନି । ତା'ପରେ ଘନଶ୍ୟାମ ମଉସାଙ୍କ ସ୍ତ୍ରୀ ଅନୁରୋଧ କଲେ ପ୍ରିୟତମାର ବୋଉକୁ ତାଙ୍କ ଘର ଆଡ଼େ ବୁଲିଯିବାକୁ ।

ବାସ୍—ତା'ପରେ କିଛିଦିନ କଟିଯାଇଛି । ରାଜେନ୍ଦ୍ର ଏବେ ଆଉ କେଇଦିନ ହବ ତା'ର ପ୍ରିୟତମା କମ୍ବା ତାଙ୍କ ପରିବାରର କାହାକୁ ବୁଲେଇବାକୁ ନେଇପାରୁନି । କେବେ ସିନେମା କଥାପ୍ରସଙ୍ଗରେ ଉଠେଇଲେ ବି ସେମାନେ କୌଣସି ଆଳ ଦେଖେଇ ଭାଙ୍ଗି ଦଉଛନ୍ତି । ରାଜେନ୍ଦ୍ର ବୁଝିଲା, ଏଇଟା ହବାର କଥା, କାରଣ ଆଉ କେଇଟା ଦିନେ ସେ ଆସିବ ରାଜେନ୍ଦ୍ରର ଘରକୁ ବୋହୂ ହୋଇ ।

Digitized by PPRACHIN, SOA

ତେଣୁ ଏଇ କେଇଦିନ ପାଇଁ ସଂଯତ ହେବାକୁ ଚେଷ୍ଟା କରୁଛନ୍ତି ।

କିନ୍ତୁ ଯୋଉଦିନ ସେ ଶୁଣିଲା ଯେ ଘନଶ୍ୟାମବାବୁଙ୍କ ଘରର ସମସ୍ତେ ମନସ୍ଥ କରୁଛନ୍ତି ତାଙ୍କ ପୁଅ ପାଇଁ ଏ ଝିଅଟିକୁ କରିବାକୁ—ସେତେବେଳେ ରାଜେନ୍ଦ୍ର ଅବିଶ୍ୱାସ କଲା । ଶୁଣିବାକୁ ପାଇଲା, ଝିଅଘରର ସମସ୍ତେ ବରଂ ଏଥିରେ ବେଶୀ ଆଗ୍ରହ ପ୍ରକାଶ କରୁଚନ୍ତି । ସେମାନଙ୍କର ସବୁଠାରୁ ବଡ଼ ଆକର୍ଷଣ ହେଲା—ପୁଅଟା ଫରେନ୍‌କୁ ଯିବ, ଦେଖିବାକୁ ଟିକିଏ କୁଆଡ଼େ ସୁନ୍ଦର ।

ଏକଥା ଶୁଣି ରାଜେନ୍ଦ୍ର ଚୁପ୍ ରହିଲା; ଜାଣିବାକୁ ଚେଷ୍ଟାକଲା କୋଉ ପାଣି କୁଆଡ଼କୁ ଯାଉଚି ।

ସତକୁସତ ସେଇଆ ହେଲା । କାଳେ ରାଜେନ୍ଦ୍ର ଜାଣିଲେ କଥାଟା ଅନ୍ୟପ୍ରକାର ହୋଇପାରେ ସେଥିପାଇଁ ମହାପ୍ରସାଦ ନିର୍ବନ୍ଧ କେବେ ଆଉ କେତେବେଳେ ହେଲା ସେକଥା ଏ କାନରୁ ସେ କାନକୁ ଗଲା ନାହିଁ । ନିଜେ ନିଜେ ନିଜ ଭିତରେ ସବୁ ତୁଟେଇଦେଲେ । ରାଜେନ୍ଦ୍ର ଖବର ପାଇଲା ଟିକିଏ ଡେରିରେ । କେମିତି କେଜାଣି ତା ମନ ବିରୋଧ କରିଉଠିଲା । ଏଥିପାଇଁ ତା'ର ବିଦ୍ରୋହ କରିବାକୁ ଇଚ୍ଛା କଲା ।

କେମିତି କେଜାଣି ତାକୁ ଲାଗିଲା ଯେ ତା'ର ପ୍ରିୟତମାକୁ ଜୋରକରି ଘନଶ୍ୟାମବାବୁଙ୍କ ପୁଅ ସହିତ ବାହାଘର କରିଦିଆଯାଉଚି । ରାଜେନ୍ଦ୍ର ଭାବିଲା, ପଚାରିବ

Digitized by PPRACHIN, SOA

ଥରେ ତା'ର ପ୍ରିୟତମାକୁ । ଯଦି ପ୍ରକୃତରେ ସେଇଆ ହୋଇଥାଏ ଏବଂ ତା'ର ସେଥିରେ ଇଚ୍ଛା ନ ଥାଏ ତା'ହେଲେ ସେ ବାପମା'ଙ୍କୁ ଉଚିତ ପାନେ ଶିକ୍ଷା ଦେବ । କିନ୍ତୁ ଯଦି ନିଜେ ଝିଅଟା ରାଜି ଥାଏ ???

ଏ ପଛ କଥାଟା ତାକୁ ଜମା ବିଶ୍ୱାସ ଲାଗିଲାନି । ସୁଯୋଗ ଦେଖି ସେ ତାର ପ୍ରିୟତମାକୁ ସାକ୍ଷାତ କଲା । ସିଧା ସିଧା ପ୍ରଶ୍ନଟା ପଚାରିଦେଲା ରାଜେନ୍ଦ୍ର । ଭାବିଲା, ଝିଅଟା ଉତ୍ତର ଦେବାକୁ ଅଡ଼ୁଆରେ ପଡ଼ିପାରେ । କିନ୍ତୁ ତା' ହେଲାନି । ସେ କହିଲା—

ମୁଁ ଆଉ କ'ଣ କରିଥାନ୍ତି । ବାପା ବୋଉ ଯୋଉଠି ରାଜିହେଲେ ତାଙ୍କ କଥାରୁ ମୁଁ ତ ଆଉ ବାହାରି ଯାଇ-ପାରିବିନି । ମୋର ଇଚ୍ଛା ସାଙ୍ଗରେ ଯାଏ ଆସେ କ'ଣ !

ଆଶ୍ଚର୍ଯ୍ୟ ହେଲା ରାଜେନ୍ଦ୍ର । ଏ କଥା ସେ କହିପାରିଲା ?

ଆଉ ବୁଝିବାକୁ ବାକି ରହିଲାନି ରାଜେନ୍ଦ୍ରର । ତାର ମନେହେଲା ଏ ସାରା ନାରୀଜାତିଟା ଗୋଟାଏ ଧପ୍‌ପାବାଜର ଦଳ । କେବଳ ସ୍ୱାର୍ଥସର୍ବସ୍ୱ । କାଣିଚାଏ ଅଧିକା ସ୍ୱାର୍ଥ-ଲାଭର ଆଶା ଦେଖିଲେ ସେମାନେ ଅତିଶୀଘ୍ର ଅତୀତକୁ ଭୁଲିଯିବାର ଚେଷ୍ଟା କରନ୍ତି ।

ଇଚ୍ଛାଟାକୁ ତାର ଆଗେଇବା ଉଚିତ ହବନି । ତା'ର ବିଗତ ପ୍ରିୟତମା ଆଖିରେ ବର୍ତ୍ତମାନ ଫରେନ୍ ଯିବାର ମୋହ, ଆଉ ଏଗାରଟା ଗାଡ଼ିର ପ୍ରଚୁର ଅର୍ଥବହୁଳ ସମ୍ପତ୍ତିର ମାଲିକାଣୀ ହବାର ମୋହ ।

Digitized by PPRACHIN, SOA

ସେଇଦିନଠାରୁ ସେ ସବୁଆଡ଼େ କହିବୁଲନ୍ତି ସେଇ ଗୋଟିଏ କଥା—ନାରୀର ରୂପ ଆବରଣ ତଳେ ଏକ ଚକ୍ରାନ୍ତ କୁତ୍ସିତ ମନର ପ୍ରକାଶ । ତାକୁ ଆବିଷ୍କାର କରିବା ଆଗରୁ ମଣିଷ ଯୋଉ ଭୁଲ କରିବସେ, ସେଥିପାଇଁ ତାକୁ ସାରା ଜୀବନ ହୃଦେତ ପସ୍ତେଇବାକୁ ପଡ଼େ ।

ଏଇ ଘଟଣାର ଉଦାହରଣ ଦେଇସାରିଲା ପରେ ହଜସ୍ତ ମାନସ ସେନକୁ ସତର୍କ କରିଦେଲା କେବେ ଭଲପାଇ ଭୁଲ ନ କରିବାକୁ ।

ମମତା କ'ଣ ଆଉ ଏକ ଅପେକ୍ଷାକୃତ ଅଧିକ ସୁଯୋଗ୍ୟ ପାତ୍ରର ସନ୍ଧାନ ପାଇଲା ?

କିଏସେ ସେଇ ଯୁବକ ?

ନା ନା, ସେ ହୁଏତ ଅନ୍ୟାୟ କାମନା କରୁଛି ।

ମାନସର ମନେହେଲା, ମମତା ଆଜିର ଡାକରେ ଉତ୍ତର ଦେଇଥିବ । ସେ ବ୍ୟସ୍ତ ବିବ୍ରତ ହୋଇ ଡାକଘରକୁ ଧାଇଁଲା ।

ନୂଆ ରାଜଧାନୀର ରାଜପଥ ନୀରବ, ଜନଶୂନ୍ୟ ହୋଇ-ଉଠିଛି । କେବଳ ବସ୍ ଷ୍ଟାଣ୍ଡକୁ ଛାଡ଼ିଦେଲେ ଆଉ କେଉଁଠି ହେଲେ ଜନସମାଗମ ନାହିଁ । ଅଫିସ ବନ୍ଦ ହେବା ପରେ ଘରେ ଯିଏ ଯୁଆଡ଼େ ଚାଲିଗଲେଣି । ଏକ ଜନବହୁଳ ପରିତ୍ୟକ୍ତ ଉପତ୍ୟକା ପରି ନୂଆ ରାଜଧାନୀଟା ଜନହୀନ ହୋଇଉଠିଛି ।

କଲିକତା ମହାନଗରୀଟା ଏଇକ୍ଷଣି ଜନସମୁଦ୍ର ପରି ମନେହେଉଥିବ । ଜନତାର ଲହଡ଼ୀ ଭାଙ୍ଗୁଥିବ ମହା-

Digitized by PPRACHIN, SOA

ନଗରର ସ୍ତୁପ ଉପରେ । ଜନତାର ଅବସ୍ଥମ ଯାହା କଳ୍ପକତାକୁ ସୁରମ୍ୟ, ମୁଖରିତ କରିଦେଉଥିବ ।

ଅଥଚ ମମତାର ଉତ୍ତରକୁ ଅପେକ୍ଷା କରି ପ୍ରବାସରେ ସେ ନିଜେ ଚଢ଼ଉରହିଛି । ମମତା ତାକୁ କି ମନ୍ତ୍ର କରି-ଦେଇଛି କେଜାଣି !

ମାନସ ଅନେକ କଥା ଭାବି ଭାବି ଅବଶେଷରେ ଡାକଘର ଭିତରେ ପ୍ରବେଶ କଲା ।

ଚିହ୍ନା ପୋଷ୍ଟମ୍ୟାନ୍ ନାହିଁ । ମାନସ ଖବର ନେଇ ବୁଝିଲା, ଛୁଟି ନେଇ ସେ ଗାଁକୁ ଚାଲିଯାଇଛନ୍ତି । ଅନ୍ୟାନ୍ୟ-ମାନେ ତା' ନାଁରେ ଚିଠି ଆସିଥିବା ଅସ୍ୱୀକାର କଲେ ।

ମାନସ ଗଭୀର ବେଦନା ନେଇ ଡାକଘରୁ ଫେରି-ଆସିଲା ।

ମମତା ପାଖରୁ ଚିଠି ଆସିଲା ନାହିଁ ।

ବି. ଏ. ପରୀକ୍ଷାରେ ପାସ୍ କରିବା ପରେ ସେ ହୁଏତ ନିଜକୁ ନିଜେ ଖୁବ୍ ବଡ଼ ମନେକରୁଛି ।

ଅଥଚ ଦିନ ଥିଲା—

ମମତା ବାରମ୍ବାର ଚିଠି ଲେଖିବାକୁ ଭଲ ପାଉଥିଲା । ସପ୍ତାହରେ ଦୁ'ଥର ଚିଠି ଦିଆନିଆ । କୌଣସି କାରଣରୁ ଶୀଘ୍ର ଉତ୍ତର ନ ପାଇଲେ ସେ ଅତିଶୟ ଉଦ୍‌ବିଗ୍ନା ହୋଇ-ଉଠୁଥିଲା । ଅଜସ୍ର କାଳ୍ପନିକ ସମ୍ଭାବନାରେ ତା'ର ପରବର୍ତ୍ତୀ

Digitized by PPRACHIN, SOA

ଚିଠିଖଣ୍ଡିକ ପଢ଼ାଯାଉଥିଲା । ପଚାରୁଥିଲ, ତୁମର ଦେହ କଣ ଭଲ ନାହିଁ, ମାନସବାବୁ ? ନା, ମନ ଭଲ ନାହିଁ ? ଉତ୍ତର ନ ପାଇଲେ ମୋତେ ଖୁବ୍ ଭୟ ଲଗେ । ତୁମର କଥା ଭାବି ଭାବି ରାତିରେ ନିଦ ଲାଗେନା । ଯଦି ପାହାନ୍ତା ପହରରେ ହଠାତ୍ ଘୁମନିଦ ଘୋଟିଆସେ, ତୁମର ସ୍ୱପ୍ନହିଁ ମୋତେ ଉଠାଇଦିଏ ।

ସତ କହୁଛି ମାନସ, ତୁମ ବିନା ଆଉ ଚଳିପାରୁନାହିଁ । ତୁମେ ବାରମ୍ବାର ମୋର ମନେ ପଡ଼ୁଛ । ପ୍ରତିଟି ମୁହୂର୍ତ୍ତ ଯୁଗପରି ମନେ ହେଉଛି ।

ତୁମେ କଣ ମୋ'ରି ପରି ମୋ କଥା ମନେ ପକାଅ ? ମୋର ଚିଠି ପାଇବାକୁ ଆଗ୍ରହ ପ୍ରକାଶ କର ?

ତୁମ ସଙ୍ଗରେ ପ୍ରଥମ ସାକ୍ଷାତ ହେଲାବେଳୁ କେଜାଣି କଣ ହେଲା, ତୁମେହିଁ ମୋତେ ଜୀବନପ୍ରାଚୁର୍ଯ୍ୟରେ ଭରିଦେଇଛ । ସେଦିନ କାନପାଖରେ ଚୁପ୍ ଚୁପ୍ ପଚାରିଥିଲ, ମୁଁ ତୁମକୁ ଭଲ ପାଏଁ କି ନାହିଁ ବୋଲି ? ସେହି ପ୍ରଶ୍ନ ମୋର ସବୁବେଳେ ମନେ ପଡ଼େ । ତୁମରି ଭଲ ପାଇବାହିଁ ମୋ ଜୀବନର ସବୁ କିଛି । ତାକୁହିଁ ସମ୍ବଳ କରି ମୁଁ ବଞ୍ଚିରହିଛି ।

ମୋତେ ତୁମେ ପର ବୋଲି ମନେ କରିବ ନାହିଁ ମାନସ । ଦୂରରେ ଥିଲେ ମଧ୍ୟ ତୁମରି ପାଖରେ ମୋ' ମନ-ବିହଙ୍ଗ ଘୂରିବୁଲୁଛି । ମୁଁ ଏଇଠି ଥାଇ ସବୁବେଳେ ଭାବେ, ତୁମେ କଣ କରୁଥିବ, ଭଲରେ ଥିବ କି ନାହିଁ ।

Digitized by PPRACHIN, SOA

କିଛି ନ ଲେଖିଲେ ନ ଲେଖ; ହେଲେ, ଖାଲି ଲେଖ ତୁମେ ଭଲରେ ଅଛ । ସେଇ କାମନା କରି ମୁଁ ଭଗବାନଙ୍କ ନିକଟରେ ଧୂପ ଜାଳେ । ସେଇ ଇଚ୍ଛା ପୋଷଣ କରି ଦେବ-ମନ୍ଦିରରେ ମୁଣ୍ଡିଆ ମାରେ ।

ଶୁଣୁଛ ମାନସ, ମୋର ମାଆ ବି ତୁମକୁ ଖୁବ୍ ପସନ୍ଦ କରେ । ବେଳେବେଳେ ତୁମର ନାଆଁ ମନେ ନ ପଡ଼ିଲେ 'ଜୁଆଇଁବାବୁ'ବୋଲି କହିପକାଏ । ଆମର ବିବାହ-ବେଦୀରେ ହାତ ଗଣ୍ଠି ପଡ଼ିନି, ଅଥଚ ତୁମେ ଆମ ଘରେ 'ଜୁଆଇଁବାବୁ' !

ସେଇ 'ଜୁଆଇଁବାବୁ' ସମ୍ବୋଧନ ଶୁଣି ଲଜ୍ଜା ମୋତେ ଛମୁଟିପକାନ୍ତି । ଏକାକୀ ଥିଲାବେଳେ କହନ୍ତି, ଦେଖିଲୁ ତ ତୁନି ମାଆଙ୍କୁ ? ସେ ତୁମର ସବୁ ଦୁଷ୍ଟାମି ବୁଝିନେଲେଣି ।

ଆମ ଘରେ ସମସ୍ତେ ତୁମର ଭଲମନ୍ଦ ଖବର ପାଇବାକୁ ଏକାନ୍ତ ବ୍ୟଗ୍ର । ଅଥଚ ତୁମେ ସେକଥା ମୋଟେ ବୁଝି ପାରୁନ । ମୋ ରାଣ ରହିଲା, ଅତି ଶୀଘ୍ର ଚିଠିର ଉତ୍ତର ଦେବ ।

ମମତା ଏଇନେ ସବୁ ଠଟ୍ଟକଥା ଭୁଲିଯାଇଛି । ତା'ର ବିଗତ ଚିଠିର ଉତ୍ତର ପର୍ଯ୍ୟନ୍ତ ଦେଲି ନାହିଁ ।

ଅଥଚ ଉତ୍ତର ପାଇବା ମାନେ ସେ ବାଙ୍କୁଡ଼ା ଯିବ ବୋଲି ଗୋଡ଼ ଟେକି ଚାହିଁ ରହିଥିଲା !

ମମତା ସକାଶେ ଉପହାର ନେବ ବୋଲି ବାଛି ବାଛି ଦି' ଖଣ୍ଡ ଦାମୀ ଶାଢ଼ି କିଣି ରଖିଥିଲା । ଭାବିଥିଲା, ମମତା ସଙ୍ଗେ ଦେଖାହେଲେ କହିବ, ଏଇ ଶାଢ଼ି ଦି'ଖଣ୍ଡ ତୁମର

Digitized by PPRACHIN, SOA

ପାଇଁ ଆଣିଛୁ, ମମତା ! କେବେ ତ କିଛୁ ଦେଇପାରିଲି ନାହିଁ; ଏଇ ଶାଢ଼ି ଦି'ଖଣ୍ଡ ନେଇ ଖୁସି ହୁଅ ।

ନା, ସବୁ ଆଶାକୁ ତାର ଚୂରମାର୍ କରିଦେଇଛି ମମତା । ସେ ନିଜ ହାତରେ ତା'ର ସମସ୍ତ ସମସ୍ତ ବନ୍ଧନକୁ ଛିନ୍ନ କରିଦେଇଛି ।

ତା'ର ମନେ ହେଲା, ଗୋଟିଏ ସୁନ୍ଦର ସ୍ୱପ୍ନକୁହିଁ ସେ ଏ ପର୍ଯ୍ୟନ୍ତ ଲାଳନପାଳନ କରି ବଞ୍ଚାଇ ରଖିଥିଲା । ଅବସର କିରଣ ବାଜି ଶୀତ-ସକାଳର କାକର ଉଭେଇ ଗଲା ପରି, ସବୁକିଛି ଶୂନ୍ୟ ହୋଇଯାଇଛି ।

ଅସ୍ଥିର ତରଙ୍ଗବିଧୌତ ବିପର୍ଯ୍ୟସ୍ତ ବେଳାଭୂମି ପରି ମାନସର ଭାବନାସବୁ ହଠାତ୍ ବିପର୍ଯ୍ୟସ୍ତ ହୋଇଉଠିଲା । ସେ ହଠାତ୍ ସ୍ଥିର କରିନେଲା, ବାଙ୍କୁଡ଼ା ନ ଯାଇ, କଲିକତା ଯିବ । ଏଥର ମାଆର କଥାକୁ ଲଙ୍ଘନ କରିବ ନାହିଁ ।

ମାନସ ସେନ ବେଗ୍‌ବାକ୍‌ସ ନେଇ ଷ୍ଟେସନରେ ପହଞ୍ଚି ଦେଖେ, କଲିକତା ଗାଡ଼ି ପାଇଁ ଅନେକ ଭିଡ଼ । ଧାଡ଼ି ଲାଗିଛି କାହିଁରୁ କେତେ !

ପୂଜାଛୁଟି ଆରମ୍ଭ ହେବାର ଦୁଇଦିନ ହୋଇଗଲା, ତଥାପି ଯାତ୍ରୀ ଊଣା ପଡ଼ିନାହାନ୍ତି ।

ଗାଡ଼ିସମସ୍ତ ପାଖେଇ ଆସୁଥିଲା ।

Digitized by PPRACHIN, SOA

ଅଧ ଫର୍ଲଙ୍ଗ ଦୂରରେ ଥାଇ ଟିକେଟ୍ ପାଇବା ଅସମ୍ଭବ ମନେକରି ମାନସ ଫେରିଆସୁଛି । ରିଜିଓନାଲ୍ କଲେଜର ଛାତ୍ରୀ ରୂପାଞ୍ଜଳି ସଙ୍ଗରେ ଦେଖାହେଲା ।

ସମ୍ଭବତଃ ରୂପାଞ୍ଜଳି ବି କଲିକତା ଯିବ । ସେ ଟିକଟ ଘରଆଡ଼କୁ ମୁହାଁଇଥିଲା ।

ମାନସ ସେନର ମନ ଭିତରେ ଆଶାର କ୍ଷୀଣ ରେଖାଟିଏ ଝଲସି ଉଠିଲା ।

ଏଇମାତ୍ର ସୁଯୋଗ । ଏ ସୁଯୋଗ ଛାଡ଼ିବାର ନୁହେଁ । ରୂପାଞ୍ଜଳିକୁ ଅନୁରୋଧ କଲେ ହୁଏତ କଲିକତା ଯାତ୍ରା ସଫଳ ହେବ ।

କିନ୍ତୁ ରୂପାଞ୍ଜଳି ସଙ୍ଗରେ ସାମାନ୍ୟ ପରିଚୟ ଟିକିଏ ହେଲେ ନାହିଁ । କେବଳ ନୂଆ ରାଜଧାନୀର ଗୋଟିଏ ସାଂସ୍କୃତିକ ଉତ୍ସବରେ ପେଣ୍ଡାଲ୍ ଉପରେ ତାକୁ ଦେଖିଛି । ତାର ନୃତ୍ୟ ଅଭିନୟ ଦେଖି ଚମତ୍କୃତ ହୋଇ ଉଠିଛି । ସନ୍ଧାନ ନେଇ ଜାଣିପାରିଛି, ନାମ ତାର ରୂପାଞ୍ଜଳି । କଲିକତାରେ ଘର । କଲିକତାରେ ଘର ବୋଲି ବୁଝିନେବା ପରେ ତା' ସଙ୍ଗରେ ଦି'ପଦ କଥାବାର୍ତ୍ତା କରିବାକୁ ମନ ଭିତରଟା ହାଇଁପାଇଁ ହୋଇଉଠିଛି ।

ଏତେ ସୁନ୍ଦର ଝିଅ ସଙ୍ଗରେ ଆଳାପ କରିବା ସକାଶେ ଯେକୌଣସି ଯୁବକ ଆଗ୍ରହ ପ୍ରକାଶ କରିବା ସ୍ୱାଭାବିକ । ଖାଲି ସାଧାରଣ ଝିଅ ତ ନୁହେଁ, ଆଞ୍ଜୁଳାଏ ରୂପର ସମାହାର ଏଇ ରୂପାଞ୍ଜଳି । ରାସ୍ତାରେ ଚାଲି ଯାଉଥିବା ଲୋକ ନିମିଷକ ପାଇଁ ଅଟକିଯାଏ ।

Digitized by PPRACHIN, SOA

ତଥାପି ସୁଯୋଗ କାହିଁ ? ଖାଲି ମନ ଇଚ୍ଛାହେଲେ ତ ସବୁକଥା ଘଟିଯାଏ ନାହିଁ ।

ମାନସ ସେନ ମନର ସବୁ ଭୟକୁ ଏକାଠି କରି, ରୂପାଞ୍ଜଳି ପାଖକୁ ପାଖେଇ ଯାଇ କହିଲେ, 'ଆଚ୍ଛା, ରୂପାଞ୍ଜଳି, ମୋ ପାଇଁ କଲିକତା ଟିକେଟ ଖଣ୍ଡେ ନେଇଆସି-ପାରିବ ?'

ମାନସ ସେନଙ୍କୁ ବଡ଼ ବଡ଼ ଆଖିରେ ଅନାଇ ଅନାଇ ରୂପାଞ୍ଜଳି ଅଳ୍ପ ଅଟକିଗଲା । ସେ ଏହି ଅଦ୍ଭୁତ ଲୋକଟିର ବ୍ୟବହାର କଥା ଭାବୁହେଉଥିଲା । ଚିହ୍ନା ପରିଚୟ କିଛି ନାହିଁ, ଅଥଚ ଟିକେଟ ଆଣିବାକୁ ଅନୁରୋଧ କରି ବସିଲେଣି !

ମାନସ ସେନ ରୂପାଞ୍ଜଳିର ମନର କଥା ବୁଝି-ନେଇଥିବା ପରି କହିଲେ, 'ତୁମକୁ ମୁଁ ଭଲ କରି ଜାଣେ, ରୂପା ! କେବଳ ତୁମକୁ ତ ନୁହେଁ, ତୁମ ଘରର ସମସ୍ତଙ୍କୁ ମୁଁ ଜାଣେ । କାରଣ ତୁମ ସଙ୍ଗରେ ମୋର ପାରିବାରିକ ସମ୍ପର୍କ ।'

'କିନ୍ତୁ ମୋର ତ ଆଡ୍‌ଭାନ୍ସ ଟିକେଟ ହୋଇସାରିଛି । ତା'ଛଡ଼ା ମୋର ବାନ୍ଧବୀମାନେ ମୋତେ କମ୍ପାର୍ଟମେଣ୍ଟ ଭିତରେ ଅପେକ୍ଷା କରିଥିବେ ।' ରୂପାଞ୍ଜଳି ପ୍ରତିବାଦ ଜ୍ଞାପନ କଲା ।

'ସେ କିଛି ନୁହେଁ, ରୂପା ! ଗାଡ଼ି ଛାଡ଼ିଲା ପୂର୍ବରୁ ତୁମେ ନିଶ୍ଚୟ ଫେରି ଆସିଥିବ । ତା'ଛଡ଼ା, ମୋର ଆଜି କଲିକତା ନ ଗଲେ ନ ଚଳେ । ତୁମେ ଟିକେଟ ନେଇଆସ, ତୁମ ସଙ୍ଗରେ କଥା ଅଛି ।'

Digitized by PPRACHIN, SOA

ରୂପାଞ୍ଜଳୀ ଥରେ ମାନସ ମୁହଁକୁ ଓ ଆଉ ଥରେ ଲମ୍ବା ଧାଡ଼ିକୁ ଚାହିଁ କ'ଣ ଭାବିଲା କେଜାଣି, ବୁକିଂ ଘରକୁ ସିଧା ସଳଖ ପଶିଯାଇ ହାତରେ ମାନସ ସେନର ଟିକଟ ନେଇ ଫେରି ଆସିଲା ।

ଠିକ୍ ଏତିକିବେଳେ ଗାଡ଼ି ପହଞ୍ଚି ସାରିଥାଏ ଓ ଯାତ୍ରୀମାନେ ତରତର ହୋଇ ଗାଡ଼ି ଉପରେ ଚଢ଼ିବା ଆରମ୍ଭ କରି ଦେଇଥାନ୍ତି ।

ରୂପାଞ୍ଜଳୀ ହାତରୁ କଲିକତା ଟିକଟ ଖଣ୍ଡିକ ଝାମ୍ପିନେଇ ମାନସ ସେନ ନିମିଷକ ଭିତରେ ଗାଡ଼ି ଭିତରେ ପଶି ଅଦୃଶ୍ୟ ହୋଇଗଲା ।

ଘଣ୍ଟା ଶେଷ ହେଲା ଅଥଚ କେଉଁଠି ହେଲେ ରୂପାଞ୍ଜଳି ସଙ୍ଗରେ ସାକ୍ଷାତ ହେଲାନାହିଁ ।

ଖଡ଼ଗପୁର ଷ୍ଟେସନରେ ଗାଡ଼ି ପହଞ୍ଚିଛି, ରୂପାଞ୍ଜଳି କୌଣସି କାମରେ ପ୍ଲାଟ୍‌ଫର୍ମ ଉପରେ ବୁଲୁଥିବାର ଦେଖାଗଲା ।

ରୂପାଞ୍ଜଳିକୁ ଦେଖି ମଧ୍ୟ ନ ଦେଖିଲା ପରି ମାନସ ମୁହଁ ବୁଲାଇ ଦେଲା, ଆଉ ଭାବିଲା, ତାକୁ ମିଛକଥା କହି ଭୁଲାଇବାର ହୁଏତ ଉଚିତ ହୋଇନ । ଯଦି ଭୁବନେଶ୍ୱରରେ ଅକସ୍ମାତ୍ କେଉଁଠି ଦେଖାହୁଏ, କ'ଣ କହି ଉତ୍ତର ଦେବ ?

ରୂପାଞ୍ଜଳି ନିଶ୍ଚିନ୍ତ ଭାବରେ ବୁଝିନେବ ଯେ ସେ ତାକୁ ସାମାନ୍ୟ ଟିକଟ ଖଣ୍ଡିକ ପାଇଁ ମିଛ କହୁଥିଲା ।

କିନ୍ତୁ ମିଛ କହି ନଥିଲେ, ରୂପାଞ୍ଜଳି ପରି ଝିଅ କ'ଣ ତା'ର ପାଇଁ ପରିଶ୍ରମ କରି ଟିକଟ ଆଣିଦେବାକୁ ରାଜି

Digitized by PPRACHIN, SOA

ହୋଇଥାନ୍ତା ? ପାରିବାରିକ ସମ୍ପର୍କ ଥିବା ଶୁଣି ପିଲା ସେ ଏତେକ ପରିଶ୍ରମ ସ୍ୱୀକାର କଲି ।

ଭୁବନେଶ୍ୱରରେ ଯଦି କେବେ ଦେଖା ହୁଏ ଓ ଠିକଣ ପ୍ରସଙ୍ଗ ପଡ଼େ, ସେ ଭୁଲ ମାଗିନେବା ଉଚିତ ହେବ ।

ଦିନା ଛୁଟିପରେ ମାନସ ଯାଇ ଘରେ ପହଞ୍ଚିବା ଦେଖି ମାନସର ମାଆ ଖୁବ୍ ଖୁସି ହେଲେ ।

ଛୋଟ ଛୋଟ ଭାଇ ଭଉଣୀ ତାପସ ଓ ତପସ୍ୱିନୀ ମାନସର କଣ୍ଠଲଗ୍ନ ହୋଇ ଅଳି କଲେ, ଆମ ପାଇଁ କ'ଣ ଆଣିଛ ମାନସ ଭାଇ ? ପୂଜାରେ ଆମକୁ କଣ ଦେବ ?

ମାନସ ସଙ୍ଗରେ ଆଣିଥିବା ବିସ୍କୁଟ ଓ ଲେମନ୍‌ଚୁସ୍ ଡବାଟିମାନ ଉଭୟଙ୍କ ହାତରେ ଧରାଇଦେଇ ସେମାନଙ୍କୁ ଗେହ୍ଲା କଲା ।

ବଡ଼ଭାଇର ସ୍ନେହ ଆଦର ପାଇ ଛୋଟ ଭାଇଭଉଣୀ ଦୁଇଟି ସେମାନଙ୍କର ସମସ୍ତ ଦାବି ଅଭିଯୋଗ ଭୁଲିଗଲେ । ଅନେକ ଦିନ ପରେ ତା' ସାଙ୍ଗରେ ସାଙ୍ଗ ହୋଇ ଖେଳିବା ବୁଲିବାକୁ ଦିବସର ଅନ୍ୟତମ ଆକର୍ଷଣୀୟ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରିନେଲେ ।

ଇତିମଧ୍ୟରେ ବସାଘରର ବାଁ ହାତ ପାଖରେ ଥିବା ଭଡ଼ା ଘରଟି କୌଣସି ଅଚିହ୍ନା ପରିବାରର କଳଗୁଞ୍ଜନରେ ଭରି ଉଠିଥିଲା । ଗତ ଥର ସେ ଘରକୁ ଆସିଲାବେଳେ

Digitized by PPRACHIN, SOA

ସେଇଟି ଖାଲି ପଡ଼ିଥିଲା । ଘର ଖାଲି ରହିଲେ ଭୂତପ୍ରେତଙ୍କ ଭୟ ଲାଗିରହେ ବୋଲି ମାଆ ବରାବର ମନେ ପକାଇ ଦେଉଥିଲେ । ଏଥର ସେ ପ୍ରକାର ଆଶଙ୍କାର ସୂଚକ ଅଭିଯୋଗ ଆଉ ଶୁଣିବାକୁ ମିଳିଲା ନାହିଁ ।

ମାନସ ବରାବର ଲକ୍ଷ୍ୟ କଲା, ତାପସ ଓ ତପସ୍ୱିନୀ ସୁବିଧା ପାଇବା ମାତ୍ରେ ପଡ଼ିଶାଘରକୁ ଚାଲିଯାଉଛନ୍ତି । ଆସିଲାବେଳେ ସେଇଠୁ ସଜବାଜ ହୋଇ ଫେରୁଛନ୍ତି । ଦେହ ଗୋଟାକ ମହ ମହ ହୋଇ ବାସୁଛି । ମୁଣ୍ଡାକୁଣ୍ଡା, ପାଉଡର, କଜଳ ଲଗା ହୋଇ ଦେହ ଝଲସି ଉଠୁଛି ।

ମାନସ ଶ୍ରେଷ୍ଠ ଭାଇ ତାପସକୁ ପାଖକୁ ଡାକି ଚୁପ୍ ଚୁପ୍ ପଚାରିଲା, 'ସେ ଘରେ କିଏ ସବୁ ଅଛନ୍ତି ରେ ? ତୁମକୁ ସବୁ ସଜାଇ ଦେଉଛି କିଏ ?'

ତପସ୍ୱିନୀ ଏ ପ୍ରଶ୍ନ ଶୁଣି ହସି ହସି ଲୋଟିଗଲା । ସେ ବଡ଼ପାଟିରେ ମାଆଙ୍କୁ ଡାକୁ ଡାକୁ କହିଲା, 'ଦେଖ ମା ! ମାନସ ଭାଇ ଶ୍ରୀ ହଦ କଥା ଜାଣନ୍ତି ନାହିଁ । ପଚାରୁଛନ୍ତି, ସେ ଘରେ କିଏ ସବୁ ଅଛନ୍ତି ବୋଲି ।

ମାନସର ମାଆ ମାନସ ପାଖକୁ ଆସି କହିଲେ, 'ତୁ ଆଉ ଜାଣିବୁ କେଉଁଠୁ ସେ ? ସଦାବେଳେ ତ ବିଦେଶରେ ରହିଲୁ । ଭଡ଼ାଘରେ କିଏ ଆସି ରହିଲେ, କିଏ ଗୁଡ଼ିଗଲେ ସେ କଥା ତୋତେ କହିବ କିଏ ? ଆମେ ବି ବେଳେ ବେଳେ ଏକଥା ଜାଣିପାରୁନୁ । ଲୋକ ରହିଲେ ଆମକୁ ଖୁସି ଲାଗେ । କାରଣ ଖାଲି ଘରେ ଯେତିକିଯାକ ଭୂତଭୟ । କିନ୍ତୁ ଏବେ ଯିଏ ସେ ଘରେ ଆସି ରହୁଛନ୍ତି, ତାଙ୍କ କଥା

Digitized by PPRACHIN, SOA

ଅଲଗା । ସେମାନଙ୍କ ସ୍ନେହ ଆଦର ପାଇ ତାପସ ଓ ତପସ୍ଵିନୀ ବାଧ୍ୟ ହୋଇଗଲେଣି । ତନେ ସୁଲ୍‌ନା ସେମାନଙ୍କ ବଶ୍ୟାକୁ । ଦେଖିବୁ ସେମାନେ କି ଉଚ୍ଚସ୍ତରର ଲୋକ ।

'ସେଠି କିଏ ରହୁଛନ୍ତି ମା ?' ମାନସ ପ୍ରଶ୍ନ କଲା ।

ମାଆ ମ ପିଚ୍ଛପି ସେ ପ୍ରଶ୍ନର ଉତ୍ତର ଦେଲେ । ମନେମନେ ଭାବୁଥିଲେ, ଯଦି ସେ ମାନସର ମନକୁ ମମତା ପାଖରୁ ହଟାଇ ଆଣି ପାରନ୍ତେ, ତେବେ କେତେ ସୁନ୍ଦର ହୁଅନ୍ତା ନାହିଁ ! ଅନ୍ତତଃ ନିଜ ଘର, ନିଜ ପରିବାରର କଲ୍ୟାଣ ଦୃଷ୍ଟିରୁ ମାନସର ବିବାହ ମମତା ସଙ୍ଗେ ନ ହେବା ଉଚିତ । ସେ କହିଲେ, 'ପଡ଼ୋଶୀଘରର ଆଗୁର ବ୍ୟବହାର ଖୁବ୍ ଭଲ ରେ ମାନସ ! ଖାନ୍‌ଦାନୀ ଘର । ମଫସଲରେ କୋଠାବାଡ଼ି, ଜମି ଜାଗିରି ଅଛି । ଖୁବ୍ ବଡ଼ ଘରର ଲୋକ ସେମାନେ । ଘର ମାଲିକ ବେଙ୍କ୍‌ରେ ଚାକିରି କରନ୍ତି । ସେ ସସ୍ତ୍ରୀକ ରହୁଛନ୍ତି । ସଙ୍ଗରେ ତାଙ୍କର ଜ୍ୟେଷ୍ଠ ଭଉଣୀ ଶୁଭଶ୍ରୀ । ବି. ଏ. ପାସ୍ କରିଛି । ରୂପ ଗୁଣ କାହିଁରେ ଖୁଣିବାର ନାହିଁ ।

ଶୁଭଶ୍ରୀ ବିଷୟରେ ସୂଚନା ଦେବା ପରେ ମାନସର ମା ମାନସ ମୁହଁରେ କୌଣସି ଆଗ୍ରହର ସଙ୍କେତ ଫୁଟି-ଉଠୁଛି କି ନାହିଁ, ସେଇଆକୁ ଲକ୍ଷ୍ୟ କରିବାକୁ ଲାଗିଲେ ।

ମାନସ ମାଆଙ୍କର ମନକଥା ବୁଝିଲା । ମାଆ ଯେ ତା'ର ବିବାହ ପାଇଁ ଖୁବ୍ ବ୍ୟଗ୍ର ହୋଇଉଠିଛନ୍ତି ସେକଥା ମର୍ମେ ମର୍ମେ ଅନୁଭବ କଲା ।

Digitized by PPRACHIN, SOA

ମାନସ ଉତ୍ତର ଦେଲା । 'କହନ୍ତୁ, କୋଉ ବ୍ୟାଙ୍କରେ ସେ ଚାକିରି କରନ୍ତି, ମାଆ ?'

ମାନସ ଯେ ଶୁଭଶ୍ରୀ ବିଷୟରେ ଆଗ୍ରହ ପ୍ରକାଶ ନ କରି ତା'ର ଭାଇର ଚାକିରି କଥା ପଚାରୁଛି, ସେକଥା ସେ ବୁଝିପାରିଲେ । ତଥାପି ସେହି ପରିବାର ସଂପର୍କରେ ଯେ ମାନସ ଆଗ୍ରହ ପ୍ରକାଶ କରୁଛି, ସେଇ ଯଥେଷ୍ଟ । ତାକୁ ଯେକୌଣସି ପ୍ରକାରେ ଭୁଲାଇନେବାକୁ ହେବ । ତାକୁ ଯେକୌଣସି ପ୍ରକାରେ ମମତା ପ୍ରତି ଆକୃଷ୍ଟ କରାଇବାକୁ ପଡ଼ିବ ।

ମାନସର ମାଆ ଉତ୍ତର ଦେଲେ, 'ସରକାରୀ ବ୍ୟାଙ୍କରେ କୁଆଡ଼େ ବଡ଼ ଚାକିରିଟିଏ କରନ୍ତି । ସେ ତୋ ଚାକିରି କଥା ବି ପଚାରୁଥିଲେ । ଭୁବନେଶ୍ୱର କଥା କହିବାରୁ ମନ ଉଣା କଲେ । କହିଲେ, ତାଙ୍କ ଅଫିସରେ ଭଳି କାମ କରିବା ଭୁବନେଶ୍ୱର ଚାକିରି ଅପେକ୍ଷା ଅନେକ ଭଲ । ଚାକିରି, ଦରମା ଓ ସୁବିଧା ଦୃଷ୍ଟିରୁ ଖୁବ୍ ଭଲ । ତାଙ୍କ ସଙ୍ଗରେ ଥରେ ଦେଖା ହୋଇ କଥାବାର୍ତ୍ତା କର ନା ।'

'ଭଦ୍ରଲୋକଙ୍କୁ ଯାଇ ଚାକିରି ମାଗେଁ, ତୁ କ'ଣ ଏଇଆ ଚାହୁଁ ମା ?'

'ଆରେ, ତୁ କ'ଣ ସେଇଆ ବୁଝିଲୁ ମୋ କଥାରୁ ? ସେ ତୋତେ ଦେଖିବେ ବୋଲି ଅନାଇ ବସିଛନ୍ତି । ଯେତେବେଳେ ଦେଖା ହୁଏ, ତୋ ଆସିବା କଥା ପଚାରି ବୁଝନ୍ତି । ସେହି ଦୃଷ୍ଟିରୁ କହୁଥିଲି ନା ! ଲୋକଙ୍କ ସଙ୍ଗେ ଚିହ୍ନା ପରିଚୟ ହେବା କ'ଣ ଖରାପ କଥା ? ବିଶେଷତଃ

Digitized by PPRACHIN, SOA

ସେ ଯେତେବେଳେ ତୋ' ସଙ୍ଗରେ ଦେଖା କରିବାକୁ ଆଗ୍ରହୀ......'

'ତାଙ୍କ ଆଗ୍ରହର ଉଦ୍ଦେଶ୍ୟ କ'ଣ, ମାଆ ? ମାନସ ପ୍ରଶ୍ନକଲା ।'

'ଆରେ, ଏତକ ବୁଝିପାରିଲୁ ନାହିଁ । ଘରେ ତାଙ୍କର ବଡ଼ିଲା ଝିଅ । ସେ ବି. ଏ. ପାସ୍‌କରିବା ପରେ ପାତ୍ର ଖୋଜା ଚାଲିଛି । ତୁ ତ ଆମର ଆଉ ଅଯୋଗ୍ୟ ପାତ୍ର ନୋହୁଁ ।'

ମାନସ ବ୍ୟସ୍ତ ହୋଇ କହିଲା, 'ମୁଁ ତୋତେ ଅନେକ ଥର କହିଛି, ମୋର ବିବାହ ପାଇଁ ଏତେ ବ୍ୟଗ୍ରତା ପ୍ରକାଶ କରିବୁ ନାହିଁ ବୋଲି । ତଥାପି ତୁ ମୋର ବିବାହ ନେଇ ଏତେ ବ୍ୟଗ୍ର କାହିଁକି ?'

'ତୁ ସେକଥା ବୁଝିପାରିବୁ ନାହିଁ ରେ ମାନସ ! ମୁଁ ଚାହେଁ, ତୁ ସୁଖରେ ରହ । ତୋର ବିବାହ ସତ୍‌ପାତ୍ରୀ ସଙ୍ଗେ ହେଉ । ମମତାଟା ଭଲ ପାତ୍ରୀ ନୁହେଁ । ତେଣୁ ବାଙ୍କୁଡ଼ାରୁ ଫେରିବା ପରେ......।'

'ତୁ ବାଙ୍କୁଡ଼ା ଯାଇଥିଲୁ, ମାଆ ? କାହିଁ ମୋତେ ସେ କଥା ତ ଆଗରୁ କହିଲୁ ନାହିଁ !

'ସମୟ ପାଇଲେ କେତେବେଳେ ସେ କହିଥାନ୍ତି ? ତଥାପି ତୋତେ ସବୁକଥା କହିବ ବୋଲି ଠିକ୍ କରିଛି । ତୁ ଭାବିଚିନ୍ତି ଯାହା ଭଲ ଭାବିବୁ, କରିବୁ । କିନ୍ତୁ ମୋ କଥା ଯଦି ମାନିବୁ, ତେବେ ଏଇ ଶୁଭଶ୍ରୀ ପ୍ରସଙ୍ଗରେ ରାଜି ହୋଇ ଯା ! ଶୁଭଶ୍ରୀ ଦେଖିବାକୁ ମମତାଠାରୁ ବି ସୁନ୍ଦର । ବି. ଏ. ପାସ୍ କରିଛି । ଖାନ୍‌ଦାନ୍ ଘରର ଝିଅ । ଚରିତ୍ରରେ କାଳିମା ନାହିଁ ।

Digitized by PPRACHIN, SOA

ମମତାର ଚରିତ୍ରରେ ଯେ କଳଙ୍କ ଅଛି, ସେ କଥା ମାନସ ନିଜ ମା ମୁହଁରୁ ଶୁଣିବାକୁ ଭଲ ପାଉ ନ ଥିଲା । ସେ ବାରଣ କରି କହିଲା, 'କୌଣସି ଝିଅ ବିପକ୍ଷରେ କିଛି କହିବାର ଅଧିକାର ଆମର ନାହିଁ, ମା ! ବରଂ ସେକଥା ନ କହି, ବାଙ୍କୁଡ଼ା ଯାଇଥିଲୁ କଣ ହେଲା, କହ !'

'ସେଇକଥା ତ କହୁଛି । ବାଙ୍କୁଡ଼ାରେ ପହଞ୍ଚିବା ପରେ ତା ମାଈଁ ସବୁକଥା ଖୋଲି କହିଲା— ମମତାର ଚାଲିଚଳନ ସଂଯତ ନୁହେଁ । ଚଟକ ବୋଲି ଯେ ଗୋଟିଏ ଗୁଣ ଅଛି, ସେକଥା ମମତା ନିଜ ରୂପଯୌବନର ଅଧିମିକା ଭିତରେ ଭୁଲିଯାଇଛି । ତା'ର ଅନେକ ଯୁବକ ବନ୍ଧୁ । ସେମାନଙ୍କ ସଙ୍ଗରେ ରାତିଅଧ ପର୍ଯ୍ୟନ୍ତ ସେ ଘୁରିବୁଲେ । କେହି ତାକୁ ଆକଟ କରନ୍ତି ନାହିଁ । ଏବେ ବି. ଏ. ପାସ୍ କରିସାରିବା ପରେ ସେ ଆଉ ସ୍ୱର୍ଗମର୍ତ୍ତ୍ୟ ମାନୁନାହିଁ । ଆଉ ସେଇଥିପାଇଁ ବିକ୍ରମ ସଙ୍ଗରେ ମମତାର ବହୁ ପୂର୍ବରୁ ପଡ଼ିଥିବା ବିବାହ ପ୍ରସ୍ତାବକୁ ସେ ଭାଙ୍ଗିଦେଲା । ଏସବୁ ଶୁଣି ମମତା ଉପରୁ ମୁହଁ ଫେରାଇବାକୁ ସିଦ୍ଧାନ୍ତ କଲି ।'

ମାନସ ନିଜ ମା'ମୁହଁରୁ ଏ ସମସ୍ତ ବିବରଣୀ ଶୁଣିବା ପରେ ବିସ୍ମୟବିମୂଢ଼ ପାଲଟିଗଲା । ଏବେ ମାଙ୍କ କଥାକୁ ବିଶ୍ୱାସ କରିବ କି ମମତା ଚରିତ୍ରକୁ ବିଶ୍ୱାସ କରିବ, ସେ-କଥା ସ୍ଥିର କରିପାରିଲା ନାହିଁ ।

ମମତା କଣ ତା' ସଙ୍ଗରେ ଏତେଦିନ ଯାଏ ଖାଲି ଛଳନା କରୁଥିଲା ? ଚରମ ମୁହୂର୍ତ୍ତରେ ପ୍ରତାରିତ କରି ବସିଲା ?

Digitized by PPRACHIN, SOA

'ତୋର ବାଙ୍କୁଡ଼ା ଯିବା କଥା ସେ କ'ଣ ଜାଣିଛନ୍ତି, ମାଆ ?' ମାନସ ପ୍ରଶ୍ନ କଲା ।

'ମୋତେ ତୋ'ର ମାଈଁ ସେଦିନ କହିଲେ ମୋର ଆସିବା କଥା ତାଙ୍କ ଘରକୁ ଜଣାଇଦେଇଛନ୍ତି ବୋଲି । ମମତା ଆସି ସାକ୍ଷାତ କରୁ ବୋଲି ମଧ୍ୟ ଖବର ପଠାଇଲେ । କିନ୍ତୁ ମମତା ଥରଟିଏ ବି ମୋ ସାମନାକୁ ଆସିଲା ନାହିଁ । ମୁଁ ବୁଝିନେଲି, ତା'ର ମୁହଁଲାଜ ତାକୁ ଖାଉଛି । ସେ କେଉଁ ସାହସରେ ମୋ ଆଗକୁ ଆସନ୍ତା ?'

ମାନସ ଭାବୁଥିଲା, ମମତାର ପ୍ରକୃତ ବଡ଼ ଉଦ୍ଧତ ହୋଇ ଯାଇଛି । ସେଇଥିପାଇଁ ତା ମାଆଙ୍କୁ ସମ୍ମାନ ଦେବାକୁ ସେ କୁଣ୍ଠା ବୋଧ କଲା । କଣ ଆଉ ବାକି ରହିଛି ସେ ? ତାକୁ ମନରୁ ପାସୋରିଦେଲେ ଯାଇ ରକ୍ଷା ।

ମମତାକୁ ପାଶୋରିଦେବାକୁ ସ୍ଥିର କରି ମାନସ ମାଆଙ୍କୁ ପ୍ରଶ୍ନ କଲା, 'ବ୍ୟାଙ୍କରେ ଚାକିରି କରୁଥିବା ସେହି ଭଦ୍ରଲୋକ କେତେବେଳେ ବସାରେ ରହନ୍ତି, ମା ? ମୁଁ ଯାଇ ତାଙ୍କ ସଙ୍ଗରେ ସାକ୍ଷାତ କରନ୍ତି ।'

ମାନସର ମାଆ ମନେ ମନେ ଖୁସି ହେଲେ । କହିଲେ, "ଅଫିସ ସମୟ ପରେ ସେ ବସାରେ ଆସି ହାଜର ହୁଅନ୍ତି । ତପୁକୁ କହିଲେ ଯାଇ ଦେଖିଆସିବ ସେ ।'

ମାନସ ଭାବିଲା, ସଂଧ୍ୟାବେଳେ ଯାଇ ଭଦ୍ରଲୋକଙ୍କ ସଙ୍ଗରେ ସାକ୍ଷାତ କରିବ । ସେଇ ବସ୍ତୁଟିକୁ ସେ ମାଆଙ୍କୁ ମଧ୍ୟ ଜଣାଇଦେଲା ।

Digitized by PPRACHIN, SOA

ମାନସର ମାଆ ମନ ଭିତରେ ହସି ହସି ଫେରିଗଲେ ।

ତପସ୍ୱିନୀ ମାନସଭାଇଙ୍କୁ ଆଶ୍ଚର୍ଯ୍ୟ କରିଦେବା ଉଦ୍ଦେଶ୍ୟରେ କହିଲା, 'ଜାଣ ଭାଇ, ଶ୍ରୀଦଦ୍ଦ ତୁମ ଆସିବା କଥା ମୋଟେ ଜାଣନ୍ତି ନାହିଁ । କି ମଜା !'

ତପସ୍ୱିନୀ ହୁଏତ ମନେ ମନେ ଧରିନେଇଥିଲା ଯେ, ତାର ମାନସ ଭାଇ ପୂଜାଛୁଟିରେ ଘରକୁ ଆସିଥିବା ଖବରଟା ଗୋଟାଏ ବଡ଼ଟ ଖବର । ସେ ଖବର ମହାନଗରୀ କଲିକତାର ସମସ୍ତେ ଜାଣିବା ଉଚିତ । ପଡ଼ିଶାଘରର ଶୁଭଶ୍ରୀ ସେ ଖବର ଜାଣି ନ ଥିବା କଥାଟା ତା'ପାଇଁ ମଜା ଖବର ନୁହେଁ ତ ଆଉ କ'ଣ ?

ମାନସ ଭଉଣୀ ତପୁ ପାଖରୁ ଶୁଭଶ୍ରୀ ବିଷୟରେ ଆହୁରି କିଛି ଶୁଣିବାକୁ ଇଚ୍ଛା କରି ପ୍ରଶ୍ନ କଲା, 'ଆଉ କଣ କହୁଥିଲେ ତୋର ଶ୍ରୀଦଦ୍ଦ ?'

'ଆଉ କଣ କହୁଥିଲେ, ଶୁଣିବ ? ପଚାରୁଥିଲେ—ତୋର ମାନସ ଭାଇ ତୋତେ ସ୍ନେହ କରନ୍ତି କି ନାହିଁ ? ସେ ତୁମ ସଙ୍ଗରେ କଳି କରନ୍ତି କି ନାହିଁ ?'

'ତୁ କଣ କହିଲୁ' ତପୁ ?'

'ମୁଁ କହିଲି, ମାନସ ଭାଇ ଆମର ଖୁବ୍ ଭଲ । ସେ ଆମକୁ ବିସ୍କୁଟ୍, ଲେମନ୍‌ଜୁସ୍ ଦିଅନ୍ତି । ଖୁବ୍ ସ୍ନେହ କରନ୍ତି । ଘରେ କିନ୍ତୁ ମାଆଙ୍କ ସଙ୍ଗରେ ଝୁବ୍ ଗପନ୍ତି । ବାପା ଥିଲେ ଚୁପ୍‌ଚାପ୍ ।'

'ତା'ପରେ ?' ମାସନ ପ୍ରଶ୍ନକଲା ।

'ତା ପରେ ଆଉ କଣ ? ଶ୍ରୀଦଦ୍ଦ ଝୁବ୍ ହସିଲେ ।'

Digitized by PPRACHIN, SOA

'ହସି ହସି ପଚ୍ଚାରନ୍ତେ, ତୋର ମାନସଭାଇ କେତେ ପାଠ ପଢ଼ିଛନ୍ତି ବୋଲି ! ମୁଁ କହିଲି, ବହୁତ ବହୁତ ପାଠ ପଢ଼ିଛନ୍ତି । ହାତ ଓପାଶ ତାଙ୍କୁ ଦେଖାଇଦେଲି ।'

ମାନସ ହସି ହସି ପଚ୍ଚାରିଲା, 'ଶ୍ରୀଦାଦା ତୋର ଖୁବ୍ ଭଲ, ନାହିଁ ରେ ତପୁ ?'

ତପସ୍ୱିନୀ ଶୁଭଶ୍ରୀକୁ ପ୍ରଶଂସା କରିବାକୁ ଯାଇ କହିଲା, 'ଶ୍ରୀଦାଦା ପରି ଦାଦା ଆଉ କେଉଁଠି ନାହାଁନ୍ତି । ଆମକୁ ନିତିଦିନ ମୁଣ୍ଡ କୁଣ୍ଡାଇଦିଅନ୍ତି । ମୁହଁରେ ସ୍ନୋ ପାଉଡର ଲଗାଇ-ଦିଅନ୍ତି । ତାପସ ତ ସବୁଦିନେ ଶ୍ରୀଦାଦାଙ୍କ ବାକ୍ସରୁ ବାସନା-ଅତର ବୋଳିହୁଏ । ଆଇସ୍‌କ୍ରିମ୍, ଚେନାଚୂର କେତେ କ'ଣ ଖାଏ । ସତରେ ମାନସଭାଇ, ଶ୍ରୀଦାଦା ଆମର ଖୁବ୍ ଭଲ ।'

ଶୁଭଶ୍ରୀକୁ ଏତେଗୁଡ଼ାଏ ତାରିଫ୍ କରିବା ପରେ ତପସ୍ୱିନୀ କ୍ଳାନ୍ତ ହୋଇପଡ଼ିଥିଲା । ସେ ତାପସକୁ ଚୂପ୍ ଚୂପ୍ ଘରୁ ବାହାରେ ଚାଲିଯାଉଥିବା ଦେଖି କହିଲା, ଏଇ ତାପସ ଚାଲିଯାଉଛି । ଶ୍ରୀଦାଦା ତାକୁ ଝପି ଦେବ । ମୁଁ ବି ଯିବି ।'

ତାପସ ଓ ତପସ୍ୱିନୀ ଚାଲିଯିବା ପରେ ମାନସ ଖାଲି ଚୌକିଟିରେ ବସିପଡ଼ି ଆକାଶ ପାତାଳ ଭାବିହେବାକୁ ଲାଗିଲା । ଅବଶେଷରେ ସ୍ଥିର କଲା, ମମତା ପାଖକୁ ଶେଷ ଚିଠିଟିଏ ଲେଖିବ । ଏଇ ଚିଠିଟି ହେବ ମମତା ପାଖକୁ ତାର ସର୍ବଶେଷ ଚିଠି ।

Digitized by PPRACHIN, SOA

ଚନ୍ଦ୍ରାହ୍ମ ମାନସ ମମତାର ବାଙ୍କୁଡ଼ା ଠିକଣାରେ ଚିଠି ଲେଖି ବସିଲା ।

ସେ ଏକ ସୁଦୀର୍ଘ ଚିଠି । ଚିଠି କହିଲେ ତ ଭୁଲ ହେବ, ଅଭିଯୋଗ ପତ୍ର । ସେ ଲେଖିଲା—ଏ ଚିଠି କଲିକତାରୁ ଲେଖୁଛି, ମମତା ! ପୂଜା ଛୁଟିରେ କଲିକତା ଆସି ତୁମ ପାଖକୁ ଚିଠି ଲେଖୁଛି ।

ତୁମର ଯଦି ମନେଥାଏ, ମନେପକାଇବ ଯେ, ପୂଜାଛୁଟିରେ ମୋର ତୁମ ପାଖକୁ ବାଙ୍କୁଡ଼ା ଯିବା କଥା ଥିଲା । ତୁମେ ସେକଥା ଗୃହିଁଲ ନାହିଁ । ତୁମ ଉତ୍ତରକୁ ଅପେକ୍ଷା କରି କରି ଅକାତନିଷ୍ଠାରେ ଭୁବନେଶ୍ବରରେ ଦୁଇଟି ଦିନ କଟିଗଲା ।

ଏବେ କଲିକତା ଆସି, ତୁମର ନୀରବ ରହିବାର କାରଣ ବୁଝିପାରୁଛି । ମୁଁ ବୁଝିଛି, ତୁମେ ମୋ ପାଖକୁ ଉତ୍ତର ଦେଲ ନାହିଁ କାହିଁକି ।

ତୁମେ ନିଜ ଇଚ୍ଛାରେ ଆମର ତିନିବର୍ଷର ମଧୁମୟ ସ୍ମୃତିକୁ ସମାଧି ଦେବାକୁ ମନସ୍ଥ କଲ । କୌଣସି ଏକ ଆକସ୍ମିକ କାରଣରୁ ତୁମେ ଉତ୍ତର ସୁଦ୍ଧା ଲେଖିଲ ନାହିଁ ।

ସେ ଆକସ୍ମିକ କାରଣଟା କଣ ଜାଣିପାରେ କି ମମତା !

ନା, ତୁମ ପାଖରୁ ଉତ୍ତର ପାଇବା ଆଶା ରଖିନାହିଁ ।

ଅଚ୍ଛା, ତୁମକୁ ମୁଁ ମମତା ବୋଲି ନ ଡାକି, ତମସା ବୋଲି ଡାକିଲେ କ'ଣ ଭୁଲହେବ ?

Digitized by PPRACHIN, SOA

କୁହ ତମସା, ତୁମେ କ'ଣ ସତରେ ମୋ ଆଗରେ ଏତେଦିନ ଧରି ଅଭିନୟ କରୁଥିଲ ? କିନ୍ତୁ ତୁମେ ଯେ ଏକ କୁଶଳୀ ଅଭିନେତ୍ରୀ, ଆଜି ମୁଁ ତାର ପ୍ରମାଣ ପାଇଲି । ଭାବିଥିଲି, ତୁମର ମନଟା ତୁମର ରୂପ ପରି ଖୁବ୍ ଅମାୟିକ ।

ସୁନ୍ଦରୀ ଝିଅ ପୁଣି ଏତେ ଅସୁନ୍ଦର ମନର ଅଧିକାରିଣୀ ହୋଇପାରନ୍ତି ?

ଆଃ, ସ୍ୱର୍ଣ୍ଣ ତିନିବର୍ଷର ସୁରଭିତ ସ୍ମୃତି, ସ୍ୱପ୍ନଟି ଏପରି ଏତେ ଶୀଘ୍ର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା ! ସେସବୁ ସ୍ମୃତିକୁ ତୁମେ ମୃତ ଆଉ ଅଶ୍ଳୀଳ ବୋଲି କ'ଣ କହିପାରିବ ? ତୁମେ କହିପାରିବ ସେଗୁଡ଼ି ଅଳୀକ, ଅସତ୍ୟ ଥିଲା ବୋଲି ? ମୋର ମନେହୁଏ, ସେ ଅତୀତ ତୁମକୁ ଭିତରେ ଭୟ ଦେବ । ପଚାରିବ, କେଉଁ ସାହସରେ ଏତେବଡ଼ ସତ୍ୟ ଘଟଣାକୁ ଅସ୍ୱୀକାର କଲୁ ମମତା ? କେଉଁ ଭରସାରେ ନିଜର ସ୍ମୃତିକୁ ତୁ ଭୁଲିଗଲୁ ?

ସେ ଅତୀତ ଆମ ଜୀବନର କଳଙ୍କ ହେଲା ସିନା ! ଦିନେ ନୁହେଁ କି ମୁହୂର୍ତ୍ତେ ନୁହେଁ, ଅନେକ ଦିନ ଆମେ ଏକାଠି ବସି ଆମ ଭବିଷ୍ୟତ ଜୀବନର ସୁଖମୟ ମାଡ଼ିସ୍ୱପ୍ନ ଦେଖିଥିଲେ । ବିବାହ ହେବା ପୂର୍ବରୁ ଆମ ଭିତରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ଗଢ଼ିଉଠିଥିଲା ।

ଆଃ, ଆମର ଜୀବନରେ କେତେବଡ଼ ଭୁଲ ହୋଇଗଲା, ତମସା ! ସେଥିପାଇଁ ଉଭୟଙ୍କୁ ହୁଏତ ମରଣାନ୍ତକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ । ଆମ ଭିତରେ ଯେ ଆମଣ

Digitized by PPRACHIN, SOA

ଚେଷ୍ଟାରେ ପରସ୍ପରକୁ ସ୍ୱାମୀ-ସ୍ତ୍ରୀ ବୋଲି କଳ୍ପନା କରି-ନେଇଥିଲେ !

ସେହି ଭୁଲର ପ୍ରାୟଶ୍ଚିତ୍ତ ଅଛି କି ତମସା ? ଗଙ୍ଗା ନଦୀରେ ସହସ୍ରବାର ସ୍ନାନ କଲେ ସୁଦ୍ଧା ଆମ ଦେହର ସେ କଳଙ୍କକୁ କ'ଣ ବିଧୌତ କରିପାରିବା ?

ତୁମର ଛଳନାର ପ୍ରେମ-ସମୁଦ୍ରରେ ମୋର ଆତ୍ମ-ବିଶ୍ୱାସର ନୌକାଟି ଆଜି ବୁଡ଼ିଗଲା, ତମସା ! କୌଣସି ନାରୀର ପ୍ରେମକୁ ଆଉ କେବେହେଲେ ବିଶ୍ୱାସ କରିପାରିବି ନାହିଁ, ସେହି କଥାହିଁ ଭାବୁଛି ।

ପ୍ରଥମେ ଭାବିଲି, ତୁମ ପାଖକୁ ଏ ଚିଠି ଲେଖିବି ନାହିଁ ବୋଲି । ନିଜ ମନକୁ ପାଷାଣ ପରି କଠୋର କରି ସବୁତକ ସହ୍ୟ କରିନେବି । କିନ୍ତୁ ପାରିଲି ନାହିଁ । ମୋ'ର ଗୁଣ୍ଠିତଳର ପୌରୁଷ ମୋତେ ବାରମ୍ବାର ଅସ୍ଥିର କଲା । ଭାବିଲି, ମନର ସବୁକଥା କହିଦେଇ ନିଜକୁ ସଂଯତ, ସୁସ୍ଥ ଆଉ ସ୍ଥିର କରିନେବି ।

ମୁଁ ଆଜି ମୁକ୍ତକଣ୍ଠରେ ପ୍ରକାଶ କରୁଛି ତମସା, ମୁଁ ଚରିତ୍ରହୀନ ନୁହେ । ତୁମ ବ୍ୟତୀତ ଆଉ କାହାକୁ କେବେହେଲେ ଭଲ ପାଇ ନ ଥିଲି । ସେଇଥିପାଇଁ ତୁମରି ପ୍ରତାରଣା ମୋତେ ଏତେ ଧକ୍କା ଦେଲା । ଏହା ଯେ ମୋ ଜୀବନରେ ବୃହତ୍ତମ ପରାଜୟ, ସେକଥା ମୁଁ ସ୍ୱୀକାର କରୁଛି ।

ତୁମକୁ ଆଉ ଗୋଟିଏ କଥା କହିରଖୁଛି ତମସା, ତୁମ ଜୀବନର ଅନ୍ୟତମ ପ୍ରେମିକ ଆଗରେ ଅନ୍ତତଃ ସରଳ

Digitized by PPRACHIN, SOA

ହେବ । କାରଣ, ବିବାହ ବ୍ୟାପାରରେ ଛଳନା କିମ୍ବା ପ୍ରତାରଣା ଶୋଭା ପାଏନାହିଁ । ହିନ୍ଦୁଜାତିର ପବିତ୍ରତମ ସାମାଜିକ ସ୍ଥିତି ବିବାହ ପରମ୍ପରାକୁ ନେଇ ପ୍ରତିଷ୍ଠିତ । ପାରସ୍ପରିକ ବୁଝାମଣା ଉପରେ ଏ ସ୍ଥିତିର ଦୃଢ଼ତା ନିର୍ଭର କରେ । ତାକୁ ତୁମେ କଳଙ୍କିତ କରିବ ନାହିଁ ।

ତଥାପି ମୁଁ କାମନା କରେ ତମସା, ତୁମେ ତୁମର ଉତ୍ତର ଜୀବନରେ ସୁଖୀ ହୁଅ । ତୁମ ମନକୁ ସ୍ଥିର କରି ପାରିବାରିକ ଜୀବନକୁ ଶ୍ରୀ-ଯୁକ୍ତ କର । ତୁମର ସ୍ୱାମୀ ଓ ଭବିଷ୍ୟତ ସନ୍ତାନସନ୍ତତି ସୁଖରେ ରହନ୍ତୁ ।

ଆହୁରି ପ୍ରତିଶ୍ରୁତି ଦେଉଛି ତମସା, ତୁମ ସଙ୍ଗରେ କେବେହେଲେ ଭବିଷ୍ୟତରେ ସାକ୍ଷାତ କରିବି ନାହିଁ । ଆମ ଜୀବନରେ ଏକଦା ଯେଉଁ ପାରିବାରିକ କଳ୍ପନାର ଫୁଲ ଫୁଟିଥିଲା, ତାକୁ ମୁଁ ନିଜ ହାତରେ ଦଳିମଳି ନିଶ୍ଚିହ୍ନ କରିଦେଉଛି । ତୁମେ ଏ ଦିଗରେ ନିଶ୍ଚିନ୍ତ ରୁହ ।

ବିଦାୟ ତମସା (ମମତା ନୁହଁ), ବିଦାୟ !

ଏ ଚିଠିର ଉତ୍ତର ଦେବାକୁ ଇଚ୍ଛା କରିବ ନାହିଁ । ଏ ଚିଠି ଖଣ୍ଡିକ ପୋଡ଼ିଜାଳି ଧ୍ୱଂସ କରିଦେବ । ମୁଁ ତୁମର ସମସ୍ତ ଚିଠିକୁ ନିଶ୍ଚିହ୍ନ କରିଦେଉଛି । କାରଣ ମୋ ପାଖରେ ଯେ ଅତୀତ ଜୀବନର ସେହି ଅବୈଧ ସ୍ମୃତି କିଛି ରହୁ, ତାହା ମୁଁ ଚାହେଁନା । ତିନି ବର୍ଷ ତଳେ ଦେଖା ଦେଇଥିବା ସେହି ମାନସିକ ବିଭ୍ରାନ୍ତି ଆଜଠୁ ବିଲୀନ ହୋଇ-ଯାଉ । ତୁମେ ମଧ୍ୟ ଅନୁରୂପ କାର୍ଯ୍ୟପନ୍ଥା ଗ୍ରହଣ କରିବ

Digitized by PPRACHIN, SOA

ବୋଲି ଆଶାକରେ । ତୁମେ ମୋର ସମସ୍ତ ଚିଠିପତ୍ରକୁ ବିନଷ୍ଟ କରିଦେବ ।

ମାନସ ଚିଠି ଖଣ୍ଡିକ ଗୋଟିଏ ଦମ୍‌କେ ଲେଖିସାରିଲା ପରେ ତାକୁ ଖାମ୍ ଭିତରେ ପୂରାଇ ଚିଠିବାକ୍ସ ଭିତରେ ନିଜ ହାତରେ ଗଳାଇଦେଇ ଆସିଲା ।

ମମତା ପାଖକୁ ଚିଠି ଲେଖି ବାକ୍ସ ଭିତରେ ପକାଇ-ଦେବାପରେ ମାନସ ଆଶ୍ୱସ୍ତିର ନିଃଶ୍ୱାସ ନେଲା ।

ମମତାକୁ ତା' ଚିଠିରେ ଡାକ୍ତି ବାକ୍ତି ସେ ତମସା ନାମକରଣ କରିଛି । ପ୍ରଥମେ ଭାବିଥିଲା, ତାକୁ ତମ ବା ଅନ୍ଧକାର ବୋଲି ସମ୍ବୋଧନ କରିବ । ଭାବିଚିନ୍ତି ତାକୁ ପରିବର୍ତ୍ତନ କରି ତମସା ନାମ ରଖିଲା ।

ତମସା ଏକ ନଦୀର ନାମ ।

ମମତା ଗୋଟିଏ ନଦୀ ସଙ୍ଗେ ତୁଳନୀୟ ।

ନଦୀର ଧର୍ମ ଏକମୁହାଁ ହୋଇ ବୋହିଯିବା । ନଦୀ-କୂଳର କୌଣସି ଆକର୍ଷଣ ପ୍ରତି ଧ୍ୟାନ ନ ଦେଇ ବୋହି-ଯିବାରେ ହିଁ ତାର ଆନନ୍ଦ । ନିଜର ସଙ୍ଗୀତରେ ସେ ଆତ୍ମହରା । ଅପେକ୍ଷା କରି ଆଉ କାହାକୁ ଅନାଇବା କିମ୍ବା କାହାର ଡାକ ଶୁଣି ଅଟକିଯିବାରେ ସେ ଅସମର୍ଥ ।

ମମତା ସେମିତି ଆପଣା ରାସ୍ତାରେ ବୋହିଗଲା । ତା'ର ଆଗ୍ରହ କିମ୍ବା ଆହ୍ୱାନକୁ ଧ୍ୟାନ ଦେଲନାହିଁ । ତଟିମାର ତଟ ପରି ସେ ରହିଁ ରହିଁ ଜଳକା ପାଲଟିଗଲା ।

Digitized by PPRACHIN, SOA

ଏତେ ପ୍ରେମ, ଏତେ ସ୍ନେହ ବିନିମୟରେ ଯଦି ମମତା ଅଶୋକର ସେହି ବିବାହ ପ୍ରତିଶ୍ରୁତିକୁ ରକ୍ଷା କରିପାରିଲା ନାହିଁ, ତାହାହେଲେ ଜୀବନରେ ସେ କଣ କେବେ ହେଲେ କାହାକୁ ବିବାହ କରିପାରିବ ? ପରପୁରୁଷକୁ ପ୍ରଲୋଭିତ କରି ସେ ଖାଲି କାମନାର ଖେଳ ଖେଳିବାକୁ ଚାହେଁ । ସେ ଚାହେଁ ନିଜ ରୂପଯୌବନର ଅବାଧ ଉପଭୋଗ । ସାମାଜିକ ନୀତି ନିୟମ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ତାର ଉଦ୍ଦେଶ୍ୟ ।

ଏତେ ବଡ଼ କଳ୍ପନାକୁ ମମତା ଏତେ ଦିନ ଧରି ତା' ମନ ଭିତରେ ଗୋପନ କରି ରଖିପାରିଲା କେମିତି ସତରେ ? ଏତେ ଦିନର ମିଳାମିଶା ଭିତରେ ଦିନଟିଏ ହେଲେ ବି ତା' ଆଗରେ ସେ ଇଚ୍ଛାର ସାମାନ୍ୟତମ ଆଭାସ ଦେଇ ନାହିଁ !

ସାଥୀ ବିଜୟ ଭୁବନେଶ୍ୱରରେ ଦିନେ ପ୍ରକାଶ କରିଥିଲା, ନାରୀଜାତିକୁ ବିଶ୍ୱାସ କରିବା ନିର୍ବୋଧ ପୁରୁଷର ଲକ୍ଷଣ । ନାରୀର ମାୟା ଦେବତାମାନେ ମଧ୍ୟ ବୁଝିପାରନ୍ତି ନାହିଁ । ସେମାନଙ୍କ ପେଟର କଥା ମୁହଁରେ ନ ଥାଏ କି ମୁହଁର କଥା ପେଟ ଭିତରେ ନ ଥାଏ ।

ବିଜୟର କଥା ଶୁଣିବା ପରେ ସେ ପରିହାସର ହସ ହସିଥିଲା ।

ଅଥଚ ଆଜି ତା'ର କଥା ସତ୍ୟ ପ୍ରମାଣିତ ହୋଇଛି । ମମତାକୁ ସେ ମର୍ମେ ମର୍ମେ ବୁଝିନେଇଛି ବୋଲି ଯେଉଁ ଆତ୍ମପ୍ରସାଦ ଅନୁଭବ କରୁଥିଲା, ତାହା ଏକାନ୍ତ ଭାବରେ ମିଥ୍ୟା । ମମତାକୁ କେନ୍ଦ୍ର କରି ସେ ଯେଉଁ ରଂଗୀନ ସ୍ୱପ୍ନ-

Digitized by PPRACHIN, SOA

ଗୁଡ଼ିକ ଦେଖିଆସିଥିଲା, ତାହାର କୌଣସି ମାନେ ହୁଏନା ।

ମାନସ ଅନୁଭବ କଲା, ବାଙ୍କୁଡ଼ା ପର ସୁଦୂର ସହରରେ ଦଣ୍ଡାୟମାନ ହୋଇ ମମତା ତା'ର ପୌରୁଷକୁ ଉପହାସ କରୁଛି । ତା'ର ମୁଖଭଙ୍ଗୀ ଅସମ୍ଭବ ଭାବରେ ଉଦ୍ଧତ ଓ ନିଷ୍ଠୁର ହୋଇଉଠିଛି । କହୁଛି, ଦେଖ ମାନସ, ମୁଁ ତମକୁ କେମିତି ଠକିଦେଲି ! ତୁମେ କେମିତି ମୋ ଆଗରେ ହାରିଗଲ ।

ହଁ ମମତା ! ତୁମେ ମୋତେ ନିର୍ଘାତ ଭାବରେ ଠକିଦେଲ ! ମାନସ ମନେ ମନେ ଏଇ ବାକ୍ୟଟିକୁ ଉଚ୍ଚାରଣ କଲା । ତା'ପରେ ମୁକ୍ତ ବାରଣ୍ଡାରେ ପଦଚାରଣ କରିବାକୁ ଲାଗିଲା ।

ମାନସର ମନେହେଲା, ଏ ଦୁନିଆରେ କୌଣସି ନୀତି ନିୟମ ନାହିଁ । ମଣିଷ ଆପଣା ଇଚ୍ଛାରେ ଚଳପ୍ରଚଳ ହେଉଛି । ଯାହା ତାକୁ ଆନନ୍ଦ ପ୍ରଦାନ କରୁଛି ସେ ଗ୍ରହଣ କରି-ନେଉଛି । ଏଠି ପ୍ରତିଜ୍ଞା, ପ୍ରତିଶ୍ରୁତିର କୌଣସି ମାନେ ହୁଏନା ।

ଜନକୋଳାହଳ ପୂର୍ଣ୍ଣ କଲିକତା ମହାନଗରୀ ଯନ୍ତ୍ର ଜନତାର ସମାବେଶ ବୋଲି ତା'ର ମନେହେଲା । ଜୀବନର ସବୁ ରଙ୍ଗ, ସବୁ ନିଶା ଫାଙ୍କିଗଲା । ସେ ଅବଶ ଓ କ୍ଲାନ୍ତ ହୋଇ ଘରବରେ ବସିଗଲା ।

ଟିକକ ପରେ ତପସ୍ୱିମା ଆସି ଖବର ଦେଲା, 'ଶ୍ରୀଦଦଙ୍କ ଘରକୁ ଆସିବ ଚଲ, ମାନସଭାଇ ! ଆସ ।'

Digitized by PPRACHIN, SOA

ମାଁ ଆସି କହିଲେ, 'ଶ୍ରୀର ବଡ଼ଭାଇ ତୋତେ ଅପେକ୍ଷା କରିଛନ୍ତି । ତାଙ୍କୁ ଯାଇ ଟିକିଏ ଦେଖା କରିଆ ।'

ମାନସ ସେମାନଙ୍କ କଥା ଶୁଣି ଶୁଭଶ୍ରୀ କଥା ମନେ ପକାଇବାକୁ ଚେଷ୍ଟାକଲା । ସ୍ଥିରକଲା, ମମତା ଯଦି ତାର କଥା ଭୁଲିଯାଇପାରିଲା, ପୁରୁଷ ପିଲା ହୋଇ ସେ କ'ଣ ମମତାକୁ ଭୁଲିପାରିବ ନାହିଁ ? ଦୁନିଆରେ ମମତାର ଅଭାବ ହେବ ନାହିଁ । ଏଇ ତ, ଶୁଭଶ୍ରୀ ସଙ୍ଗରେ ପ୍ରସ୍ତାବ ପଡ଼ିଛି ।

ସେ ସେହି ବେଶପୋଷାକରେ ତପସ୍ୱିନୀ ସଙ୍ଗରେ ପଡ଼ୋଶୀ ଘରକୁ ଯିବାକୁ ବାହାରିଲା ।

ମାଆ ଆସି ତା'ର ହାତ ଧରି କହିଲେ, 'ଛି, ଏଇ ବେଶରେ ଭଦ୍ରଲୋକଙ୍କ ସଙ୍ଗରେ ସାକ୍ଷାତ କରିବାକୁ ଯିବୁ ? ଜାମା ଲୁଗା ବଦଳାଇବେ ।'

ମାନସ ମାଆଙ୍କ କଥାକୁ ମାନିନେଲା ।

ପୁରୁଷର ମନ ଯେତେବେଳେ ବିଷର୍ଣ୍ଣ ଓ ବିବର୍ଣ୍ଣ ହୋଇଉଠେ, ଏକ ସୁନ୍ଦରୀ ତରୁଣୀର ସାନିଧ୍ୟ ତା'ର ମନୋଭାବକୁ ନିର୍ଭୁଲ ଭାବରେ ବର୍ଣ୍ଣାଢ଼୍ୟ ଓ ରଙ୍ଗୀନ କରି-ଦେଇଥାଏ ।

ଜ୍ୟେଷ୍ଠ ଭଉଣୀ ତପସ୍ୱିନୀ ସଙ୍ଗରେ ଯାଇ ମାନସ ଯେତେବେଳେ ପଡ଼ୋଶୀ ଭଦ୍ରବ୍ୟକ୍ତିଙ୍କ ସଙ୍ଗରେ ସାକ୍ଷାତ

Digitized by PPRACHIN, SOA

କଲ, ସେ ଖୁବ୍ ଆନନ୍ଦ ପ୍ରକାଶ କଲେ । ସେ ମୁହଁଭରି ଖୁସି ଦେଇ ମାନସଙ୍କୁ ସର୍ବପ୍ରଥମେ ଆପ୍ୟାୟିତ କଲେ ।

ମାନସର ମନେହେଲା, ଭଦ୍ରଲୋକ ତାଙ୍କୁଁ ଅପେକ୍ଷା କରି ବସିଥିଲେ । ସାକ୍ଷାତ ହେବା ସଙ୍ଗେ ସଙ୍ଗେ କହିଲେ, 'ଆପଣ ତାହାହେଲେ ମାନସବାବୁ ! ଅନେକ ଦିନ ହେଲା ସାକ୍ଷାତ କରିବାର ଇଚ୍ଛା ଥିଲା । ଆସନ୍ତୁ ।'

ଭଦ୍ରଲୋକଙ୍କ କଥାରେ ଜୀବନ ଥିଲା । ତାଙ୍କର ବଚନ ଢଙ୍ଗରେ ଅମାୟିକ ମନୋଭାବ ଫୁଟିଉଠୁଥିଲା । କଥାବାର୍ତ୍ତା ଛଳରେ ସେ ନିକଟତର ହୋଇଯାଉଥିଲେ । ଗଭୀର ଆତ୍ମୀୟତା ଭିତରେ ସେ ମାନସଙ୍କୁ ଆପଣାର କରିନେଲେ ।

ମାନସ ଶୁଣିଥିଲା, ଭଦ୍ରଲୋକଙ୍କର ଜମି ଜାଗିର ଅଛି । ସେ ଖାନଦାନୀ ଘରର । ଅଥଚ କଥାବାର୍ତ୍ତାରେ ଏତେ ଟିକିଏ ଅଭିମାନ ନାହିଁ ।

ଭଦ୍ରଲୋକ କ୍ରମେ କଥାବାର୍ତ୍ତାରେ ଖୁବ୍ ସରଳ ହୋଇଉଠିଲେ । କହିଲେ, 'ଆପଣ ଜାଣିଥିବେ ମାନସବାବୁ, ମୋର ଭଉଣୀ ଶୁଭଶ୍ରୀ ସାଙ୍ଗରେ ଆପଣଙ୍କ ବିବାହ ପ୍ରସ୍ତାବ ପଡ଼ିଛି । ଈଶ୍ୱରଙ୍କ ଇଚ୍ଛାରୁ ସେ ପ୍ରସ୍ତାବ ସତ୍ୟରେ ପରିଣତ ହେଲେ ଭବିଷ୍ୟତରେ ଆମର ପାରିବାରିକ ବନ୍ଧନ ଆହୁରି ଦୃଢ଼ ହେବ । ତେଣୁ ଶୁଭଶ୍ରୀକୁ ଆପଣ ଦେଖିଯିବା ଆବଶ୍ୟକ ।'

ଏକଥା ଶୁଣିବା ପରେ ମାନସର ଦେହ ଝାଳେଇଉଠୁଥିଲା ।

Digitized by PPRACHIN, SOA

ଭଦ୍ରଲୋକ କାଳକ୍ଷେପ ନ କରି ବଡ଼ ପାଟିରେ ଭଉଣୀ ଶୁଭଶ୍ରୀକୁ ଡାକ ପକାଇଲେ ।

ଶୁଭଶ୍ରୀ ବୋଧହୁଏ ଆଗରୁ ପ୍ରସ୍ତୁତ ହୋଇସାରିଥିଲା । ଭାଇଙ୍କର ଡାକ ଶୁଣି ସେ ବୈଠକଘରକୁ ଆସିଲା ।

ସୁସଜ୍ଜିତା ଶୁଭଶ୍ରୀ ବେଶଭୂଷାରେ ଠିକ୍ ସଖୀ କନ୍ୟେଇଟିଏ ପରି ଦେଖାଯାଉଥିଲା । ତା' ମୁହଁଟି ଦେଖା-ଯାଉଥିଲା, ଠିକ୍ ଏକ ଫୁଟନ୍ତା ଗୋଲାପ ପରି । ଆଖିର ପତାରେ ନାସାସୂଲଭ ଲଜ୍ଜାର ଚନ୍ଦ୍ରିମା ଫୁଟିଉଠିଥିଲା । ସେ ଆକାଶ-ନୀଳଆଖିରେ ଅନିମେଷକ ପାଇଁ ମାନସ ମୁହଁକୁ ଚାହିଁ ସଙ୍ଗେ ସଙ୍ଗେ ମୁହଁ ପୋତିଦେଲା ।

'ଇଏ ଆମର ପଡ଼ୋଶୀ ମାନସବାବୁ, ଶ୍ରୀ, ନମସ୍କାର କର ।' ଭଦ୍ରବ୍ୟକ୍ତି ନିର୍ଦ୍ଦେଶ ଦେଲେ ।

ଶୁଭଶ୍ରୀ ତାର ଶ୍ଳେଷ୍ଟ ଶ୍ଳେଷ୍ଟ କଅଁଳ ହାତ ପାପୁଲି ଦି'ଟାକୁ ଏକାଠି କରି ନମସ୍କାର ଜ୍ଞାପନ କଲା । ତା'ର ସୁନା-ଚାଙ୍ଗର ସରୁ ସରୁ ଅଙ୍ଗୁଳିଗୁଡ଼ିକ ଥରି ଥରି ଉଠୁଥାଏ । ତହିଁରେ ଚମ୍ପକର ଲାବଣ୍ୟ ଥାଏ ।

ମାନସ କେତୁକ୍ଷଣ ପାଇଁ ସେହି ସୁନ୍ଦରୀ ଶୁଭଶ୍ରୀକୁ ଅନାଇଲା । ତାର ରୂପଯୌବନ, ବସ୍ତ୍ର ମାନସର ମନ ଭିତରେ ମାୟା ଲଗାଇଦେଲା ଯେମିତି !

ଶୁଭଶ୍ରୀର ଉପସ୍ଥିତିରେ ମାନସର ମନେହେଲା, ଗୋଟିଏ ସୁମଧୁର ସଙ୍ଗୀତର ମୂର୍ଚ୍ଛନା ଯେମିତି ବୈଠକଘର ଭିତରେ ମୁଲସ୍ପର୍ଶ ଉତ୍ତାପ ପ୍ରଦାନ କରୁଛି ।

Digitized by PPRACHIN, SOA

ଶୁଭଶ୍ରୀ ନମସ୍କାର ମାଧ୍ୟମରେ ତାର କୁମାରୀଜୀବନର ପ୍ରଥମ ସ୍ନେହ ଅର୍ଘ୍ୟ ନିବେଦନ କଲା ।

ମାନସ ପ୍ରତିନମସ୍କାର ଛଳରେ ଶୁଭଶ୍ରୀର ସେହି ସ୍ନେହ ଅର୍ଘ୍ୟକୁ ଗ୍ରହଣ କରିନେଲା ।

ମମତା ସଙ୍ଗରେ ତାର ପ୍ରଥମ ମଧୁର ସମ୍ପର୍କ ସ୍ଥାପନ ହେଲାବେଳେ, ସେ ମଧ୍ୟ ଶୁଭଶ୍ରୀ ପରି ଲଜ୍ଜାରେ ଝାଉଁଳି-ପଡ଼ୁଥିଲା ।

ମାନସର ମନ ହଠାତ୍ ବେଦନାର୍ତ୍ତ ହୋଇଉଠିଲା ।

ଛି ଛି, ଏ କଣ ଭାବୁଛି ସେ ! ଅତୀତକୁ ଭୁଲିଯିବାକୁ ବାଞ୍ଛନୀୟ । ଅତୀତ ସଙ୍ଗରେ ମମତାକୁ ବି ପାସୋରିଯିବା ସ୍ପୃହଣୀୟ । ତା'ର ଇଚ୍ଛା, ବାସନା ନେଇ ସେ ବଞ୍ଚିରହୁ । ତା'ର ରାସ୍ତାରେ ସେ ଚାଲିଯାଉ ।

ମାନସ ମମତା ପାଖରୁ ଭାବନା ବୁଲାଇ ଶୁଭଶ୍ରୀକୁ ଚାହିଁଲା ।

ଶୁଭଶ୍ରୀର ବଡ଼ଭାଇ ସୁଚତୁର ଗୃହସ୍ଥ । ଶୁଭଶ୍ରୀ ଓ ମାନସକୁ ଏକାନ୍ତ ଭାବରେ ପରିଚୟ ହେବାର କ୍ଷେତ୍ର ପ୍ରସ୍ତୁତ କରି ସେ କାମର ଆଳ ଦେଖାଇ ଅନ୍ୟତ୍ର ଚାଲିଗଲେ ।

ବୈଠକଘରେ କେବଳ ରହିଗଲେ ମାନସ ଓ ଶୁଭଶ୍ରୀ । ଦୁଇଟି ସାମାନ୍ୟ ପରିଚିତ ତରୁଣ ତରୁଣୀ ସେହି ଘୋଟ ଘରଟି ଭିତରେ ଅତି ଅସହାୟ ଅବସ୍ଥାରେ ଉପସ୍ଥିତ ଥିଲେ ।

ବୈଠକଘରର ଟେବୁଲ ଚୌକିଗୁଡ଼ିକ ଯଦି କଥା କହିପାରୁଥାନ୍ତେ, ତାହାହେଲେ ସେମାନେ ମାନସ ଓ

Digitized by PPRACHIN, SOA

ଶୁଭଶ୍ରୀ ମୁହଁକୁ ଗୁଞ୍ଜି ଖିଲ ଖିଲ ହୋଇ ହସିଥାନ୍ତେ । ହସି ହସି କହୁଥାନ୍ତେ, ଏତେ ଲଜ୍ଜା, ଏତେ ସମ୍ଭ୍ରମ ଆଜି-ପର୍ଯ୍ୟନ୍ତ କେଉଁଠି ଲୁଚାଇ ରଖିଥିଲ, କହିଲ ? ତୁମେ କଣ ଆରମ୍ଭରୁ ଏମିତି ଥିଲ ? ଏତେ ଲାଜ କରିବା ତୁମକୁ ଶିଖାଇଲା କିଏ ସେ ?

କଣ ଉତ୍ତର ଦେଇଥାନ୍ତେ ଶୁଭଶ୍ରୀ ଆଉ ମାନସ ?

ମାନସ ଭାବୁଥିଲା, ଯଦି ଏଇ ତରୁଣୀଟି ଶୁଭଶ୍ରୀ ନ ହୋଇ ଦ'ବର୍ଷ ତଳର ମମତା ହୋଇଥାନ୍ତା, ତାହାହେଲେ ସେ ନିଜେ କଣ ଏମିତି ଚୁପ୍ ହୋଇ ରହି ପାରନ୍ତା ? ତାର ଅର୍ଦ୍ଧ ଉନ୍ମୁକ୍ତ ବେଣୀର ଶେଷାଂଶକୁ ଆକର୍ଷଣ କରୁ କରୁ କହନ୍ତା, ନା ମମି, ଏ ନୀରବତା ତୁମ ମୁହଁରେ ଶୋଭା ପାଏନା । ନୀରବ ହୁଅନ୍ତି ସେଇମାନେ, ଯେଉଁମାନେ ଭଗବାନଙ୍କ ଅବଗୁଣରୁ ମୂକ । ତୁମ ମୁହଁରେ ଭଗବାନ ଭାଷା ଦେଇଛନ୍ତି । ତୁମ ଓଠରେ ହସ ଦେଇଛନ୍ତି । ତୁମେ ନୀରବ ରହିବା ଅସଙ୍ଗତ ।

ତାର ଏ କଥା ଶୁଣି ମମତା ହସରେ କୁରୁଳି ଉଠିଥାନ୍ତା । କହିଥାନ୍ତା, ଖୁବ୍ ଦାର୍ଶନିକ ଯୁକ୍ତି ତ ଦେଖୁଛି ! ପ୍ରେମିକ ହେବା ପରିବର୍ତ୍ତେ କେବଳ ଦର୍ଶନଶାସ୍ତ୍ର ପଢ଼ି ଦାର୍ଶନିକ ହେଲଣି ନା ? ଆହା, ମରିଯାଏଁ ଟି !

ଶୁଭଶ୍ରୀ ମମତା ନୁହେଁ ।

ସେଇଥିପାଇଁ ସେ ନୀରବ ରହିବା ଉଚିତ ମନେକଲା ।

Digitized by PPRACHIN, SOA

ମାନସ ଭାବୁଥିଲା, ସେଇଠି ସେଇ ଚୌକି ଟେବୁଲ୍‌ରେ କେତେଦିନ ଏକା ଏକା ବସି ସେଇ ଶୁଭଶ୍ରୀ ମନ ଆନନ୍ଦରେ ଗୁଣୁ ଗୁଣୁ ହୋଇ ଗୀତ ଗାଇଥିବ । କେଉଁ ଏକ ଅଚିହ୍ନା ଯୁବକର ମୁହଁଟିକୁ ମନେପକାଇ କାଗଜ ପେନ୍‌ସିଲ୍ ଧରି ତାର ବ୍ୟଙ୍ଗ ଛବି ଆଙ୍କିଥିବ । ମନ ଖୁସି ଥିଲେ, ଶବ୍ଦ ପରେ ଶବ୍ଦ ସଜାଡ଼ି ପ୍ରେମ କବିତା ଅଥବା ଗଳ୍ପର କିଛି ଲେଖିଥିବ । ଅଥଚ ଆଜି ସେ ଉପସ୍ଥିତ ଅଛି ବୋଲି........।

ଶୁଭଶ୍ରୀ ଯେମିତି ମୁହଁପୋତି ଛିଡ଼ା ହୋଇଥିଲା ।

ହାଲ୍‌କା ସବୁଜ ରଙ୍ଗର ବ୍ଲାଉଜ୍, ହଳଦି ରଙ୍ଗର ଶାଢ଼ୀ ଉପରେ ଅତି ସୁନ୍ଦର ଦେଖାଯାଉଥିଲା । ଶାଢ଼ୀ ଉପରେ ଲମ୍ବି ଆସିଥିଲା ଶୁଭଶ୍ରୀର କୃଷ୍ଣ ରଙ୍ଗର ଲମ୍ବା ସାପୁଆ ବେଣୀ ଗୋଟାକ । ମୁଣ୍ଡର କୁଞ୍ଚିତ କେଶ ସାଥିକାରେ ଘଟିଥିବା ଆଷାଢ଼ ଆକାଶର ନିଘଞ୍ଚ କଳା ମେଘ ଅଟକିଯାଇଥିଲା । ବେକତଳର ଚୂନା ଚୂନା କେଶଗୁଚ୍ଛ ଶୁଭଶ୍ରୀର ଶୁଭ୍ର ପିଠି ସ୍ୱଚ୍ଛରେ ନଇଁ ଯାଇଥିଲା ।

ସେହି ବେଶପୋଷାକରେ ଶୁଭଶ୍ରୀକୁ ଦେଖି ମନେ ହେଉଥିଲା, ସେ ଏକ ସୁଶୋଭିତ ଶିଳ୍ପପ୍ରତିମା । କୌଣସି ଏକ ସାର୍ଥକ କଳାକାର ବହୁଦିନ ସାଧନା କରି ସେହି ଶିଳ୍ପ-ପ୍ରତିମାକୁ ରୂପଦାନ କରିଥିଲା ।

ତରୁଣୀ ପୁଣି ଏତେ ସୁନ୍ଦର, ଏତେ ନମ୍ର ହୋଇ ପାରେ !

ମାନସ ନମ୍ରିତ କଣ୍ଠରେ ଅନୁରୋଧ କରି କହିଲା, 'ବସ, ଶୁଭଶ୍ରୀ !'

Digitized by PPRACHIN, SOA

ଶୁଭଶ୍ରୀ ବାଧ୍ୟ ଛାତ୍ରୀଟିଏ ପରି ମାନସର ସାମନାରେ ବସିପଡ଼ିଲା ।

'ତୁମେ କଣ ପଢ଼ୁଛ ?' ମାନସ ପ୍ରଶ୍ନ କଲା ।

'ବି.ଏ. ପାସ୍ କରିଛି ।' ଶୁଭଶ୍ରୀ ଉତ୍ତର ଦେଲା ।

—ଆଉ ପଢ଼ିଲ ନାହିଁ ?

—ଭାଇ ମନା କଲେ ।

—କାହିଁକି ?

—ଜାଣେ ନା ।

'ସେ ଯଦି ପୁଣି ପଢ଼ିବାକୁ କହିବେ, ପଢ଼ିବ ?' ମାନସ ଏକ ଅଦ୍ଭୁତ ପ୍ରଶ୍ନ କଲା ।

'ପଢ଼ିବି ।' ଶୁଭଶ୍ରୀ ଉତ୍ତର ଦେଇ ମନେ ମନେ ଭାବୁଥିଲା, ଉତ୍ତରରେ ଭୁଲ ହୋଇଯାଇନି ତ ?

'ତୁମର ବିବାହ ପ୍ରସଙ୍ଗ ପଡ଼ୁଥିବାର ଜାଣ ?' ମାନସ ପ୍ରଶ୍ନ କଲା ।

'ଜାଣେ ।' ମାନସୀ ଅସ୍ପଷ୍ଟ ଭାବରେ ଉତ୍ତର ଦେଲା ।

'ତୁମର ମତ କଣ ?'

'ମୋର ଆଉ ମତ କଣ ? ବଡ଼ଭାଇ ଯାହା କହିବେ କରିବ ।' ଶୁଭଶ୍ରୀ କହିଲା ।

ଠିକ୍ ଏତିକିବେଳେ ଶୁଭଶ୍ରୀର ବଡ଼ ଭାଇ ସେ ଘରେ ପ୍ରବେଶ ହେଲେ ।

ଭାଇଙ୍କୁ ଦେଖି ଶୁଭଶ୍ରୀ ଆଶ୍ୱସ୍ତିର ନିଃଶ୍ୱାସ ନେଲା ।

ଶୁଭଶ୍ରୀକୁ ବଡ଼ଭାଇ ଅନ୍ୟ କାମ ସକାଶେ ଘର ଭିତରକୁ ପଠାଇଦେଲେ ।

Digitized by PPRACHIN, SOA

ଶୁଭଶ୍ରୀ ପାଦଚପା ପାହୁଲ ପକାଇ ଘର ଭିତରୁ ଆସ୍ତେ ବାହାରିଗଲା । ମନେହେଲା, ତା'ର ପାଦପାତରେ ଅନେକ ସ୍ଥଳପଦ୍ମ ଫୁଟିଉଠିଛି । ସେ ଚାଲିଯିବା ପରେ ବୈଠକଘର ଭିତରୁ ତା'ର ଟେଣଟେଲିନର ରୁଚିପୂର୍ଣ୍ଣ ସୁଗନ୍ଧ ବି ଚାଲିଗଲା ।

ଶୁଭଶ୍ରୀର ଉତ୍ତରକୁ ମନେପକାଇ ମାନସ ଭାବୁଥିଲା, ଝିଅଟି ଖୁବ୍ ଶାନ୍ତଶିଷ୍ଟ ହୋଇଥିବ । ତା'ର ବ୍ୟବହାର ମଧ୍ୟ ଆନନ୍ଦଦାୟକ ହୋଇଥିବ । ଘରର ସମସ୍ତଙ୍କର କଥା ମାନି ଚଳିବା ଫଳରେ ସମସ୍ତେ ତାକୁ ଆଦର କରୁଥିବେ । ତାଙ୍କ ଘରକୁ ବଧୂ ହୋଇ ଗଲେ ଘରଗୋଟାକ ପୂରିଉଠିବ ।

ମାଆଙ୍କର ନିର୍ବାଚନ ମନ୍ଦ ନୁହେଁ ।

ଭଦ୍ରଲୋକ ପ୍ରଶ୍ନ କଲେ, 'ଆଜି କେତେଦିନ ରହୁଛନ୍ତି ମାନସବାବୁ ?'

'ଆଜି ସପ୍ତାହଟିଏ ରହୁଛି ।' ମାନସ ଶାନ୍ତ ପିଲାଟିଏ ପରି ଉତ୍ତର ଦେଲା ।

'ତାହାହେଲେ, ଏଇ ସପ୍ତାହକ ଭିତରେ କଟିବ । ପ୍ରତିଦିନ ଆମ ଘରକୁ ଆସୁଥିବେ । ସନ୍ଧ୍ୟାବେଳେ ସାଙ୍ଗହୋଇ ବୁଲିବାକୁ ଯିବା ।'

ତା'ପରେ ଉଭୟଙ୍କ ମଧ୍ୟରେ ଅଫିସ କଥା, ସହର କଥା ପଡ଼ିଲା । ଏଣୁତେଣୁ କଥାବାର୍ତ୍ତା କରୁ କରୁ ଅନେକ ସମୟ ଅତିବାହିତ ହୋଇଗଲା । ଶେଷବେଳକୁ ଭଦ୍ରଲୋକ କୌଣସି ଭୁଲିଯାଇଥିବା କଥା ହଠାତ୍ ସ୍ମରଣ କଲା ପରି କହିଲେ, 'ଆରେ ଆପଣ ଏତେ ସମୟ ବସିଲେ, ଅଥଚ

Digitized by PPRACHIN, SOA

ଆମ ଶ୍ରୀମତୀଙ୍କ ସଙ୍ଗରେ ପରିଚୟ ହେଲା ନାହିଁ । ଏଇଠି ବସନ୍ତୁ, ଏଇ ସଙ୍ଗେ ସଙ୍ଗେ ଆମ ଶ୍ରୀମତୀ ମାଳତୀ ଦେବୀଙ୍କୁ ଡାକିଆଣୁଛି ।'

ଉଦ୍ରଲୋକ କହିବା ଅନୁଯାୟୀ ତାଙ୍କ ସ୍ତ୍ରୀ ମାଳତୀ ଦେବୀଙ୍କୁ ସଙ୍ଗରେ ନେଇ ପହଞ୍ଚିଲେ ।

ମାଳତୀ ଦେବୀଙ୍କୁ ଦେଖି ମାନସ ଚୌକି ଛାଡ଼ି ଠିଆ ହେଲା ଓ ନମସ୍କାର ଜଣାଇଲା ।

ପ୍ରଥମେ ମାଳତୀ ଦେବୀଙ୍କୁ ଦେଖି ମାନସର ମନେହେଲା, ସେ ଖୁବ୍ ଲଜ୍ଜାବତୀ ।

କିନ୍ତୁ ପରେ ପରେ ଯେତେବେଳେ କଥାବାର୍ତ୍ତା ଜମି-ଆସିଲା, ମାଳତୀ ଦେବୀଙ୍କର ନୂତନ ରୂପ ଦେଖି ସେ ବିସ୍ମିତ ହୋଇ ଉଠିଲା ।

ମାଳତୀ ଦେବୀ କଥାବାର୍ତ୍ତାରେ ଅଂଶ ଗ୍ରହଣ କରିବାକୁ ପ୍ରଥମେ ପ୍ରଥମେ ସଙ୍କୋଚ ବୋଧକରୁଥିଲେ ମଧ୍ୟ, ସ୍ୱଳ୍ପ ସମୟରେ ଅଭ୍ୟସ୍ତ ହୋଇପଡ଼ିଲେ । ଉପରେ ପଡ଼ି ପ୍ରଶ୍ନ କଲେ ଓ ପଚାରିବା ପୂର୍ବରୁ ଉତ୍ତର ଦେଲେ । ପୁଣି ତାଙ୍କରି ଉତ୍ତରକୁ ସାବ୍ୟସ୍ତ କରିବା ସକାଶେ ଜିଦ୍ ଧରୁଥିଲେ । ପ୍ରତିଟି କଥାକୁ ଜୋର ଦେଇ ବ୍ୟକ୍ତ କରିବା ତାଙ୍କ ସ୍ୱଭାବର ଅନ୍ୟତମ ଅଂଶ ଥିଲା । ସେ କହିଲାବେଳେ କେହି ଅନ୍ୟମନସ୍କତା ପ୍ରକାଶ କଲେ ସେ ଅଭିମାନ କରୁଥିଲେ ।

ମାଳତୀଙ୍କର ଏ ନୂତନ ରୂପ ଦେଖିଲା ପରେ ମାନସର କୌଣସି ଏକ ଶୁଣିଥିବା କଥା ମନେପଡ଼ିଲା । ସେ ବର୍ତ୍ତମାନ ପ୍ରମାଣ ପାଇଗଲା ଯେ, ଗୋଟିଏ ନାରୀ ବାହାରୁ ଦେଖିବାକୁ

Digitized by PPRACHIN, SOA

ଯେମିତ ଶାନ୍ତଶିଷ୍ଟ, ପ୍ରକୃତରେ ସେ ସେମିତ ନୁହଁ । ଖୁବ୍ କଥା କହିବା, ନିଜ କଥା କହିବାକୁ ଜିଦ୍ ଧରିବା ସେମାନଙ୍କ ଚରିତ୍ରର ଅନ୍ୟତମ ଅଙ୍ଗ । ବନ୍ଦ ହେଲା ମୁହଁ ଥରେ ଫିଟିଗଲେ ସେ ମୁହଁରୁ କଥାର ଅନବରତ ସୁଅ ଛୁଟେ । ତାହା ସହଜରେ ସରେ ନାହିଁ କି ବନ୍ଦ ହୁଏ ନାହିଁ ।

ମାଳତୀ କଥା ଶେଷରେ ଅନୁରୋଧ କଲେ, ଆସିବ ମାନସବାବୁ, ଏଇଠି ଥିବା ପର୍ଯ୍ୟନ୍ତ ନିତ୍ୟ ଆସୁଥିବ । ଘର ଭିତରେ ଏକୁଟିଆ ବସି ବସି ବିରକ୍ତ ଲାଗୁଛି । କଥାବାର୍ତ୍ତା କଲେ ମନ ଭିତରଟା ହାଲୁକା ମନେ ହେଉଛି ।

ଭଦ୍ରଲୋକ ହସି ହସି ମନ୍ତବ୍ୟ କଲେ, 'ଏଥର ସମ୍ଭାଳ ଆମ ଶ୍ରୀମତୀଙ୍କୁ । କିନ୍ତୁ କହିରଖୁଛି, ସଙ୍ଗରେ ତୁଳାବଣ୍ଡା ନେଇ ଆସିଥିବ । ମାଳତୀଙ୍କ କଥା ଶୁଣି ଶୁଣି ବିରକ୍ତ ଲାଗିଲେ, ସେଇଆକୁ କାନମୂଳେ ଦେଇ ରକ୍ଷା ପାଇଯିବ ।'

ଏ ମନ୍ତବ୍ୟ ଶୁଣି ପ୍ରଫେସର ମାଳତୀ ମୁହଁ ମୋଡ଼ି ଚାଲିଗଲେ । ସେ ସ୍ୱାମୀଙ୍କ ମନ୍ତବ୍ୟ ଶୁଣି ରାଗିଯାଇଥିଲେ ।

ମାନସ ଦେଖିଲା, ମାଳତୀଙ୍କ ପଛପଟେ ମୁରୁକି ମୁରୁକି ହସି ଆଉ ଗୋଟିଏ ତରୁଣୀ ଚାଲିଯାଉଛି । ଏତେ ସମୟ ଧରି ବୈଠକଘରର ଆରପଟେ ସେଇ ବୋଧହୁଏ ଠିଆ ହୋଇ ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲା । ଭଦ୍ରବ୍ୟକ୍ତିଙ୍କର କଥାର ଶ୍ଳେଷକୁ ଯେ ସେ ମଧ୍ୟ ଉପଭୋଗ କରିଛି, ତା'ର ମୁରୁକି ହସ ସେ କଥା ପ୍ରମାଣିତ କଲା ।

ମାନସ ସେହି ସୁଖୀ ତରୁଣୀ ଦୁହିଁଙ୍କ ବାହୁଡ଼ାପଥକୁ ଅପଲକ ଦୃଷ୍ଟିରେ ଅନାଇଥିଲା ।

Digitized by PPRACHIN, SOA

ମାଳତୀଙ୍କୁ ଅନୁସରଣ କରୁଥିବା ସେହି ସୁନ୍ଦରୀ ତରୁଣୀ ଶୁଭଶ୍ରୀ ଅଧବାଟରୁ ମୁହଁ ବୁଲାଇ ବୈଠକଘର ଆଡ଼କୁ ଚାହିଁଲା ।

ମାନସର ଅପେକ୍ଷମାଣ ଆଖିରେ ଶୁଭଶ୍ରୀର ପ୍ରାଣବନ୍ତ ଆଖିର ଆକସ୍ମିକ ମିଳନ ହେଲା । କିନ୍ତୁ ନ ଜାଣିବାର ଅଭିନୟ କରି ଶୁଭଶ୍ରୀ ପୁନର୍ବାର ମୁହଁ ବୁଲାଇ ଫେରିଗଲା ।

ମାନସକୁ କଲିକତା ରହଣିଟା ଆଉ ମନ୍ଦ ଲାଗିଲା ନାହିଁ ।

ଇତି ମଧ୍ୟରେ ଶୁଭଶ୍ରୀ ଘରକୁ ବାରମ୍ବାର ଯିବା ଆସିବା କରିବା ଫଳରେ, ତା' ସଙ୍ଗରେ କିଛିଟା ଆନ୍ତରିକତା ମଧ୍ୟ ଜମିଆସିଥିଲା । ଶୁଭଶ୍ରୀ ଏଥର ତା' ପାଖକୁ ନିଜେ ଚା' ଜଳଖିଆ ନେଇଆସୁଥିଲା । ଛୋଟବଡ଼ କଥା ପଚାରିଲେ ସଂକ୍ଷିପ୍ତ ଭାବରେ ଉତ୍ତର ମଧ୍ୟ ଦେଉଥିଲା ।

ଶୁଭଶ୍ରୀର କଅଁଳ କଣ୍ଠରେ ମାଦକତାର ନିଶା ଥିଲା । ତା'ର କଥାକୁ ମାନସ ଆପ୍ରାଣ ଉପଭୋଗ କରୁଥିଲା ।

ମାଳତୀ ଦେବୀ ବେଳେ ବେଳେ ସୁଯୋଗ ଉଣ୍ଡି ଶୁଭଶ୍ରୀ ଓ ମାନସକୁ କେନ୍ଦ୍ର କରି ଦୁଇ ଚାରି ପଦ ମିଠାଳିଆ ମନ୍ତବ୍ୟ ପ୍ରଦାନ କରୁଥିଲେ । ତାଙ୍କର ସେ ବକ୍ରୋକ୍ତିକୁ ମାନସ ଓ ଶୁଭଶ୍ରୀ ଉପଭୋଗ କରୁଥିଲେ ମଧ୍ୟ, ପ୍ରକାଶ୍ୟରେ

Digitized by PPRACHIN, SOA

ସେମାନେ ସନ୍ତୋଷ ଲାଭ କରିଥିବା କଥା ବ୍ୟକ୍ତ କରି ପାରୁ ନ ଥିଲେ । ଶୁଭଶ୍ରୀ ମୁହଁ ବୁଲାଇ ଚାଲିଯାଉଥିଲା ଓ ମାନସ କାମର ଆଳ ଦେଖାଇ ନିଜ ଘରକୁ ଫେରିଆସିବାକୁ ତରବର ହେଉଥିଲା ।

ଦିନେ ମାଳମା ଦେବୀ ମାନସକୁ ଏକାନ୍ତରେ ଦେଖି ପ୍ରଶ୍ନ କଲେ, 'ଶୁଭଶ୍ରୀକୁ ବିବାହ କରିନେବାରେ ତୁମର କିଛି ଆପତ୍ତି ନାହିଁ ତ ମାନସବାବୁ ? କହିବ ଯଦି, ତୁମ ମତାମତ ତୁମ ମାଆଙ୍କୁ ଜଣାଇଦେବି । ଶୁଭଶ୍ରୀକୁ ତ ଦେଖିଲ । ଏଥର ନିର୍ଦ୍ଦିଷ୍ଟ କରି କିଛି କୁହ !'

ମାନସ ହଠାତ୍ କିଛି ଉତ୍ତର ଦେଇପାରିଲା ନାହିଁ ।

କିନ୍ତୁ ମାଳମା ଦେବୀ ନୀରବ ହେବାର ଲୋକ ନୁହନ୍ତି । ସେ ସଂଯୋଗ କଲେ, 'ତୁମର ବିବାହ ପାଇଁ ତୁମର ମାଆ ଯେମିତି ବ୍ୟଗ୍ର, ଶୁଭଶ୍ରୀର ବିବାହ ନେଇ ଆମେ ବି ସେହିଭଳି ବ୍ୟସ୍ତ । ଯେତେ ଶୀଘ୍ର ସମ୍ଭବ କଥାଟା ତୁଟାଇଦେଲେ ଭଲ ହୁଅନ୍ତା ।'

ମାନସ ଅବଶେଷରେ ଉତ୍ତର ଦେବାକୁ ବାଧ୍ୟ ହେଲା । ପ୍ରକାଶ କଲା, 'ବିବାହ ପାଇଁ ମୋର କିଛି ଆପତ୍ତି ନାହିଁ । ତେବେ ଅଉ କିଛିଦିନ ଅପେକ୍ଷା କଲେ ଭଲ ହୁଅନ୍ତା ।'

'ଅହୁରି ଅପେକ୍ଷା ?' ମାଳମା ଦେବୀ ପ୍ରଶ୍ନ କଲେ ।

'କାରଣ ଭୁବନେଶ୍ୱରରେ ମୋତେ ବସାଘର ମିଳିନି । ଦରମାଟା ମଧ୍ୟ ଖୁବ୍ କମ୍ । ଏଥର ପରୀକ୍ଷାଟା ଦେଇ-ଅଛି । ଫଳ ବାହାରିଲେ ଦରମା ବଢ଼ିବାର ସମ୍ଭାବନା ଅଛି । ସେଇଥିପାଇଁ କହୁଥିଲି ।'

Digitized by PPRACHIN, SOA

ମାଳତୀ ଦେବୀ ମାନସର ଦରମା ପରିମାଣଟା କେତେ, ଆଗରୁ ବୁଝିନେଇଥିଲେ । ବର୍ତ୍ତମାନ ସୁବିଧା ଦେଖି କହିଲେ, 'ଶୁଭର ଭାଇ କହୁଥିଲେ, ଏତେ ଅଳ୍ପ ଟଙ୍କା ସକାଶେ ନିଜ ଦେଶ ଆଉ ସହର ଗୁଡ଼ି ଭୁବନେଶ୍ୱରରେ ରହିବା ଭଲ ଦିଶୁନି । ସେଇ ଟଙ୍କାରେ କଲିକତାରେ ମଧ୍ୟ ଚାକିରି ମିଳିବ । ତା'ଛଡ଼ା ସେ ଯେଉଁ ବେଙ୍କରେ ଚାକିରି କରନ୍ତି, ସେଇଠି ତମ ପାଇଁ ଚାକିରି ଖାଲି ଅଛି । ଦି'ଗୁଣ ଦରମା । କାମର ପରିମାଣଟା ବି ଅଳ୍ପ । କହିବ ଯଦି, ତାଙ୍କୁ କହିବି । ସେ କୁଆଡ଼େ ଧରାଧରି କଲେ ଅଳ୍ପଦିନରେ କାମ ମିଳିଯିବ ।'

କେଜାଣି କାହିଁକି, ମାଳତୀଙ୍କର ଉପଦେଶ ମାନସକୁ ଭଲ ଲାଗିଲା ନାହିଁ । ସେ ମନେମନେ ସ୍ଥିର କରିଥିଲା, ଶୁଭଶ୍ରୀକୁ ଯଦି ବିବାହ କରେ, କଲିକତାର ବେଙ୍କ୍ ଚାକିରି ତାକୁ ପୋଷାଇବ ନାହିଁ । ଯେତେ ଅଧିକ ଦରମା ବା ସୁବିଧା ଥାଉନା କାହିଁକି, ସମ୍ପର୍କୀୟ ଲୋକ ଅଧୀନରେ ଚାକିରି କରିବା ଅର୍ଥ ନିଜ ବ୍ୟକ୍ତିତ୍ୱ ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା । ଏହାକୁ ନିଜ ପୌରୁଷ ପ୍ରତି ଏକ ଆହ୍ୱାନ ବୋଲି ସେ ଧରିନେଇଥିଲା । ଯଦି ପ୍ରୟୋଜନ ପଡ଼େ, ନିଜ ଚେଷ୍ଟାରେ ଅନ୍ୟତ୍ର ଚାକିରିର ବ୍ୟବସ୍ଥା କରିବ ।

ମାଳତୀ ଦେବୀ ଉତ୍ତର ପାଇବା ଆଶାରେ ମାନସ ମୁହଁକୁ ଅନାଇଥିଲେ ।

Digitized by PPRACHIN, SOA

ମାନସ ଉତ୍ତର ଦେଲା, 'ନା, ତାଙ୍କୁ ମୋର ଗୃହର ଚତ୍ୱରରେ କଷ୍ଟ କରିବେ ନାହିଁ । ଆବଶ୍ୟକ ମନେକଲେ, ମୋ ନିଜ ବ୍ୟବସ୍ଥା ମୁଁ ନିଜେ କରିବି ।'

ମାଳିନୀ ଦେବୀ ସେ ଉତ୍ତର ଶୁଣି ମାନସର ମାନସିକ ଅବସ୍ଥା ସଠିକ ଭାବରେ ଅଧ୍ୟୟନ କରିନେଲେ । ସେ ଗୃହର ପ୍ରସଙ୍ଗ ଛାଡ଼ି ଅନ୍ୟ କଥା ପକାଇଲେ ।

କିଛି ସମୟ ପରେ ଶୁଭଶ୍ରୀ ଚା'ନେଇ ସେଇଠି ପହଞ୍ଚିଲା । ସେ ଚା' ଥୋଇଦେଇ ଅନ୍ୟ ଥରମାନଙ୍କ ପରି ଚାଲିଗଲା ନାହିଁ । ମାନସର ବିନା ଅନୁରୋଧରେ ବି ସାମନା ଚୌକିରେ ବସିଲା ।

ମାଳିନୀ ଦେବୀ ଶୁଭଶ୍ରୀ ଉଦ୍ଦେଶ୍ୟରେ କହିଲେ, 'ମାନସ ଚାଲିଯିବା ପରେ ମୋତେ ହିଁ କହିବୁ । ଏବେ ମାନସ ଉପସ୍ଥିତ ଅଛନ୍ତି, ତୁମ କଥା କହୁନା !'

ଶୁଭଶ୍ରୀ ଯେ ତା'ର କି କଥା କହିବ, ସେ ବିଷୟ ଭାବି ମାନସ ଚକିତ ହେଲା । ସେ ଚା'କପ୍ ରୁ ମୁହଁ ଉଠାଇ ଶୁଭଶ୍ରୀ ମୁହଁକୁ ଚାହିଁଲା ।

ମାଳିନୀଙ୍କ କଥା ଶୁଣିବା ପରେ ଶୁଭଶ୍ରୀର ମୁହଁ ଲାଜରେ ଲାଲ୍ ପଡ଼ିଯାଇଥାଏ । ସେ ଇତସ୍ତତଃ ହୋଇ ଉଠିଥିଲା ।

ମାଳିନୀ ଦେବୀ ପୁଣି କହିଲେ, 'ଡ. ଏଂ ପଟ୍ଟ୍ୟା ଝିଅଙ୍କ ଲାଜ ଦେଖିଲ ତ ମାନସବାବୁ ! ତାଙ୍କ କଥା କହିବା ମାତ୍ରକେ କେମିତି ଝାଉଁଳିଗଲେଣି ! ଅଥଚ ତୁମେ ଚାଲିଗଲା ମାତ୍ରକେ ମୋତେ ପଚାରିବେ, କହିଲ ନାହିଁ ? ଆଜି ପରା ଯିବାର କଥା ଥିଲା ?'

Digitized by PPRACHIN, SOA

ଶୁଭଶ୍ରୀ ସେମିତି ମୁହଁ ପୋତି ପୋତି ତଥା ଧୀମା ଗଳାରେ କହିଲା, 'ତୁମେ ବି ତ ଯିବାକୁ କହୁଥିଲ ।'

'କେଉଁଠିକି ?' ମାନସ ପ୍ରଶ୍ନ କଲା ।

'ଏଇ ସିନେମା ଯିବା କଥା ପଡ଼ିଥିଲ ଯେ...' ମାଳମା ପ୍ରକାଶ କଲା । ପୁଣି ସଂଯୋଗ କଲେ, 'କେଉଁଠିକି ନେବା ଆଣିବା କହିଲ ତ 'ତାଙ୍କର' କଥା ପଡ଼ିଲା । ତେଣୁ ଆମେ ଠିକ୍ କଲୁଁ, ତୁମ ସଙ୍ଗେ ସିନେମା ଯିବୁ ।'

ମାନସ ସାମାନ୍ୟ ହସିଲା । ତା'ପରେ ହାତଘଣ୍ଟାକୁ ଚାହିଁ କହିଲା, 'ଆଜି ତ ଆଉ ସମୟ ନାହିଁ । କାଲି ଦେଖିବା । ପୂଜା ସମୟ ହେତୁ କଲିକତାରେ ଜନଗହଳି ଏତେ ବଢ଼ି ଯାଇଛି ଯେ, ଇଚ୍ଛାକଲେ ଯେକୌଣସି ଦିନ ସିନେମା ଦେଖିବା ସମ୍ଭବ ହେବ ନାହିଁ । ବରଂ କାଲି ସକାଳେ ଯାଇ ଆଡ଼ଭାନ୍ସ ଟିକେଟ ନେଇଆସିବ । ଭଲ ହେବ ।'

ମାନସ ସିନେମା ଦେଖାଇ ନେବାର ପ୍ରତିଶ୍ରୁତି ଦେଇ ଘରକୁ ଫେରିଆସିଲା ।

ଏଇ କେତେଦିନ ହେଲା ମାନସ ମନରେ ନିଶ୍ଚିନ୍ତ ମନୋଭାବ ପ୍ରକାଶ ପାଇଛି । ସକାଳ ପାହିବା ସଙ୍ଗେ ସଙ୍ଗେ ସେ ବିଛଣା ଛାଡ଼ିବାକୁ ନାରାଜ । ବହୁତ ରାତି ପର୍ଯ୍ୟନ୍ତ ମେଗାଜିନ୍ ଅଥବା ପତ୍ରପତ୍ରିକା ପଢ଼ିବା ଫଳରେ ପରଦିନ ସକାଳେ ଖରା ପଡ଼ିବା ପୂର୍ବରୁ ଉଠିପାରୁନାହିଁ ।

Digitized by PPRACHIN, SOA

ସେ ଦିନ ମାନସ ବିଛଣାରେ ଅଳସେଇ ଅଳସେଇ ଶୋଇଛନ୍ତି, ତପସ୍ବିନୀ ଆସି ତା ବିଛଣା ପାଖରେ ପାଟିକଲା । କହିଲା, 'ଉଠନା ମାନସଭାଇ ! ସିନେମା ଟିକଟ ପରା ଆଣିବ । ଚଞ୍ଚଳ ନ ଗଲେ କେମିତି ହେବ ?'

ମାନସ ସେ ଦିନ କଥା ମନେ ପକାଇଲା । ସେ ମ ଜମା ଦେବୀ ଓ ଶୁଭଶ୍ରୀ ଆଗରେ ପ୍ରତିଶ୍ରୁତି ଦେଇଆସିଥିଲା ଯେ, ଆଜି ଯାଇ ଆଡ୍‌ଭାନ୍ସ ଟିକଟ ନେଇଆସିବ । ଶୁଭଶ୍ରୀର ପ୍ରଥମ ଅନୁରୋଧକୁ ସମ୍ମାନ ଦେବା ତାର ଇଚ୍ଛା ।

କିନ୍ତୁ ଏତେ ସକାଳୁ ତପସ୍ବିନୀ ପାଖକୁ ଏ ଖବର ଯେ କେମିତି ଆସି ପହଞ୍ଚିଲା, ସେ କଥା ବୁଝିବାକୁ ସେ ଆଗ୍ରହୀ ହୋଇଉଠିଲା । କହିଲା, 'ସିନେମା ଟିକଟ କଥା ତୋତେ କିଏ କହିଲା, ତପୁ ?'

ତପସ୍ବିନୀ ହସି ହସି କହିଲା, 'ଶ୍ରୀଦିଦି ପରା ଏଇନେ କହିଲେ । ମୋତେ ସଙ୍ଗରେ ନବ ନାହିଁ, ଭାଇ ?'

'ଏତେ ସାନ ପିଲାଟା ହୋଇ ସିନେମା ଯିବୁ ? ଛୋଟ ପିଲାମାନେ କ'ଣ ସିନେମା ଦେଖନ୍ତି ?' ମାନସ ଆକଟ କଲା ।

'ତମେ ସତରେ ଦୁଷ୍ଟ' ମାନସଭାଇ ! ଶ୍ରୀ ଦିଦି କହିଲେ··

'କଣ କହିଲେ ?' ମାନସ ପ୍ରଶ୍ନକଲା ।

'ଚୁପ୍', ତପସ୍ବିନୀ ଓଠ ପାଖରେ ଧାଡ଼ିର ମଝି ଅଙ୍ଗୁଳି ରଖି ସଙ୍କେତ କଲା, 'ଶ୍ରୀଦିଦି ଶୁଣିବେ ।'

'ଶ୍ରୀଦିଦିକୁ ତୋର ତ ଖୁବ୍ ଭୟ ଲୋ ତପୁ ?'

'ନାହିଁ ମ, ଶ୍ରୀଦିଦିକୁ ଗୋଟାଏ ଭୟ କ'ଣ ? ସେ ମୋତେ କେବେ କିଛି କହନ୍ତି ନାହିଁ । ବହୁତ ଗେଲ କରନ୍ତି । ଦେଖନ, ମୋ ମୁଣ୍ଡ କେମିତି କୁଣ୍ଡାଇଦେଲେ ।'

Digitized by PPRACHIN, SOA

‘ଶ୍ରୀଦତ୍ତ ଶୁଣିବେ ବୋଲି ଡରିଗଲୁ ଯେ ?’

‘ଡରିନ ଯେ, ଶ୍ରୀଦତ୍ତ କହିଲେ, ଭାଇ ତମର ଖୁବ୍ ଦୁଷ୍ଟ । ମୁଁ କହିଲି, ଭଉଙ୍କୁ ଯାଇ କହିଦେବି । ସେ ମୋତେ ଚିମ୍ଟି ଦେଇ କହିଲେ, ସୁନଝିଅଟା ପରା ! କହିବ ନାହିଁ । ଆହୁରି ଚିମ୍ଟି ଦେବି । ଶୁଣିଲେ ଯେ କଣ ଆଉ ଚିମ୍ଟି ଦେବେ ? ତୁମେ ତାଙ୍କୁ କହିବ ନାହିଁ ଟି !’

ମାନସ ତପସ୍ୱିନୀକୁ ପାଖକୁ ନେଇ ତା'ର ଗାଲ ଚିପିଦେଲା । କହିଲା, ‘ନାଲେ ତପୁ, ତୋର ଶ୍ରୀଦତ୍ତକୁ କିଛି କହିବି ନାହିଁ ।’

ତପସ୍ୱିନୀ ତା'ପରେ ମାନସ ମୁହଁକୁ ଚାହିଁ ଚାହିଁ କଣ ଭାବିଲା କେଜାଣି, କହିଲା, ‘ଅଚ୍ଛା, ମାନସଭାଇ ! ଶ୍ରୀଦତ୍ତ ତୁମକୁ ଦେଖିଲେ ଲାଜ କରେ କାହିଁକି ? ଆମକୁ ଦେଖିଲେ ତ ଲାଜ କରେନା ।’

ମାନସ ସେ ଅଦ୍ଭୁତ ପ୍ରଶ୍ନ ଶୁଣି ମନେ ମନେ ହସିଲା । କହିଲା, ‘ନା ତ, ଶ୍ରୀଦତ୍ତ ମୋତେ ଲାଜ କରିବ କାହିଁକି ଯେ ! ସେ ମୋତେ ଲାଜ କରେନା ।’

‘ମିଛ ମିଛ’, ତପସ୍ୱିନୀ ତାଳିମାରି କହିଲା; ସଂଯୋଗ କଲା, ‘ମୁଁ ଦେଖିଛି, ତୁମକୁ ଦେଖିଲେ ସେ ତରବରହୋଇ ଭିତରଘରକୁ ଚାଲିଯାଏ, ବସିବା ଜାଗାରୁ ଉଠିପଡ଼େ ।’

‘କେଜାଣି ମୁଁ ତ ଜାଣେନା ।’

‘ହଁ, ମାନସଭାଇ ! ସେ ତୁମକୁ ଖୁବ୍ ଲାଜ କରେ । ମୁଁ ସେ କଥା ପଚାରିଥିଲି । ସେ କଣ କହିଲେ ଶୁଣିବ ?’

‘କଣ କହିଲେ ?’

Digitized by PPRACHIN, SOA

‘କହୁଚଲେ, ତମର ଘର ସଙ୍ଗରେ ମୋର କି କାମ ଯେ ମୁଁ କଥା କହିବ ? ସେଇଥିପାଇଁ ଉଠିଯାଏ ।’

ମାନସ ତପସ୍ୱିନୀର ପିଠି ଥାପୁଡ଼ାଇ ଥାପୁଡ଼ାଇ କହିଲା, ‘ତୁ ଆମର ଖୁବ୍ ଭଲ ପିଲା ।’

‘ମୋତେ ସିନେମା ନେବନା ?’ ତପସ୍ୱିନୀ ଅଡ଼ି ବସିଲା ।

ଅନ୍ୟ କିଛି ଉପାୟ ନ ଦେଖି, ତପସ୍ୱିନୀକୁ ସଙ୍ଗରେ ନେବାକୁ ମାନସ ଅଗତ୍ୟା ସମ୍ମତି ପ୍ରଦାନ କଲା । ତା’ପରେ ସେ ଆଡ୍‌ଭାନ୍‌ସ ଟିକେଟ ପାଇଁ ପ୍ରସ୍ତୁତ ହୋଇବସିଲା ।

ସେତେବେଳେ ସକାଳ ଆଠଟା—

ସକାଳ ଆଠଟା ବାଜି ପନ୍ଦର ମିନଟ ହୋଇଛି— ପୋଷ୍ଟପିଅନ୍ ଆସି ଚିଠି ବାଣ୍ଟିଗଲା ।

ସେଦିନର ଚିଠିରେ ତା’ର ନାମର ଦୁଇଖଣ୍ଡ ଚିଠି ଦେଖି ମାନସ ଆଶ୍ଚର୍ଯ୍ୟ ପ୍ରକାଶ କଲା ।

ଚିଠିର ଠିକଣା ଦେଖି ସେ ବୁଝିଲା, ଦୁଇଟିଯାକ ଚିଠି ଲେଖିଛି ମମତା ।

ପ୍ରଥମ ଚିଠି ତା’ର ଭୁବନେଶ୍ୱର ଠିକଣାରେ ଲେଖା ହୋଇଥିଲା । ସେଇଠୁ ରିଡାଇରେକ୍ଟ ହୋଇ ଫେରିଆସିଛି କଲିକତାକୁ । ରିଡାଇରେକ୍ଟ କରିଛି ତା’ର ଜଣେ ପରିଚିତ ବନ୍ଧୁ ।

Digitized by PPRACHIN, SOA

ଚିଠିରେ ବିଷୟବସ୍ତୁ ଯାହା ହୋଇଥାଉ ନା କାହିଁକି, ମମତା ଯେ ତା ପାଖକୁ ଚିଠି ଲେଖିଥିଲା ସେଇଥି ଖୁବ ସେ ଚକିତ ହେଲା ।

ମାନସର ମନ ଭିତରେ ଅନେକ ଦ୍ୱନ୍ଦ୍ୱ, ଅନେକ ସମ୍ଭାବନା ।

ଏତେଦିନ ଧରି କ'ଣ କରୁଥିଲା ମମତା ?

ସେ କ'ଣ ଅନ୍ୟାନ୍ୟ ଦୁଷ୍ଟା ନାୟିକାମାନଙ୍କ ପରି ଲେଖିଥିବ, ମୁଁ ଅତୀତ ପାଇଁ ବିଶେଷ ଦୁଃଖିତ, ମାନସ ! ଅନେକ ଭାବିଚିନ୍ତି ସ୍ଥିର କରିଛି, ଅନ୍ୟତ୍ର ବିବାହ କରିବି । ଆମର ଅତୀତ ସମ୍ପର୍କକୁ ସମ୍ପୂର୍ଣ୍ଣରୂପେ ଭୁଲିଯିବ । ଭାବିବ, ସେଇଟି ଆମ ଜୀବନରେ ଗୋଟିଏ ଦୁଃସ୍ୱପ୍ନ ଥିଲା । ସକାଳର ସୂର୍ଯ୍ୟକିରଣରେ ସେ ସ୍ୱପ୍ନ ମଉଳିଗଲା । ସେ ସ୍ୱପ୍ନକଥା ଭାବି ଦୁଶ୍ଚିନ୍ତା ପୋଷଣ କରିବ ନାହିଁ ।

ମୋର ଏତାଦୃଶ ସିଦ୍ଧାନ୍ତକୁ ମୁଁ ଅନେକ ଭାବିଚିନ୍ତି ସ୍ଥିର କରିନେଲି । ଏତଦ୍ୱାରା କେବଳ ମୋର ନୁହେଁ, ତୁମର ମଧ୍ୟ ଅଶେଷ ମଙ୍ଗଳ ବିଧାନ ହେବ ।

କିନ୍ତୁ ମୁଁ ପ୍ରତିଶ୍ରୁତି ଦେଉଛି ମାନସ, ମୋର ଅନ୍ୟତ୍ର ବିବାହ ହେବାପରେ ମଧ୍ୟ ଆମର ବନ୍ଧୁତ୍ୱ ନିରଙ୍କୁଶ ରହିବ । ଆମେ ଇଚ୍ଛା କଲେ, ପୂର୍ବପରି ମିଳାମିଶା କରିପାରିବା । ତେଣୁ ଦୁଃଖ କରିବାର କିଛି ନାହିଁ ।

ମୋର ସ୍ୱାମୀ ବିଶେଷ ଧନବାନ୍, ମାନସ ! ସେ ମୋର ପ୍ରତିଟି ଇଚ୍ଛା ପରିପୂରଣ କରିବେ ବୋଲି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ଆହୁରି ମଧ୍ୟ ସେ ପ୍ରତିଜ୍ଞାବଦ୍ଧ ଯେ,

Digitized by PPRACHIN, SOA

ମୋର ବ୍ୟକ୍ତିଗତ ଜୀବନରେ ସେ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ ।

ଅତଏବ ଏଥର ବୁଝ, ମୋର ଏ ନୂତନ ସିଦ୍ଧାନ୍ତଟା ସାର୍ଥକ ହୋଇଛି କି ନାହିଁ । ସେ ଯଦି ବୁଝିଁଥାନ୍ତେ, ମୁଁ ମୋର ଅଜ୍ଞାତ, ମୋର ବ୍ୟକ୍ତିଗତ ଜୀବନ ଓ ସମ୍ପର୍କକୁ ସମ୍ପୂର୍ଣ୍ଣରୂପେ ପାସୋରିଯାଇ, ତାଙ୍କୁ ମୋ ଜୀବନର ଏକକ ପ୍ରେମିକରୂପେ ଗ୍ରହଣ କରନ୍ତି, ତେବେ କ'ଣ ମୁଁ ସେ ପ୍ରକାର ବିବାହ ପ୍ରସ୍ତାବରେ ରାଜି ହୋଇଥାନ୍ତି, ଭାବୁଛ ? ମୁଁ କ'ଣ ଏତେ ଅବୋଧ ଯେ ମୋର ବ୍ୟକ୍ତିଗତ ଜୀବନକୁ ଗୋଟିଏ ସାମାନ୍ୟ ପୁରୁଷ ପାଇଁ ବଳିଦାନ କରିଥାନ୍ତି ?

ଆଜି ଯାହାହେଲେ ହେଉ ପଛକେ, ତୁମକୁ ମୁଁ କେମିତି ଭୁଲିପାରିଥାନ୍ତି ମାନସ ? କେମିତି ଭୁଲିପାରିଥାନ୍ତି ତୁମର ସେ ଭଲପାଇବା ? ତୁମେ ଯେ ମୋ ଜୀବନର ପ୍ରଥମ ପ୍ରିୟପୁରୁଷ ! ତୁମର ପ୍ରଥମ ପ୍ରଣୟର ସ୍ୱାଦ ଚାଖି, ପ୍ରଥମ ସ୍ପର୍ଶର ଅନୁଭୂତି ବୋଲିହୋଇ ମୋର ଜୀବନଯୌବନକୁ ଭଲ ପାଇବା ଶିଖିଲି । ତୁମେ ତ ମୋତେ ପ୍ରଥମ ସ୍ପର୍ଶାନୁଭୂତି ଦେଇ ଚକିତା କରିଥିଲ ! କହିଥିଲ, ତୁମ ରୂପ ଯୌବନରେ ପ୍ରଣୟର ନିଶା ଅଛି, ମମି ! ତୁମର ରୂପ ଦର୍ଶନରେ ମୁଁ ନିଜକୁ ନିଜେ ଭୁଲିଯାଏଁ ।

ଏଇ ମୋର ଚୁକ୍ତି-ଆବଦ୍ଧ ପ୍ରେମିକ ପୁରୁଷ ବି ତୁମଠୁ ଶିଖିଲା ପରି ସେଇ କେତେପଦ ମିଠାକଥା ଶୁଣାଉଛନ୍ତି । କହୁଛନ୍ତି, ତୁମେ ଏ ପୃଥିବୀର ସର୍ବଶ୍ରେଷ୍ଠ ସୁନ୍ଦରୀ, ମମି ।

ମୋତେ ସ୍ପର୍ଶ ଦେଇ ସାର୍ଥକ କର । ମୁଁ ଆଜ କୌଣସି କଥା ଶୁଣିବିନା ।

ମୋର ରୂପଯୌବନର ତ ମୂଲ୍ୟ ଅଛି, ମାନସ ! ତା'ର ବିନିମୟରେ ମୋର ଅନ୍ତରର ସମ୍ପର୍କକୁ ମୁଁ ଅକ୍ଷୁଣ୍ଣ ରଖିବି ।

କୁହ ମାନସ, ମୁଁ କଣ ଭୁଲ କଲି ? ବିବାହ କରି ମଧ୍ୟ କେବଳ ତୁମରି ପାଇଁ ମୁଁ ମୋର ବିବାହିତ ଜୀବନରେ ଦଣ୍ଡି ରଖିଛି ।

ଏ ସବୁ ତୁମ ପାଇଁ ଓ ମୋ ପାଇଁ ।

ମୋତେ କଦାପି ଭୁଲ ବୁଝନା, ମାନସ !

ଅଥବା—

ନମିତା ଲେଖିଥିବ, ମଣିଷ ଯାହା ଭାବେ ତାହା କ'ଣ ପାଇଥାଏ, ମାନସ ? ଆମର 'ଭାବନା' ସଫଳ ହେଲା ନାହିଁ । ମୋର ଅଭିଭାବକମାନେ ଅନ୍ୟତ୍ର ମୋର ବିବାହ ସ୍ଥିର କରିଦେଲେ । ଯେତେ ଅନୁରୋଧ କଲି, ବୁଝିଲେ ନାହିଁ କି ମାନିଲେ ନାହିଁ ।

ସାମାନ୍ୟ ନାରୀଟିଏ ମୁଁ । ଏ ସମାଜରେ ମୋର ସ୍ଥାନ କେତେ ? ଅନ୍ୟମାନଙ୍କ ଇଚ୍ଛା ଆଗରେ ମୁଁ ପ୍ରତିବାଦ କଲେ ମଧ୍ୟ କ'ଣ ସୁଫଳ ପ୍ରାପ୍ତିର ସମ୍ଭାବନା ଅଛି ?

ମୁଁ ଆଜ ପାରିଲି ନାହିଁ, ମାନସ ! ମୁଁ ଆତ୍ମବଳି ପାଇଁ ପ୍ରସ୍ତୁତ ହେବାକୁ ବାଧ୍ୟ ହେଲି ।

ଏ ଦୁନିଆରେ କେହି ମୋତେ ନ ବୁଝନ୍ତୁ ପଛକେ, ତୁମେ ନିଶ୍ଚୟ ମୋର ହୃଦୟର ଘାତପ୍ରତିଘାତକୁ ବୁଝି-

Digitized by PPRACHIN, SOA

ପାଣ୍ଡବ । କ୍ରୁଦ୍ଧ ମାନସ, ମୋର କୁମାରୀ ଜୀବନରେ ମୁଁ ତୁମ ବ୍ୟତୀତ ଆଉ କାହା ସଙ୍ଗେ ପରିଚୟ ହୋଇଛି ?

ତୁମେ ମୋର କେବଳ ପରିଚିତ ବନ୍ଧୁ ନୁହଁ, ପ୍ରିୟ ସୁହୃଦ । ମୁଁ ତୁମକୁ ନିବିଡ଼ ଭାବରେ ଭଲ ପାଏ । ତୁମେ ସତ ମୋତେ କିଛି କମ୍ ଭଲ ପାଅନା !

ହେଲେ ଆମର ଅମର ଭଲ ପାଇବାକୁ ଆଖି ଆଗରେ ରଖି ତୁମକୁ ଅନୁରୋଧ କରୁଛି, ତୁମେ ମୋତେ ଭୁଲିଯିବ ।

ଏହାହିଁ ମୋର ଶେଷ ଅନୁରୋଧ, ମାନସ ! ଜୀବନରେ କେବେ କିଛି ଅନୁରୋଧ କରି ନ ଥିଲି । ମୋର ଏହି ସର୍ବଶେଷ ଅନୁରୋଧକୁ କଣ ପ୍ରତ୍ୟାଖ୍ୟାନ କରିବ ?

ହଁ, ଆଉ ଏକ ଶ୍ରେଷ୍ଠ ଅନୁରୋଧ ରହିଲା, ଆମ ଭିତରେ ବିନିମୟ ହୋଇଥିବା ସମସ୍ତ ଚିଠିକୁ ଫେରାଇଦେବ । ତଥାପି, ଆମର ଅତୀତ ଜୀବନର ପ୍ରଣୟ ସଂପର୍କ କଥା କାହାରି ଆଗରେ ପ୍ରକାଶ କରିବ ନାହିଁ ।

ଏହାହିଁ ଆମ ଜୀବନରେ ଘଟିବାର ଥିଲା, ମାନସ ! ମଣିଷର ଭାବନା ବିଧିର ବିଧାନ ଆଗରେ ସବୁବେଳେ ହାରି ମାନେ । ଆମ ଜୀବନରେ ତାହାହିଁ ହେଲା ।

କମଳା—

ଅତି ସଂକ୍ଷେପରେ ସେ ଲେଖିଥିଲ, ଏ ଚିଠି ପାଇ ଅତିଶୀଘ୍ର ଚାଲିଆସିବ, ମାନସ ! ଏ ଜୀବନ ରହିବ କି ନାହିଁ ମୁଁ ଏବେ ସନ୍ଦେହରେ ପଡ଼ିଛି । ତୁମେ ହିଁ ତା'ର ସମାଧାନ କରିପାରିବ ।

କେବେ ଆସୁଛ ?

Digitized by PPRACHIN, SOA

ମନେରଖ, ମୁଁ ତୁମର ପଥକୁ ଚନ୍ଦାଘର ଗୃତକ ଘର ଲୁହିଁବସିଛି ।

କଣ ଲେଖିଛି ମମତା ??

ମାନସ ଅତ୍ୟଶୀଘ୍ର ପ୍ରଥମ ଚିଠି ଖୋଲିଲା ।

ମାନସ କଲିକତା ଆସିବାର ଅନେକ ଦିନ ପୂର୍ବରୁ ମମତା ଏଇ ପ୍ରଥମ ଚିଠି ଖଣ୍ଡିକ ଲେଖିଥିଲା । କିନ୍ତୁ କେମିତି କଣ ହେଲା କେଜାଣି, ତାହା ଉପଯୁକ୍ତ ସମୟରେ ମାନସର ହସ୍ତଗତ ହୋଇପାରିଲା ନାହିଁ । ଡାକ ବିଭାଗର ଗଣ୍ଡଗୋଳ ତ ବରାବର ଲାଗିରହିଛି । ଏମିତି କେତେ ଚିଠି କେଉଁଆଡ଼େ ଯାଉଛି ପୁଣି ଠିକ୍ ସମୟରେ ଉଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ପାରୁନାହିଁ, ତା'ର ହିସାବ ନାହିଁ ।

ମାନସ ଖୁବ୍ ଉତ୍କଣ୍ଠା ସହକାରେ ମମତାର ପତ୍ର ପାଠ କରିବାକୁ ଲାଗିଲା । ଠିକ୍ ସେହି ସମୟରେ ମମତାର ସ୍ନେହ-ସୋହାଗଭରା ମୁହଁଟି ମାନସର ମାନସ-ଚକ୍ଷୁରେ ଝଲସିଉଠୁଥିଲା ।

ମାନସର କପାଳ କୁଞ୍ଚିତ ହୋଇଯାଉଥିଲା । ତା'ର ଗଭୀର ଆଖି ଦୁଇଟା ବିସ୍ମୟଅଭିଭୂତ ହୋଇଉଠୁଥିଲା ।

ମମତା ଲେଖିଥିଲା—

Digitized by PPRACHIN, SOA

ହେ ମୋର ଜୀବନର ସୂର୍ଯ୍ୟ,

ତୁମକୁ ଦେଖିବ ବୋଲି ଆଶାୟୀ ଆଖି ଦ'ଟା ଫୁଟି-ଯାଉଛି ।

ତୁମେ କହିଥିଲ, ମୋର ବି.ଏ. ପରୀକ୍ଷା ନ ସରିବା ଯାଏ ଆସିବ ନାହିଁ ବୋଲି । ମୋର ପରୀକ୍ଷା ଶେଷ ହୋଇଛି ଓ ଶୁଣି ଖୁସି ହେବ ଯେ, ମୁଁ ପାସ୍ କରିଛି ।

ଏଥର ତୁମେ ତୁମ କଥା ରଖ । ଏ ଚିଠି ପାଇବାମାତ୍ରେ ବାଙ୍କୁଡ଼ା ଚାଲିଆସ ।

ଜାଣିଛ ମାନସ, ଏଥର ପ୍ରତିଦିନ ତୁମକୁ ସ୍ୱପ୍ନ ଦେଖୁଛି । ସେ ସ୍ୱପ୍ନର ମିଠା ମୂର୍ଚ୍ଛନାରେ ଭାଳେଇପଡ଼ୁଛି । ପାହାନ୍ତା ପହରର ସ୍ୱପ୍ନ କୁଆଡ଼େ ସତ ହୁଏ ! ତଥାପି ତମେ ଏ ପର୍ଯ୍ୟନ୍ତ ତ ଆସିନା !

ମୁଁ ପରା ସକାଳେ ବହୁତ ସମୟ ଧରି ଶୋଇପଡ଼ୁଛି, ଭାଉଜ ଆସି ଉଠାଇ ଦେଇ ପଚାରୁଛନ୍ତି, ମାନସକୁ ସ୍ୱପ୍ନ ଦେଖୁଥିଲଟି ? ସେ ଯେ କେମିତି ମୋ ମନ କଥା ବୁଝି-ପାରୁଛନ୍ତି, ସେକଥା ଭାବି ମୁଁ ତାଜୁବ ହୋଇପଡ଼ୁଛି ।

ଏ ଜୀବନରେ ଆଶା ଅଭିଳାଷ କିଛି ନାହିଁ । କାରଣ ତୁମ ଆଗରେ ସେ ଆଶା ଅଭିଳାଷର କିଛି ମାନେ ହୁଏନା । ସେ ସମସ୍ତ ନିତାନ୍ତ ତୁଚ୍ଛ ।

ଏଇନେ ବାଙ୍କୁଡ଼ା ସହର ଖୁବ୍ ସୁନ୍ଦର ଦେଖାଯାଉଛି, ମାନସ ! ଯଦି ଆକାଶର ଜହ୍ନ ଆଉ ତାରା ଆହୁରି ସୁନ୍ଦର ଦେଖାଯାଉଛନ୍ତି । ମୋର ମନେହୁଏ, ବାଙ୍କୁଡ଼ା ଆସିଲେ ତୁମେ ମଧ୍ୟ ଖୁସି ହେବ ।

Digitized by PPRACHIN, SOA

ପ୍ରତି ଦିନ ଏଥର ଖୁବ୍ ଲମ୍ବାଳିଆ ଜଣାପଡ଼ୁଛି, ମାନସ ! ଏ ପ୍ରତୀକ୍ଷାର ଦିନଗୁଡ଼ିକ କି ମାରାତ୍ମକ ! ପରୀକ୍ଷା-ବେଳେ ପୁଣି ଏ ଦିନ କେତେ ସ୍ୱଳ୍ପାୟୁ ଜଣା ପଡ଼ୁ ନ ଥିଲା !

ତୁମର ଉପସ୍ଥିତି ଏ ଦିବସକୁ ପୁଣି ଥରେ ସ୍ୱଳ୍ପାୟୁ କରୁ, ଏହାହିଁ କାମନା ।

ତୁମର ପୂଜାଛୁଟି ଆଉ କେତେ ଦିନ ରହିଲା ?

ହଁ, ଏଇମାତ୍ର ଶୁଣୁଛି, କଲିକତାରୁ ତୁମ ମାଆ ଆସି ପହଞ୍ଚିଛନ୍ତି । ସେ କଣ ତୁମର ଓ ମୋର ସମ୍ପର୍କ କଥା ଜାଣିନାହାନ୍ତି ?

ମୋତେ ଖୁବ୍ ଲାଜ ମାଡ଼ୁଛି, ମାନସ ! କେମିତି ଯାଇ ତାଙ୍କ ଆଗରେ ଛିଡ଼ା ହେବି, ସେହି କଥାହିଁ ଭାବୁଛି ।

ମୋ ମା' କହୁଛନ୍ତି, ଏଥର ଯେମିତି ହେଲେ ବିବାହ କାମଟା ଛିଡ଼ାଇଦେବେ ।

ମାନସ ! ତୁମକୁ ମୋ ରାଣ ରହିଲା । ଏ ଚିଠି ପାଇଲା-ମାତ୍ରକେ ଚାଲି ଆସିବ ।

ମମତାର ସଂକ୍ଷିପ୍ତ ଚିଠିଖଣ୍ଡିକ ଏଇଠି ଶେଷ ହୋଇଛି ।

ଚିଠିଖଣ୍ଡିକ ଆଉ କିଛି ନୁହେଁ, ମମତା ମନର ନଗ୍ନ ଭାବପ୍ରବଣତା । ସେ ଆଉ ସେ ନିଜ ଆୟତ୍ତରେ ନାହିଁ; ତାର ହାତଲେଖା ଚିଠି ଖଣ୍ଡିକ ତାର ପ୍ରମାଣ ଦେଉଛି । ତା ସକାଶେ ମମତାର କେତେ ଚିନ୍ତା !

କେବଳ ତାର ସଙ୍ଗରେ ସାକ୍ଷାତ କରିବ ବୋଲି ମମତା ନାରୀ ଜନୋଚିତ ଲଜ୍ଜା ଏବଂ ସମ୍ଭ୍ରମକୁ ବି ବଳିଦାନ କରିଦେଇଛି ।

Digitized by PPRACHIN, SOA

ମାନସ ଅନୁଭବ କଲା, ଶାଢ଼ିଖଣ୍ଡକ ଭିତରେ ମମତାର ସ୍ନେହ, ପ୍ରେମ ଓ ସୋହାଗ ଓତପ୍ରୋତ ଭାବରେ ଜଡ଼ିତ ନିରଭିମାନ ଅନୁରାଗ ସହିତ ଅବା ସମଗ୍ର ଶାଢ଼ିକୁ ବୁଡ଼ାଇ-ଦେଉଛି ।

ମମତା ଦିନ ପରେ ଦିନ ଚିନ୍ତା କରି ଏ ଶାଢ଼ିର ଭାବ ଓ ଭାଷାକୁ ରୂପାୟିତ କରିଛି । ରାତିର କେଉଁ ପ୍ରହରରେ ସେ ବସି ବସି ଶାଢ଼ିଟିକୁ ଶେଷ କରିଛି, କିଏ ଜାଣେ ?

କେବଳ ସେତିକି ନୁହେଁ, ଲଫାପା ଭିତରର ଲେଖା କାଗଜଟି ମଧ୍ୟ ସ୍ୱତନ୍ତ୍ର ଧରଣର । ଆକାଶର ଫିକାରଙ୍ଗର କାଗଜ ଉପରେ ଗୋଟ ଗୋଟ ଗୋଲ ଗୋଲ ହସ୍ତାକ୍ଷର ସବୁ ଗଣିହୋଇଯାଉଛି । ତା' ବ୍ୟତୀତ, ସେ କାଗଜରୁ କେମିତି ଏକ ମିଠାଲିଆ ଗନ୍ଧ ନିଃସୃତ ହେଉଛି ।

ଶାଢ଼ିଖଣ୍ଡକ ଗୋଟିଏ ନିଃଶ୍ୱାସରେ ପଢ଼ିନେଇସାରି, ମାନସ ଘଡ଼ିଏକାଳ ଗୁମ୍ ମାରି ବସିଗଲା ।

ମମତା ସହିତ ଅବା ତା'ର ସମସ୍ତ ଶାରୀରିକ ସୌନ୍ଦର୍ଯ୍ୟ, ମୋହଭରା ଯୌବନ ଓ ମତାଣିଆ ମନ ନେଇ ତା ଆଖି-ଆଗରେ ଛିଡ଼ା ହୋଇଛି । ତା'ର ସ୍ୱର୍ଣ୍ଣକାନ୍ତର ଅବୟବ-ଗୁଡ଼ିକ ଅସମ୍ଭବ ଭାବରେ ଅଙ୍ଗ ଥରି ଉଠୁଛି । କହୁଛି, ତୁମେ ମୋତେ ଭୁଲ୍ ବୁଝନା, ମାନସ ! ମୋତେ ଭୁଲିଯାଅନା । ଏ ଜୀବନ ଯୌବନ ହେ ତୁମରି ପଦତଳେ ନିବେଦିତ ।

ପରକ୍ଷଣରେ ମାନସର ମନେପଡ଼ିଗଲା ମାଆଙ୍କର କଥା ।

Digitized by PPRACHIN, SOA

ତେବେ କ'ଣ ମମତା ଏକ ଛଳନାମୟୀ ଅଭିନେତ୍ରୀ ମାତ୍ର ! ତା'ର କୁହୁକବୋଳା ଅଭିନୟରେ ସମସ୍ତଙ୍କୁ ଚମତ୍କୃତ କରିବାକୁ ଚାହେଁ ?

ଏ ପ୍ରକାର ଚିନ୍ତା ଆସିବା ଫଳରେ ମାନସ ହଠାତ୍ ଦ୍ୱନ୍ଦ୍ୱରେ ପଡ଼ିଗଲା । ମାଆର କଥା ଉପରେ ଅବିଶ୍ୱାସ କରି ଗୋଟିଏ ପରିଚିତା ରୂପସୀକୁ ବା' କେଉଁ ସାହସରେ ବିଶ୍ୱାସ କରିବ ?

କ'ଣ କରିବ ନ କରିବ, ସେଇ ଚିନ୍ତାରେ ମାନସ ନିଜ ମନର ଭାରସାମ୍ୟ ରକ୍ଷା କରି ପାରୁ ନ ଥିଲା ।

ହାତରେ ଥିବା ଜିଜ୍ଞାସୁ ଚିଠିଖଣ୍ଡିକ ମଧ୍ୟ ମମତାର ! ମନ ଭିତରେ ସମ୍ଭବ ଅସମ୍ଭବ ଅନେକ ପ୍ରଶ୍ନ ନେଇ ଦୋଦୋପାଞ୍ଚ ହୋଇ ମାନସ ଜିଜ୍ଞାସୁ ପତ୍ର ଖଣ୍ଡିକ ଫିଟାଇଲା ।

ମମତା ଲେଖିଥିଲା, ତୁମେ ଏ କଣ କଲ ମାନସ ? ତୁମର ଚିଠି ପଢ଼ି ମୁଁ ଭାବିପାରୁନି, ସତରେ ତୁମେ ଏ ଚିଠି ଲେଖିଛ ବୋଲି । ସତ କହୁଛି, ମାନସ, ଏ ଧରଣର ଚିଠି ତୁମ ପାଖରୁ କେବେହେଲେ ଆଶା କରି ନ ଥିଲି ।

ତୁମେ ଯାହା ଲେଖିଛ, ସେ କଥା କଣ ଏଇ ସାଦା କାଗଜ କଲମରେ ବୁଝାଇ ଲେଖିପାରିବ ? ସବୁଠୁ ଭଲ

Digitized by PPRACHIN, SOA

ହୃଅନ୍ତା, ଯଦି ତୁମେ ଥରଟିଏ ପାଇଁ କଷ୍ଟ କରି ଆମର ଏଇ ଗ୍ରେଟ୍ ସହରର ବାଙ୍କୁଡ଼ାକୁ ଚାଲିଆସନ୍ତ ।

ଇତିମଧ୍ୟରେ ହୁଏତ ତୁମେ ମୋ ବିରୁଦ୍ଧରେ ଅନେକ କଥା ଶୁଣିଥିବ । ସେହି ସବୁ କଥାକୁ ସତ ମଣି ତୁମେ ମୋ ପ୍ରତି ଏତେ ନିଷ୍ଠୁର ହୋଇଯାଇଛ ।

ତୁମେ ମୋ ଉପରେ ସନ୍ଦେହ ପ୍ରକାଶ କରିଛ, ଏକଥା ମୁଁ ବିଶ୍ୱାସ କରିପାରୁନି ମାନସ ! ସତ କହୁଛି, ଦୁନିଆ ତ ବଡ଼ କଥା, ମୋ ନିଜ ଉପରୁ ବି ମୋର ଆସ୍ଥା ତୁଟି-ଯାଉଛି ।

ସତ କୁହ, ମାନସ ! ତୁମେ ଯାହା ଲେଖିଯାଇଛ, ସେ କ'ଣ ତୁମର ମନର କଥା ? ତୁମେ କ'ଣ ଚାହଁ, ଆମର ଗୌରବମୟୁକ୍ତ ଅତୀତ କେବଳ ଏକ କଳଙ୍କିତ ସ୍ମୃତି ହୋଇ ରହୁ ?

ମୁଁ ତୁମକୁ କେବେହେଲେ ଅବିଶ୍ୱାସ କରିନାହିଁ । ତୁମକୁ ମୋର ହୃଦୟ ଆସନରେ ଅଧିଷ୍ଠିତ କରି ଦେବତା-ରୂପେ ପୂଜା କରିଆସିଛି । ସମସ୍ତେ କହନ୍ତି ଦେବପୂଜା ସୁଫଳଦାୟକ ବୋଲି । ତୁମେ ତୁମର ପୂଜାରିଣୀ ପ୍ରତି କ'ଣ ବିମୁଖ ହେଉଛ ?

ଏମିତି କି ଘଟଣା ଦେଖି ବିଚାର କରିନେଲ ଯେ ମୁଁ ତୁମକୁ ଚାହେଁନା ବୋଲି ? ବିଶ୍ୱାସ କର ମାନସ, ମୋର କୁମାରୀ ଜୀବନର ଆରାଧ୍ୟ ଦେବତା ତୁମେ । ତୁମ ବିନା ଏ ସଂସାରରେ ମୁଁ ବଞ୍ଚି ରହିପାରିବି ନାହିଁ ।

Digitized by PPRACHIN, SOA

ତୁମେ ଅଭିଯୋଗ ବାଢ଼ିଛ, ମୁଁ ତୁମକୁ ଚିଠି ଲେଖିନ ବୋଲି । କିନ୍ତୁ ଶପଥ କରି କହୁଛି, ତୁମକୁ ମୁଁ ଏହା ଆଗରୁ ନିଶ୍ଚୟ ଚିଠି ଲେଖିଛି । ଜାଣେନା, କେଉଁ ଅପଦେବତାର ଅଭିଶାପରୁ ତାହା ତୁମ ପାଖରେ ପହଞ୍ଚିପାରିନାହିଁ । ମୋର ଦୃଢ଼ ଧାରଣା, ନିଶ୍ଚୟ ଦିନେ ସେ ଚିଠିଟି ତୁମର ହସ୍ତଗତ ହେବ । ତା'ପରେ ସତ୍ୟର ମୁଖା ଫିଟିଯିବ । ତୁମେ ଆଉ ମୋତେ ଦୋଷ ଦେଇପାରିବ ନାହିଁ ।

ତୁମର ଚିଠି ପାଇବା ପରେ ମୋ ମନ ହାହାକାର କରିଉଠିଛି । ଭାବୁଛି, ମୋ ଜୀବନପାତ୍ର ହଠାତ୍ ଶୂନ୍ୟ ହୋଇଗଲା । ତୁମକୁ ନ ପାଇ ମଧ୍ୟ, ପାଇବାର ଆଶା ଅଭିଳାଷ ନେଇ ସେ ଉଚ୍ଛୁଳ ଉଠିଥିଲା । ଏବେ ମୋର ଚତୁର୍ଦ୍ଦିଗରେ ଏକ ବିରାଟ ଶୂନ୍ୟତା ଅନୁଭବ କରୁଛି ।

ତୁମେ ମୋତେ ଏତେ ଶୋଚମୀୟ ଅବସ୍ଥାରେ ଛାଡ଼ିଦେଇ ଚାଲିଯାଅନା, ମାନସ ! ତୁମେ ମୋର ଆତ୍ମସମର୍ପଣକୁ ଅସ୍ୱୀକାର କରନା । ବିନା କାରଣରେ, ବିନା ଦୋଷରେ, ତୁମର ଏ ଚରମ ପ୍ରତିଶୋଧ ମୋତେ ଦ୍ୱନ୍ଦ୍ୱର ଆବର୍ତ୍ତ ଭିତରେ ଚକାଭଉଁରି ଖେଳାଉଛି । ମୋତେ ଦୟା କର ।

ତୁମକୁ ନ ପାଇବାର ଆଶଙ୍କାରେ ମୁଁ ଭାବି ଭାବି ପାଗଳ ହୋଇଯିବି, ମାନସ ! କାରଣ ତୁମର ଚିଠି ପାଇବା ପରେ ପରେ, ତୁମରି କଥା ମୋର ବାରମ୍ବାର ମନେପଡୁଛି ।

ତୁମେ ତୁମର ଅତୀତ ଜୀବନର ନିଷ୍କଳଙ୍କ ତା କଥା ଲେଖିଛ । ଲେଖିଛ, ମୋର ଛଳନାର ପ୍ରେମ-ସମୁଦ୍ରରେ ତୁମର ଆତ୍ମବିଶ୍ୱାସର ନୌକାଟି ବୁଡ଼ିଗଲା ବୋଲି ।

Digitized by PPRACHIN, SOA

ଏ କି ପାଗଳାମି ତୁମର, ମାନସ ! ତୁମର ଅଜ୍ଞାତ ସଂପର୍କରେ ମୁଁ ତ କେବେହେଲେ କୌଣସି ପ୍ରଶ୍ନ ଉତ୍ଥାପନ କରିନାହିଁ । ମୁଁ ଆହୁର ଥରେ କହିରଖୁଛି ମାନସ, ଆମର ପ୍ରେମ ସମ୍ବନ୍ଧନ ନିଷ୍କଳଙ୍କ, ପବିତ୍ର ଥିଲା । ମୋର ତୁମ ଉପରେ ଥିବା ପୂର୍ବ ବିଶ୍ୱାସ ଅତୁଟ ରହିଛି । ସେ ବିଶ୍ୱାସକୁ ମୁଁ ମୋର ଚକ୍ଷୁର ଲୋତକ, ହୃଦୟର ମମତା ଓ ମନର ସୋହାଗ ଦେଇ ସଂପାଦି ରଖିଛି ।

ମୋର ସଂପୂର୍ଣ୍ଣ ବିଶ୍ୱାସ, ଆମ ଜୀବନର ବନ୍ଧନ ହୁଗୁଳି-ଯିବାର ନୁହେଁ କି ତୁଟିଯିବାର ନୁହେ ।

କିନ୍ତୁ ଶୁଣିଲେ ଆଶ୍ଚର୍ଯ୍ୟ ହେବ ମାନସ, ଆମ ଉଭୟଙ୍କର ସେହି ମମତାର ବନ୍ଧନକୁ ଛିନ୍ନବିଚ୍ଛିନ୍ନ କରିବାକୁ ଆମର ଚତୁଃପାର୍ଶ୍ୱରେ କେତେ ଚକ୍ରାନ୍ତର ଫାଶ ଖେଳା ହୋଇଛି । ତୁମକୁ ଏ ପତ୍ରରେ ସେ ସମସ୍ତ ସୂଚେଇଦେବାକୁ ଉଚିତ ମନେକରୁଛି ।

ଇତିମଧ୍ୟରେ ତୁମର ମାଆ ବାଙ୍କୁଡ଼ା ଆସିଥିଲେ । ମୋର ମାଆ ଭାବୁଥିଲେ, ସେ ନିଶ୍ଚୟ ଆମ ଘରକୁ ଆସିବେ । ତାଙ୍କ ସଙ୍ଗରେ ସାକ୍ଷାତ ହେଲେ ବିବାହ ସଂପର୍କରେ କଥାବାର୍ତ୍ତା କରିବାକୁ ତାଙ୍କର ଇଚ୍ଛା ଥିଲା ।

କିନ୍ତୁ ମାନସ, ତୁମର ମାଆ ବାଙ୍କୁଡ଼ା ଆସି ଆମ ଘରେ ମୁହଁମାରି ଗଲେ ନାହିଁ । ଅଥଚ ତୁମର ମାଉଁ ଘରଠୁ ଆମ ବସାଘର କେତେ ବା ଦୂର, ତୁମେ ତ ଜାଣ. ।

ଏ ଘଟଣା ପରେ ଆମ ପରିବାରର କାହାରି ମନ ଭଲ ରହିଲା ନାହିଁ ।

Digitized by PPRACHIN, SOA

ଦିନେ ମୁଁ ଏକାନ୍ତରେ ତୁମ ମାଆଙ୍କ ସଙ୍ଗରେ ସାକ୍ଷାତ କରିବାକୁ ଦମ୍ଭ ବାନ୍ଧିଲି । ସେହି ଆଶା ପୋଷଣ କରି ତୁମ ମାଙ୍କ ଘରପାଏ ମଧ୍ୟ ଗଲି । କିନ୍ତୁ ମାନସ, ଯେଠି ଯାହା ଘଟିଗଲା, ଜୀବନରେ ଦିନେ ଯେ ମୋ ଭାଗ୍ୟରେ ତାହା ଘଟିବ, ଏହା କେବେହେଲେ ଆଶା କରି ନ ଥିଲି ।

ତୁମ ମାଙ୍କ ଘର ଦାଣ୍ଡକବାଟ ଖୋଲା ଥିଲା । ମୁଁ ସବୁଦିନ ପରି କାହାକୁ କିଛି ନ କହି ନିଜ ହାତରେ ଦୁଆର ଫିଟାଇ ଘରଭିତରେ ପଶିଗଲି ।

ବାହାର ଖଟ ଉପରେ ବିଶ୍ରାମ ନେଉଥିଲେ ବିକ୍ରମବାବୁ ।

ତୁମ ମାଙ୍କର ଏଇ ଉଦ୍ଧତ ପୁଅଟି କଲିକତାରୁ ଆସିଛନ୍ତି ବୋଲି ଜାଣିଥିଲେ ମୁଁ କେବେହେଲେ ତାଙ୍କର ଦୁଆର ମାଡ଼ି ନ ଥାନ୍ତି ।

ବିକ୍ରମବାବୁଙ୍କର ଚରିତ୍ର ବୋଧହୁଏ ତୁମ ପାଖରେ ଅଜ୍ଞାତ ନୁହେଁ । ତଥାପି ଏତିକି କହିଲେ ଯଥେଷ୍ଟ ହେବ ଯେ, ଆମ ସାହିରେ ମୋ'ପରି ଅବିବାହିତା କନ୍ୟାମାନେ ତାଙ୍କୁ ଖୁବ୍ ଇତର ଦୃଷ୍ଟିରେ ଦେଖନ୍ତି । ସେ ବହୁତ ମଦ ଖାଆନ୍ତି ଓ ଦୁଷ୍ଟ ସାଥୀମେଳରେ ଦିବସ ଅତିବାହିତ କରନ୍ତି ।

ଗଲା ପୂଜାଛୁଟିରେ ତୁମେ ଘିନା ଆସିଲ ନାହିଁ, କିନ୍ତୁ କାଳେ ଆସିଥିବ ବୋଲି ମନ ଭିତରଟା ଛଟପଟ ହେଉଥିଲା । ତୁମର ଆସିବା କଥା ବୁଝିପିବି ବୋଲି, ତୁମ ମାଙ୍କ ପାଖକୁ ଧାଇଁଯାଇଥିଲି ।

କି ଅଶୁଭ ବେଳାରେ ସକାଳ ପାହିଥିଲା କେଜାଣି, ଦାଣ୍ଡଘରେ ବିକ୍ରମବାବୁଙ୍କ ସଙ୍ଗରେ ଦେଖାହେଲା ।

Digitized by PPRACHIN, SOA

ସେ ଅତି ନର୍ଲଜ୍ଜ ଆଖିରେ ମୋତେ ଅନାଇ ରହିଥିଲେ । ଉପରେ ପଡ଼ି ମନ୍ତବ୍ୟ ଦେଲେ, 'ତୁମର କଥା ମାଆ ମୋତେ କହୁଥିଲା, ମମତା ! ତୁମକୁ ଭଲକରି ଦେଖି ନ ଥିଲି ବୋଲି ବିବାହ ପାଇଁ ମନା କରିଦେଲି । ଆଜି ଦେଖୁଛି, ତୁମେ ସତରେ ଖୁବ୍ ସୁନ୍ଦର ! ତୁମର ବଡ଼ କନ୍‌ଷ୍ଟ୍ରକ୍‌ସନ୍‌ଟା ବଡ଼ ଲୋଭନୀୟ । ତୁମର ରୂପଯୌବନରେ ଚମକ ଅଛି । ସତରେ ମମତା, ମୁଁ ତୁମର ପ୍ରେମରେ ପଡ଼ିଯାଇଛି ।'

ଏଇଆ କହି ସେ ତାଙ୍କର ଅଶ୍ଳୀଳ ଆଖିରେ ମୋତେ ଅନାଉ ଅନାଉ ହଠାତ୍ ଆସି ବାହୁମୂଳକୁ ଆକର୍ଷଣ କରିନେଲେ ।

ଶିକ୍ଷିତ ହୋଇ ମଧ୍ୟ ମଣିଷ ଯେ ଏତେ ହୀନ ଓ ବର୍ବର ହୋଇପାରେ ତା'ର ସାକ୍ଷାତ ପ୍ରମାଣ ଏଇ ବିକ୍ରମ ।

ମୁଁ ଘୃଣିତ ହୋଇ ସେ ଘରୁ ବାହାରିଆସିଲି ।

କିନ୍ତୁ ବିକ୍ରମ ସେମିତି ଅସଭ୍ୟଙ୍କ ପରି କୁଟିଳ ହସ ହସୁହସୁ କହିଲେ, 'ମନେରଖ ମମି, ତୁମେ ହିଁ ହେବ ମୋର ଶଯ୍ୟାସଙ୍ଗିନୀ । ଏହା ମୋର ଦୃଢ଼ ପ୍ରତିଜ୍ଞା !'

ଆଜି ସେହିଦିନ—

ଠିକ୍ ପୂର୍ବ ଘଟଣାର ପୁନରାବୃତ୍ତି ଘଟିଥିଲା । ଯିଏ ମଦନଶା ପାଖରେ ନିଜକୁ ଗୋଟାପଣେ ସମର୍ପଣ କରି-ଦେଇଛି, ତା' ଭିତରେ ବ୍ୟକ୍ତିତ୍ୱ କ'ଣ ତିଷ୍ଠି ରହିପାରେ ?

ମଦ୍ୟପଙ୍କ ପ୍ରସଙ୍ଗରେ ଅନେକ କିଛି ଶୁଣିଥିଲି ମାତ୍ର । କିନ୍ତୁ ବିକ୍ରମ ପାଖରୁ ପ୍ରତ୍ୟକ୍ଷ ପ୍ରମାଣ ଲାଭ କଲି ।

Digitized by PPRACHIN, SOA

ବହ୍ମମ ବୋଧହୁଏ ସେଦିନ ସବୁଠୁ ଅତ୍ୟଧିକ ମଦ୍ୟପାନ କରିଥିଲା । ମୋତେ ଦେଖିବାମାତ୍ରେ ସିଂହ ପରି ଖାମ ଗର୍ଜନ କରି ମୋ ଉପରେ କୁଦିପଡ଼ିଲା । ସେ ବଳତ୍କାର ପ୍ରୟୋଗ କରି ମୋତେ ତା'ର ଉଦ୍ଧତ ମୁଷ୍ଟିରେ ଭିଡ଼ି ରଖିଲା । ମୋର ଅସହାୟ ଅବସ୍ଥାର ସେ ସଂପୂର୍ଣ୍ଣ ଉପଯୋଗ କରିବ ବୋଲି ମନସ୍ଥ କରିଥିଲା ବୋଧହୁଏ ।

ଘରେ ତୁମର ମାଆ ନ ଥିଲେ କି ମାଈଁ ନ ଥିଲେ ।

ମୁଁ ଉଚ୍ଚକଣ୍ଠରେ ଡାକପକାଇଲି ।

କିନ୍ତୁ ମୋ ଡାକର ପ୍ରତିଧ୍ୱନିହିଁ ମୋପାଖକୁ ଫେରି- ଆସିଲା ।

ମୋର କଣ୍ଠରୋଧ ହେଲା । ସମଗ୍ର ଶରୀର ପ୍ରକମ୍ପିତ ହେଲା । ମୁଁ ମନେ ମନେ ସେହି ଅଦୃଶ୍ୟ ଭଗବାନଙ୍କୁ ଡାକ ଜଣାଇଲି, 'ମୋତେ ରକ୍ଷାକର ଭଗବାନ ! ମୁଁ ନିରାଶ୍ରୟା ।'

ଠିକ୍ ଏତିକିବେଳେ ବହ୍ମମ ମୋର ମୁହଁ ପାଖକୁ ହାତ ନେଇ ମୋର କଣ୍ଠରୋଧ କରିବାକୁ ଚେଷ୍ଟା କରୁଥିଲା । ମୁଁ ଶରୀରର ସମସ୍ତ ଶକ୍ତି ଏକତ୍ରିତ କରି ମନର ସମସ୍ତ ଦମ୍ଭ ଏକାଠି କରି, ବହ୍ମମର ପ୍ରସାରିତ ହାତକୁ କାମୁଡ଼ି ଧରିଲି ।

ମଦ୍ୟପ ବହ୍ମମ ନିରୁପାୟ ହୋଇ ମୋତେ ଛାଡ଼ିଦେଲା ।

କିନ୍ତୁ ଦୁର୍ଯୋଗ ଏତିକିରେ ଶେଷ ହେଲା ନାହିଁ, ମାନସ ! ମୁଁ ବହ୍ମମର ଫାଶରୁ ମୁକ୍ତ ହୋଇ ପଳାଇଯିବାକୁ ଉଦ୍ୟମ କରୁଛି, କବାଟ ପାଖରେ ତୁମର ମାଈଁ ଓ ମାଆଙ୍କ ହାବୁଡ଼ରେ ପଡ଼ିଲି ।

Digitized by PPRACHIN, SOA

ମୋତେ ସେହି ବିପର୍ଯ୍ୟସ୍ତ ଅବସ୍ଥାରେ ଦେଖି, ତୁମର ମାଈଁ ବିନୟମକୁ ସତର୍କ ନ କରି ମୋତେ ହିଁ କଟମଟ କରି ଚାହିଁଲେ । ତା'ପରେ କହିଲେ, 'ଭଦ୍ରଘରେ ତୋର ଏଭଳି ଅଭଦ୍ର ବ୍ୟବହାର ଶୋଭା ପାଏନା, ମମତା ! ସଂଯତ ହେବାକୁ ଚେଷ୍ଟା କର ।'

ଏ ସବୁ ମୋର ଅଙ୍ଗନଷ୍ଟ କଥା ତୁମର ଆଗରେ ପ୍ରକାଶ କଲି । ଏହା ଆଗରୁ ଆଉ କାହାକୁ ହେଲେ ସାହସ କରି କହି ନ ଥିଲି । କାରଣ, ଆମେ ନାରୀମାନେ ଏମିତି କଥା ଅନ୍ୟ କାହାରି ଆଗରେ ପ୍ରକାଶ କରିବାକୁ ସାହସ କରୁଁନା । କିନ୍ତୁ ତୁମେ ତ ଅନ୍ୟ ପୁରୁଷ ନୁହ ! ତୁମ ଆଗରେ ଏତେବଡ଼ କଥାଟା ଲୁଚାଇ ରଖିଥାନ୍ତି କେମିତି ? ତା ବ୍ୟତୀତ, ତୁମ ଓ ମୋ ମଧ୍ୟରେ କିଛି ଗୋପନୀୟତା ରହିବା ଅର୍ଥ, ଆମ ଭିତରେ ବ୍ୟବଧାନ ସୃଷ୍ଟି ହେବା ।

ମୁଁ ଜାଣିପାରୁଛି, ଏଇ ଘଟଣା ପରେ ତୁମ ମାଈଁ ତୁମ ମାଆଙ୍କ ଆଗରେ ମୋ ବିରୁଦ୍ଧରେ ଅନେକ କିଛି କହିଥିବେ ।

ତୁମ ମାଆ ମୋର ବିଷୟରେ ବୋଧହୁଏ ଏକ ଭ୍ରାନ୍ତ ଧାରଣା ନେଇ ବାଙ୍କୁଡ଼ାରୁ ଫେରିଗଲେ ।

କିନ୍ତୁ ମଜାର କଥା ହେଲା, ତୁମର ମାଆ ଫେରିଯିବା ପରେ ପରେ, ତୁମର ମାଈଁ ତାଙ୍କର ଯୋଗ୍ୟପୁତ୍ର ବିନୟ ସଙ୍ଗରେ ମୋ'ର ବିବାହ ପ୍ରସ୍ତାବ ବାଢ଼ିବାକୁ ମୋ ମାଆଙ୍କୁ ଦେଖାକଲେ । ମାଆ ହଁ କି ନାହିଁ କିଛି କହିବା ପୂର୍ବରୁ,

Digitized by PPRACHIN, SOA

ମୁଁ ନିଜେ ସେହି ପ୍ରସ୍ତାବକୁ ଶେଷଟୋକ୍ ମନା କରିଦେଲି । ମାଈଁ ତୁମର ମୁହଁ ଫୁଲାଇ ଫେରିଗଲେ ।

ମୁଁ ତୁମ ମାଈଁଙ୍କର ମୁହଁଫୁଲାକୁ ଖାତର୍ କରିନାହିଁ, ମାନସ ! ସେ ଯେ ମୋ ବିରୁଦ୍ଧରେ ଅପପ୍ରଚାର ଆରମ୍ଭ କରିଦେବେ, ସେକଥା ମଧ୍ୟ ବୁଝିଛି । କିନ୍ତୁ ସେଥିଲାଗି ମୋର ବ୍ୟସ୍ତତା ନାହିଁ । ମୁଁ ଜାଣେ, ମୋ ମନ ଆଉ ଦେହ ନିଷ୍ପାପ, ପବିତ୍ର ଥିବା ପର୍ଯ୍ୟନ୍ତ କେହି ମୋର ଅନିଷ୍ଟ କରିପାରିବେ ନାହିଁ । ଦିନେ ନା ଦିନେ ସତ୍ୟର ସ୍ୱରୂପ ପ୍ରକାଶିତ ହେବ ।

କିନ୍ତୁ ମାନସ, ତୁମର ଅନୁପସ୍ଥିତି ମୋ ପକ୍ଷରେ ଏକାନ୍ତ ଅସହ୍ୟ । କାହାକୁ ଭରସା କରି ମୁଁ କାଳ କାଟିବି, କହିଲ ?

ସତ କହୁଛି ମାନସ, ଏଇ ସପ୍ତାହକ ଭିତରେ ତୁମର ଦର୍ଶନ ନ ପାଇଲେ ମୁଁ ପ୍ରାଣ ହାରିଦେବି ।

କାନ୍ଦିବାକୁ ମୋ ଆଖିରେ ଆଉ ଲୁହ ନାହିଁ । ଧୈର୍ଯ୍ୟର ବନ୍ଧନୀ ବି ଭାଙ୍ଗିଯାଇଛି । ସମସ୍ତ ସହ୍ୟଶକ୍ତି ହରାଇବସିଛି । ଏଥର ଆଉ ସମ୍ଭାଳି ପାରୁନାହିଁ ।

ଯଦି ତୁମେ ମୋର ମୃତ୍ୟୁ କାମନା କରୁଥାଅ, ତାହାହେଲେ ଆସିବ ନାହିଁ ।

Digitized by PPRACHIN, SOA

ମମତାର ପତ୍ର ପାଠ ପରେ ମାନସର ମାନସିକ ପରିସ୍ଥିତି ଏକାବେଳକେ ବଦଳିଗଲା ।

ଶୁଭଶ୍ରୀ ଆଉ ମାଳତୀ ଦେବୀଙ୍କ ପାଇଁ ସିନେମା ଟିକଟ ଆଣିଯିବାକୁ ଆଉ ଇଚ୍ଛା ବଳିଲା ନାହିଁ ମାନସର ।

ମମତାର ସେହି ଆନ୍ତରିକତାଭରା ପତ୍ର ଦୁଇଟିକୁ ସେ ଆଉଥରେ ମନ ଲଗାଇ ନୀରବରେ ପଢ଼ିନେଲା । ସେ ଚିଠି ଦୁଇଟିରେ ଛଳନାର ଗନ୍ଧ ସୁଦ୍ଧା ନାହିଁ । ଅତି ପରିଷ୍କାର ଭାବରେ ନିଜ ହୃଦୟକୁ ମମତା ତା' ଚିଠି ମାଧ୍ୟମରେ ପ୍ରକାଶ କରିଦେଇଛି ।

ଆହା ମମତା ! କେତେ ଦୁଃଖରେ ସେ କାଳ କାଟୁ ନ ଥିବ ସତରେ ! ଅଶ୍ରୁବିଗଳିତ ନେତ୍ରରେ ସେ ତା'ର ପଥକୁ ଅନାଇ ବସିଥିବ । ତା'ର ଚିରଚଞ୍ଚଳ ପଦଯୁଗଳ ଚଳତ୍‌ଶକ୍ତିବିହୀନ ହୋଇପଡ଼ିଥିବ । ଆଶା ନିରାଶାରେ ସେ ଦୀର୍ଘଶ୍ୱାସ ନିକ୍ଷେପ କରୁଥିବ ।

ମମତାର ଏହି ଦୁର୍ଯୋଗ ସମୟରେ ଦି'ପଦ ସାନ୍ତ୍ୱନା ଦେବାକୁ ପାଖରେ କେହି ନ ଥିବେ । ଘାଇ ସ୍ୱଜନ ହୁଏତ ତାକୁ ଅବିଶ୍ୱାସ ଆଖିରେ ଚାହିଁବା ଆରମ୍ଭ କରି- ଦେଇଥିବେ । ମାଣ୍ଡିଙ୍କର ଅପପ୍ରଶ୍ନର ଶୁଣି ମନେ କରୁଥିବେ, ମମତାଟା ନଷ୍ଟ ହୋଇଗଲା । ଏତେ ପାଠ ପଢ଼ି ଶେଷକୁ ଏଇଆ ହେଲା ? ବୁଢ଼ୀମାଆର ମନ ଲଜ୍ଜା ଓ ସଙ୍କୋଚରେ ବିପର୍ଯ୍ୟସ୍ତ ହୋଇଯାଉଥିବ । ସେ ନିଜ କର୍ମକୁ ଦୋଷ ଦେବେ କି ଜନ୍ମକଲା ଝିଅକୁ ଦୋଷ ଦେବେ ସ୍ଥିର କରି ନ ପାରି ଆକାଶକୁ ଚାହିଁ ବସିଥିବେ ।

Digitized by PPRACHIN, SOA

ପରିବାରକର୍ତ୍ତ୍ରୀଙ୍କ ଭର୍ତ୍ସିତା ହୋଇ ମମତା ଅବଶେଷରେ ଆତ୍ମବଳ କଥା ବଖାଣୁଛି ।

ଭୀତ ଚକିତ କଣ୍ଠରେ ମାନସ ମନକୁ ମନ ପ୍ରଶ୍ନ କଲା, ତା'ର କର୍ତ୍ତବ୍ୟ କ'ଣ ?

ଠିକ୍ ଏତିକିବେଳେ ମାନସର ମାଆ ମାନସ ପାଖକୁ ଆସି ଦଣ୍ଡାୟମାନ ହେଲେ । ହାତରେ ଥିଲା ଦୁଇଖଣ୍ଡ ଜାତକପତ୍ର । ସେ ଉଲ୍ଲସିତ କଣ୍ଠରେ ପ୍ରକାଶ କଲେ, 'ତୋର ଆଜି ଶୁଭଶ୍ରୀର ଜାତକ ଅଦ୍ଭୁତ ଭାବରେ ମିଳିଯାଇଛି । ଏଇ ମାତ୍ର ଜ୍ୟୋତିଷ ଆସି ଗଣନାପତ୍ର ଦେଇଗଲେ । ଆସନ୍ତା ନଭେମ୍ବର ଡିସେମ୍ବରରେ ବିବାହ ଯୋଗ ଅଛି ବୋଲି କହୁଛନ୍ତି । ତୁ ଯଦି ରାଜି ହଉ.........'

ମାଆଙ୍କର କଥା ଶୁଣି ମାନସ ସତରେ କାନ୍ଦିପକାଇଲା । ସେ ଅତି ଗୋପନରେ ଆଖିର ଲୁହଧାରକୁ ପୋଛି-ନେଲାବେଳେ ମାଆଙ୍କ ପାଖରେ ଧରା ପଡ଼ିଗଲା ।

ମାଆ ମାନସକୁ ଅଳିଅଳି ଶିଶୁ ପରି ଛାତିପାଖକୁ ଭିଡ଼ିନେଇ କହିଲେ, 'ମୋ ମୁଣ୍ଡ ଖାଇବୁ ରେ ମାନସ ! ସତ କହ, ତୋର କ'ଣ ହୋଇଛି ?'

ମାନସ ମାଆଙ୍କ ପ୍ରଶ୍ନର ଉତ୍ତର ନ ଦେଇ ନୀରବରେ ମମତାର ହସ୍ତାକ୍ଷରଯୁକ୍ତ ଚିଠିଖଣ୍ଡିକ ତାଙ୍କ ହାତକୁ ବଢ଼ାଇ-ଦେଲା ।

ସେ ଚିଠି ପଢ଼ିବା ପରେ ମାଆ ମାନସର ମନର କଥା ବୁଝିଗଲେ । ମାଆ ମନ ତାଙ୍କର ତରଳିଗଲା । ସେ ମାନସକୁ

Digitized by PPRACHIN, SOA

ଆଶ୍ୱାସନା ଦେବାଛଳରେ ପ୍ରକାଶ କଲେ,' ତୁ କହୁ ଘରବୁ ନାହିଁ ରେ ମାନସ ! ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୋ ଆଖିରେ ଲୁହ ଦେଖିପାରିବ ନାହିଁ । ତୋ ମାଈଁ ମନରେ ଯେ ଏତେ କପଟ ଭରିଛି, ମୁଁ ପୋଡ଼ାମୁହାଁ ସେକଥା ବୁଝିପାରିଲି ନାହିଁ । ମମତାକୁ ପଦେ ପଚାରିଦେଇଥିଲେ କଥା ଛିଣ୍ଡି-ଯାଇଥାନ୍ତା । ଏଇ ସାଧାରଣ ଅକଲ ଟିକକ ମୋ ମୁଣ୍ଡରେ ଜୁଟିଲା ନାହିଁ ।

ଏତେ ଦିନର ଅବୁଝା ଇତିହାସ ପଲକ ଭିତରେ ହିବାଲୋକ ପରି ସ୍ପଷ୍ଟ ହୋଇଗଲା ।

ତାପସ ଆଉ ତପସ୍ୱିନୀ ଆସି ଭାଇ ଆଗରେ ଛିଡ଼ା ହେଲେ । ସେମାନେ ସିନେମା ଟିକଟ୍ ଆଣିଯିବାକୁ ଅଡ଼ିବସିଲେ ।

ମାଆ ହସି ହସି ପ୍ରଶ୍ନ କଲେ, 'ଆଚ୍ଛା, ମାମୁଁଘର ଗାଁକୁ ଯିବ ନାଁ ସିନେମା ଯିବ ଯେ ?'

ମାମୁଁଘରକୁ ଯିବା କଥା ଶୁଣି ତାପସ ଓ ତପସ୍ୱିନୀ ଆନନ୍ଦରେ କହାଟ ଛାଡ଼ିବାକୁ ଲାଗିଲେ । ସବୁକଥା ଗୋଟିଏ ମୁହୂର୍ତ୍ତରେ ବଦଳିଗଲା । ସଙ୍ଗେ ସଙ୍ଗେ ବାଙ୍କୁଡ଼ା ଯାତ୍ରା ପାଇଁ ସମସ୍ତେ ପ୍ରସ୍ତୁତ ହୋଇଗଲେ ।

ମାନସ ଗୋଟିଏ ଚମଡ଼ା ସୁଟ୍‌କେସ୍ ଭିତରେ ନିଜର ପୋଷାକପତ୍ର ସଜାଉଛି, ମାଆ ଆସି ଖବର ଦେଲେ, "ବାପାଙ୍କୁ ତୋର ଟେଲିଗ୍ରାମ୍ କରିଦେବୁ ରେ ମାନସ, ସେ କଲିକତା ନ ଆସି ବାଙ୍କୁଡ଼ା ଯିବେ ।'

Digitized by PPRACHIN, SOA

ମାନସ ନୂତନ ମନ, ନୂତନ କାମନା ଭିତରେ ନୂଆ ମଣିଷଟିଏ ପାଲଟିଯାଇଥିଲା ।

ଅନେକ ଦିନର ବ୍ୟବଧାନ ପରେ ମମତାକୁ ସେ ନୂଆ ଦୃଷ୍ଟିକୋଣରୁ ବିଚାର କରିବାକୁ ଇଚ୍ଛା କଲା । ତା'ର ମନେହେଲା, ଏତେବଡ଼ ପୃଥିବୀରେ ମମତାହିଁ ଏକମାତ୍ର ତରୁଣୀ, ଯିଏ ତା'ର ମନକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଛି । ମମତା ସଙ୍ଗରେ ସାକ୍ଷାତ୍ ଏବଂ ପରିଚୟ ହୋଇ ନ ଥିଲେ ଇହଜନ୍ମର ଇଚ୍ଛାସତ୍ତା ଏକାବେଳକେ ନିରର୍ଥକ ଓ ଶୂନ୍ୟ ହୋଇଯାଇଥାନ୍ତା ।

ସମ୍ଭବତଃ ମମତା ଯୋଗୁ ତା କଥାରେ କବିତ୍ୱର ଝଙ୍କାର ଦେଖାଗଲା ।

ମାନସର ମାଆ ମାନସର ମନର କଥା ବୁଝି ଖୁସି ହେଲେ । ତାଙ୍କ ମନରେ ବି ଆନନ୍ଦର ଜୁଆର ଦେଖାଦେଲା ।

ମମତା ସଙ୍ଗରେ ସମ୍ପର୍କ ସ୍ଥାପନ ବେଳର ସେହି ସୁରଭିତ ସ୍ମୃତିସବୁ ମାନସର ହଠାତ୍ ମନେପଡ଼ି ତାକୁ ବ୍ୟସ୍ତଚକିତ କରିଦେଲା ।

ଇତ୍ୟବସରରେ ମାନସର ମାଆ ନିଜେ ଯାଇ ଶୁଭଶ୍ରୀ ଘରେ ସବୁକଥା ବୁଝାଇ କହିଦେଲେ । ସେମାନେ ମଧ୍ୟ ମାନସର ସିଦ୍ଧାନ୍ତକୁ ପସନ୍ଦ କରୁଥିବା ଜଣାପଡ଼ିଲା ।

Digitized by PPRACHIN, SOA

ମାନସ ନୂତନ ମନ ନେଇ ତା'ର ମାଆ ସଙ୍ଗରେ ବାଙ୍କୁଡ଼ା ଯିବାର ବନ୍ଦୋବସ୍ତ କଲା ।

ମାନସର ଦର୍ଶନାଭିଳାଷୀ ମନ ଭିତରେ ହଠାତ୍ ଆସି ଦେଖାଦେଲା ଏକଲାସ୍ୟ ଓ ହାସ୍ୟମୟୀ ନାରୀମୂର୍ତ୍ତି, ଯାହାର ମନ ଆକାଶ ପରି ପ୍ରଶାନ୍ତ, ହୃଦୟ ସାଗର ପରି ଗଭୀର ଓ ଯୌବନ ଅନନ୍ୟସାଧାରଣ । ସେହି ନାରୀମୂର୍ତ୍ତିଟି ତାକୁ ତା'ର ନବଯୌବନ, ନୂତନ ରୂପ ଓ ନୂତନ ଲାସ୍ୟ ମାଧ୍ୟମରେ ବାରମ୍ବାର ଆହ୍ୱାନ କରିବାକୁ ଲାଗିଲା ।

ସେହି ଅସ୍ପଷ୍ଟ ନାରୀମୂର୍ତ୍ତିଟି ଥିଲା ମମତା ।

ଆଜ ମାନସର ହୃଦ୍‌ବୋଧ ହେଲା ଯେ, ସେ ମମତାକୁ ଭୁଲିଯିବା ପରି ଯେଉଁ ଅଭିନୟ କରିଆସୁଥିଲା, ତାହା ଆତ୍ମପ୍ରବଞ୍ଚନା ବ୍ୟତୀତ ଆଉ କିଛି ନୁହେଁ । ଯଦି ସେ ଉର୍ମିଳା, ସଙ୍ଗୀତା ଅଥବା ରୂପାଞ୍ଜଳିକୁ କେବେ ବିବାହ କରିଥାନ୍ତା, ତାହାହେଲେ ତାର ମାନସିକ ଅଶାନ୍ତି ବହୁଗୁଣିତ ହୋଇଥାନ୍ତା ସିନା, କମ୍ ହୋଇ ନ ଥାନ୍ତା । ସମଗ୍ର ଜୀବନଟା ତା'ର ଏକ ଅଭିନୟରେ ପରିଣତ ହୋଇଯାଇଥାନ୍ତା ।

ମାନସ ନୀରବ ରହି ଯାତ୍ରାପଥର ଅଧିକାଂଶ ସମୟ ଅତିବାହିତ କଲା । କାରଣ, କେବଳ ମମତାର କଥା ଚିନ୍ତା କରି କରି ସେ କଳ୍ପନାର ଏକ ସ୍ୱପ୍ନପୁରୀରେ ପହଞ୍ଚିଯାଇଥିଲା । ସେହି ସ୍ୱପ୍ନପୁରୀରେ ସେ ନାୟିକା ମମତାର ବସନାଞ୍ଚଳ ଧରି ପ୍ରକୃତିର ଶରି ସୁନ୍ଦର ରୂପ ଆହରଣ କରୁଥିଲା ।

ତାପସ ଓ ତପସ୍ୱିନୀ କଥା ମାନି କଲିକତାରେ ରହିଗଲେ । ସେହି ଦୃଷ୍ଟିରୁ ଯାତ୍ରାପଥ ଶାନ୍ତ ଥିଲା ।

Digitized by PPRACHIN, SOA

କେବଳ ମାଆ ମଝିରେ ମଝିରେ ଷ୍ଟେସନର ନାଁ କମ୍ବା ଦୂରତା କଥା ପଚାରି ମାନସର ଧ୍ୟାନ ଭଗ୍ନ କରିଦେଉଥିଲେ । ସେ ସାମାନ୍ୟ ଶବ୍ଦ କେଇଟି ବ୍ୟବହାର କରି ସେ ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ପ୍ରକାଶ କରୁଥିଲା ।

ମଝିରେ ଖଡ୍ଗପୁରରେ ଗାଡ଼ି ବଦଳି । ପରବର୍ତ୍ତୀ ଗାଡ଼ିପାଇଁ ଯେଉଁ କେତେ ସମୟ ଅପେକ୍ଷା କରିବାକୁ ପଡ଼ିଲା, ମାନସ ତା'ର ଭିତରେ ଖୁବ୍ ଅସ୍ଥିର ହୋଇ-ପଡ଼ିଥିଲା । ପ୍ଲାଟ୍‌ଫର୍ମର ଜନକୋଳାହଳ, ଯାତ୍ରୀ-ଉଦ୍ୟତ ଯାତ୍ରୀବର୍ଗଙ୍କର ଯାତାୟାତ, କୁଲି ହକର୍‌ମାନଙ୍କ ଚିତ୍କାର ତାକୁ ଆହୁରି ବିବ୍ରତ କରିପକାଉଥିଲେ ।

ମମତା ସଙ୍ଗେ ସାକ୍ଷାତ କରିବା ପ୍ରସଙ୍ଗହିଁ ତା ସମ୍ମୁଖରେ ମୁଖ୍ୟ ହୋଇ ଦେଖାଗଲା । ଗଲା ଅଖିତର ଟୁକୁରା ଟୁକୁରା ସ୍ମୃତିକୁ ସେ ଅତି ଚତୁର ସହିତ ଗୋଟାଇ ତାକୁ ପୁଣି ଏକାଠି କରୁଥିଲା ଓ ସେହି ସ୍ମୃତି ଭିତରେ ନିଜର ଅସ୍ତିତ୍ୱକୁ ଆଗ୍ରହ ପୂର୍ଣ୍ଣ ଆଖିରେ ଖୋଜି ହେଉଥିଲା ।

ହୁଏତ ବାଙ୍କୁଡ଼ାରେ ହଠାତ୍ ଯାଇ ପହଞ୍ଚିଗଲେ ମମତା ଘରର ସବୁଲୋକ ବିସ୍ମୟରେ ଫାଟିପଡ଼ିବେ । ଜଣେ ଯାଇ ମମତା କାନରେ ଫିସ୍ ଫିସ୍ କରି କହିବ, 'ଜାଣୁ, ମମତା ! ମାନସବାବୁଙ୍କର ମାଆ ପୁଣି ଥରେ ବାଙ୍କୁଡ଼ା ଆସିଛନ୍ତି । ମାନସବାବୁ ମଧ୍ୟ ତାଙ୍କର ସଙ୍ଗରେ ଆସିଛନ୍ତି !'

ମମତା ସେ କଥା ଶୁଣି ସହଜରେ ବିଶ୍ୱାସ କରିପାରିବ ନାହିଁ । ସେ ସହସ୍ର ସନ୍ଦେହଭରା ଆଖିରେ ସମ୍ବାଦଦାତାଙ୍କୁ ମିଟି ମିଟି କରି ଚାହିଁବ ।

Digitized by PPRACHIN, SOA

ସମ୍ବାଦଦାତା ମମତାର ମନର କଥା ବୁଝିପାରି କଥାରେ ଜୋର ଦେଇ କହିବେ, 'ସତେଲୋ ମମତା ! ସତରେ ସେମାନେ ଆସିଛନ୍ତି, ଦେଖିବୁନାହିଁ !'

ମମତା ଦୋ ଦୋ ପାଞ୍ଚ ହୋଇ ପିନ୍ଧା ଲୁଗା ପଣତକୁ ଦେହ ଉପରେ ସଜ କରିନେଇ ଓଠ ଚୁପି ଚୁପି ଦାଣ୍ଡ ଘରକୁ ଆସିବ । ତା'ପରେ ଦେଖି ମଧ୍ୟ ନ ଦେଖିଲା ପରି ଆସ୍ତେ ଆସ୍ତେ କରେଇ ଚାହିଁବ ।

ଆଜ ଯଦି ମମତା ଆଖି ସଙ୍ଗରେ ତା'ର ଆଖିର ମିଳନ ହୋଇଯାଏ......?

ମାନସର ଭାବନା ମାଆଙ୍କ କଥା ଶୁଣି ଅଟକିଗଲା । ମାଆ କହୁଥିଲେ 'ବାଙ୍କୁଡ଼ା ଆସିଗଲା ପରା ! କଣ ଚାହିଁଛୁ ? ବାକ୍ସପତ୍ର ସଜାଡ଼ ରଖ ।'

ଆଃ, ଏଇ ତ ବାଙ୍କୁଡ଼ା ଷ୍ଟେସନ ! ତାର ଅତି ପ୍ରିୟ ବାଙ୍କୁଡ଼ା ଷ୍ଟେସନ । ମାନସ ମନ ପୁରାଇ ଥରେ ବଗାଟ-କାସ୍ଥ ପ୍ଲାଟଫର୍ମକୁ ଚାହିଁନେଲା । କଲିକତା ପରି ଜନଗହଳି ନ ହେଲେ ମଧ୍ୟ ଯାତ୍ରୀସଂଖ୍ୟା କମ୍ ନୁହେଁ ।

ମାନସ ଜିନିଷପତ୍ର ସଜାଡୁ ସଜାଡୁ ନୂଆ ପୁଲକରେ ପୁଲକିତ ହୋଇ ଉଠୁଥିଲା ।

ବାଙ୍କୁଡ଼ା ଷ୍ଟେସନ । ଯାତ୍ରୀମାନଙ୍କ କଳଧ୍ୱନି, କୁଲି, ମଜୁରିଆଙ୍କ କାନଫଟା କୁହାଟ, ଚ' ବାଲାର ଧାଁ ଦଉଡ଼, ସବୁ କିଛି ତାକୁ ଭଲ ଲାଗୁଥିଲା ।

ଏଇତ ସେହି ପରିଚିତ ବାଙ୍କୁଡ଼ା ସହର, ଯେଉଁଠି ତାର ପ୍ରିୟବାନ୍ଧବୀ ମମତା ଯାତାୟାତ କରେ । ତା'ର

Digitized by PPRACHIN, SOA

ଦେହର ଗନ୍ଧ ବୋଳିହୋଇ ଝିଲଝିଲିଆ ପବନ ଧାରଙ୍କ ହୁଏତ ଏତେ ଶୀତଳ ମନେହେଉଛି ।

ଏଇ ମୁହୂର୍ତ୍ତରେ ସେ ହୁଏତ ଏଇ ଶାନ୍ତ ପ୍ରଶାନ୍ତ ବାଙ୍କୁଡ଼ା ଆକାଶକୁ ଚାହିଁ ତା'ର ସ୍ୱପ୍ନପୁରରେ ଘର ହେଉଥିବ । ଏଇ ଭସା ବଉଦର ଦେହ ପରି ତା ମନର ଭାବନା ସବୁ ଖଣ୍ଡ ବିଖଣ୍ଡ ହୋଇଉଠୁଥିବ ।

ତା ପାଖକୁ ଶେଷ ପତ୍ରଟି ଲେଖିସାରିବା ପରେ ସମ୍ଭବତଃ ଦେହ ଓ ମନରେ ସେ ଭାଙ୍ଗି ପଡ଼ୁଥିବ । ସ୍ୱପ୍ନ ସମ୍ଭାବନାର ଭଉଁରିରେ ବୁଲି ବୁଲି ସେ ହୁଏତ ଲୁଚକାଳି ଖେଳୁଥିବ । ବେଳେବେଳେ ମନକୁ ମନ ଆଶ୍ୱାସନା ଦେଉଥିବ, ମାନସ ପାଖରୁ ନିଷ୍ଠୁର ଉତ୍ତର ଆସିବ । ତା'ର ମାନସ ଏତେ ନିଷ୍ଠୁର ନୁହେଁ । ଏତେଦିନର ପରିଚୟ, ଏତେଦିନର ସମ୍ବନ୍ଧ ଏତିକି ଟିକିଏ ଭୁଲ୍ ବୁଝାମଣା ଯୋଗୁ ବିନଷ୍ଟ ହେବାର ନୁହେଁ ।

ମମତାଟା ଖୁବ୍ ସରଳ ଝିଅଟିଏ । ତା'ର ମୁହଁପରି ମନଟା ବି ଅତି ସୁନ୍ଦର । ସେଠି ପାପର କୌଣସି କାଳିମା ଲାଗିନାହିଁ । ସେ ଅନ୍ୟାନ୍ୟ ନଷ୍ଟଚରିତ୍ରା ଝିଅମାନଙ୍କ ପରି ପେଟରେ ଗୋଟିଏ କଥା ରଖି ମୁହଁରେ ଆଉ ଗୋଟିଏ କଥା ପ୍ରକାଶ କରେ ନାହିଁ । ସେ ସୁନ୍ଦର ବୋଲି ବାଙ୍କୁଡ଼ା ସହରର ଯୁବକମାନେ ତା ସାମନାରେ ଘେର ବାନ୍ଧନ୍ତି । ମମତା ପାଖରୁ କିଛି ନ ପାଇଲେ ତା ନାଆଁରେ ବାର ବଦନାମ ରଟେଇ ତାକୁ ଦ'କଡ଼ାର କରିବାକୁ ମନ ବଳାନ୍ତି ।

Digitized by PPRACHIN, SOA

ବନ୍ଧମର ଚରିତ୍ର ବିଶ୍ବାସଯୋଗ୍ୟ ନୁହେ । ସେ ମମତାକୁ ଗୋଟିଏ ଶସ୍ତା ଝିଅ ଭାବି ତା'ଉପରେ ହୋରି ଖେଳିବାକୁ ଚାହୁଁଥିଲା । ପାରିଲା ନାହିଁ ବୋଲି ନିନ୍ଦା ରଟନା କଲା । ମାଈଁ ମଧ୍ୟ ନିଜର ଅଯୋଗ୍ୟ ପୁଅର ପକ୍ଷ ନେଇ ମମତାର ଜୀବନ ମାଟି କରିବାକୁ ଚାହିଁଥିଲେ ।

କିନ୍ତୁ ମିଛ କଥାକୁ ନକଲି ସତର ପୁଟ ଦେଲେ ମଧ୍ୟ ତାହା ମିଛ ହୋଇ ରହିଯାଏ ।

ଇତି ମଧ୍ୟରେ ମାନସ ଓ ତା'ର ମାଆ ରିକ୍ସାରେ ଚଢ଼ି-ସାରିଥିଲେ । ମାନସ ରିକ୍ସାବାଲାକୁ ସାହି ନାମ କହିସାରି ନୀରବ ରହିବା ଉଚିତ ମନେକଲା ।

ସେମାନେ ରିକ୍ସାରେ ଚଢ଼ି ଗଲାବେଳେ ପଥପାର୍ଶ୍ବର ଲୋକବାକ ସେମାନଙ୍କୁ ସ୍ବାଭାବିକ ଭାବରେ ଅନାଉଥିଲେ । ସେମାନଙ୍କ ଚାହାଣି ଦେଖି ମାନସ କିନ୍ତୁ ଭିନ୍ନ ଅର୍ଥ ବାହାର କରୁଥିଲା । ସେ ଭାବୁଥିଲା, ଇତି ମଧ୍ୟରେ ବାଙ୍କୁଡ଼ା ସହରର ସମସ୍ତ ଲୋକ ତା'ର ଓ ମମତା ଭିତରେ ଥିବା ସବୁ ସମ୍ପର୍କ ଜାଣିନେଇଛନ୍ତି । ସେମାନେ କିଛିଦିନ ତଳେ ବନ୍ଧମ ଓ ମମତା ମଧ୍ୟରେ ଘଟିଯାଇଥିବା ସେହି ଦୁର୍ଭାଗ୍ୟଜନକ ଘଟଣା କଥା ମଧ୍ୟ ଜାଣନ୍ତି ।। ସେଇଥିପାଇଁ ସେମାନଙ୍କ ଦୃଷ୍ଟି ତା ଉପରେ ଏତେ ତୀକ୍ଷ୍ଣ ଭାବରେ ନିବଦ୍ଧ ହୋଇ-ଯାଉଛି ।

ମାନସ ଯେତେବେଳେ ଭାବ ସ୍ଥିର କରିନେଲା ଯେ, ତା'ର ମମତା ଭିତରେ ଘଟିଯାଇଥିବା ଓ ଘଟିବାକୁ

Digitized by PPRACHIN, SOA

ଯାଉଥିବା ସବୁ କଥା ସମଗ୍ର ବାଙ୍କୁଡ଼ାବାସୀ ଜାଣନ୍ତୁ ବୋଲି, ଲଜ୍ଜା ଓ ସଂକୋଚରେ ସେ ଟୁକୁସ୍ ଟୁକୁସ୍ ହୋଇଗଲା ।

ମମତା ଘର ଡେଇଁଲେ ତା'ର ମାଈଁ ଘର । ଟିକ୍ସା ମମତା ଘର ସାମନାରେ ପହଞ୍ଚିବା ମାତ୍ରକେ, ମାନସର ମାଆ ସେଇଠି ଟିକ୍ସା ଅଟକାଇ ରଖିବାକୁ ନିର୍ଦ୍ଦେଶଦେଲେ ।

ମାନସ ମାଆଙ୍କର ସିଦ୍ଧାନ୍ତ ଦେଖି ମନେ ମନେ କୁରୁଳି-ଉଠୁଥିଲା ।

।

ବସାଘରଟା ଖୁବ୍ ନମ୍ରିଟିଆ ମନେହେଉଛି ।

ମମତା ଘରେ ଜଣ କେହି ନାହାନ୍ତି ?

କାହାନ୍ତି ସେମାନେ ? ସେମାନଙ୍କ ପାଟିତୁଣ୍ଡ କାହିଁ ?

ମାନସ ମାଆଙ୍କର ପଛେ ପଛେ ଚାଲୁଥିଲା ।

ମାଆ ଆଦରପୂର୍ଣ୍ଣ କଣ୍ଠରେ ଡାକିଲେ, 'ମମି, ମମତା !'

ମମତାର ଭାଉଜ ଆସି ଦେଖାଦେଲେ । ଏକା ସଙ୍ଗରେ ମାନସ ଓ ତା'ର ମାଆଙ୍କୁ ଦେଖି ଅଳ୍ପ ବିସ୍ମୟ ପ୍ରକାଶ କଲେ । ତା'ପରେ ସହଜ ହେବାକୁ ଚେଷ୍ଟା କରି ମନ୍ତବ୍ୟ ଦେଲେ, 'ଯାହାହେଉ, ଉପଯୁକ୍ତ ବେଳାରେ ଆସି ପହଞ୍ଚି-ଯାଇଛ ।'

ସମସ୍ତ ଘଟଣା କିମ୍ଭୂତକିମାକାର ଜଣାପଡୁଥିଲେ ମଧ୍ୟ ମାନସ ଓ ତା'ର ମାଆ ଅନ୍ୟ କିଛି ନ ପଚାରି ତାଙ୍କର ଅନୁଗମନ କଲେ ।

Digitized by PPRACHIN, SOA

ଭିତର ଘରେ ମମତା ଖଟ ଉପରେ ନୀରବରେ ବସିଥାଏ ।

ମାନସ ସଙ୍ଗେ ମମତାର ଦୃଷ୍ଟିର ମିଳନ ହେଲା ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ । ସେ ଚାହାଣିରେ କିଛି ବିସ୍ମୟ, କିଛି ଚମକ, କିଛିଟା ଆନନ୍ଦ ମିଶିଥିଲା ।

ମମତା ଆପ୍ୟାୟିତା ହେବା ଭଙ୍ଗୀରେ ସାମାନ୍ୟ ହସିବାକୁ ଚେଷ୍ଟା କରି, ସହସା ଖଟ ଉପରୁ ଉଠିଆସି ମାନସ ମାଆଙ୍କର ପାଦଧୂଳି ନେଲା । ତା'ପରେ ପରେ ଦେଖାଗଲା ତା' ଆଖିରେ ଲୁହର ନୀରବ ଧାର ।

ମମତାର ମାଆ ଅସୁସ୍ଥ ହୋଇ ଖଟରେ ପଡ଼ିଥାନ୍ତି । ତାଙ୍କର ହାବଭାବରୁ ଅବସ୍ଥାଟା ନିହାତି ସାଂଘାତିକ ଧରଣର ବୋଲି ମନେହେଉଥାଏ ।

ଅଳ୍ପକ୍ଷଣ ପରେ ମମତାର ଭାଇ ସଙ୍ଗରେ ଡାକ୍ତର ଆସିଲେ । ସେ ଏଣୁତେଣୁ ଦି'ପଦ ପଚରାପଚରି କରି ହୃତ୍‌ସ୍ପନ୍ଦନ ଦେଖି ଔଷଧ ଲେଖିଦେଲେ । ଗଲାବେଳେ ଚୁପ୍‌ଚାପ୍ କହିଲେ, 'ଆସନ୍ତା ଚବିଶ ଘଣ୍ଟା ସକାଶେ ଖୁବ୍ ସତର୍କତା ଆବଶ୍ୟକ । ଚବିଶ ଘଣ୍ଟା ଗଡ଼ିଗଲେ ଯାଇ ଅନ୍ୟ କେଉଁ କଥା ।'

ସେ ମନ୍ତବ୍ୟ ଶୁଣି ସମସ୍ତଙ୍କ ମୁହଁ ମଳିନ ପଡ଼ିଗଲା ।

ଏଇ କ'ଣ ବୃଦ୍ଧାଙ୍କର ଶେଷ ସମୟ ?

ସେ କ'ଣ ଆଉ ବଞ୍ଚିବେ ନାହିଁ ?

Digitized by PPRACHIN, SOA

ବୁଢ଼ୀଙ୍କର ହାବଭାବରୁ କିନ୍ତୁ ସେକଥା ସ୍ପଷ୍ଟ ହେଲା ନାହିଁ । ସେ ବିଗତ ସମ୍ବାଦକର ଗୌରବତା ଭଗ୍ନ କରି ହଠାତ୍ କଥା କହିବାକୁ ଆରମ୍ଭ କଲେ ।

ପରିବାରର ସମସ୍ତଙ୍କ ମୁହଁରେ ଆନନ୍ଦର ଜୁଆର ଛୁଟିଗଲା । ସମସ୍ତେ ଭାବିଲେ, ଦୁଃଖର ସମୟ କଟିଗଲା । ଏଥର ସ୍ୱାଭାବିକ ଅବସ୍ଥା ଫେରିଆସିବ । ଛନ୍ଦହରା ଜୀବନରେ ନୂଆ ପରିଚ୍ଛେଦ ଯୁକ୍ତ ହେବ ।

ଏଇ ଅବକାଶରେ ମାନସ ଭାବୁଥିଲା, ମମତାକୁ କୋଳେଇ ଧରନ୍ତା ! କପାଳର ଅସଜଡ଼ା କେଶରାଜିକୁ ନିଜ ହାତରେ ସଜାଡ଼ିଦିଅନ୍ତା । ଆଉ ଚୁପ୍ ଚୁପ୍ କହନ୍ତା, 'ମୋ' ଉପରେ ରାଗ କରନା, ମମି ! ଦୁର୍ଯୋଗ ପଡ଼ିଥିଲା ବୋଲି ସମସ୍ତଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଲା । ଆକାଶରେ ନୂତନ ସୂର୍ଯ୍ୟ ଉଦୟ ହୋଇଛି । ତା'ର ନରମ ନରମ ଖରା ବାଜି ଅତୀତର ସମସ୍ତ ଦୁଃଖ କ୍ଲେଶ ପୋଛି ହୋଇଯିବ ।'

ମାନସର ମନର କଥା ବୁଝିପାରିଲା କି କ'ଣ, ତାକୁ ଅପେକ୍ଷା କରିବାକୁ ମମତା ନିଜ ଆଖିରେ ସ୍ୱତନ୍ତ୍ର ଭଙ୍ଗୀରେ ଇଙ୍ଗିତ ଦେଲା ।

ଶାନ୍ତ ସୁଧୀର ଶିଶୁଟିଏ ପରି ମାନସ ନୀରବ ରହିଗଲା ।

ଆଃ, ମମିର ଆଖିପତା ଦୁଇଟି କି ସୁନ୍ଦର ! ତା'ର କଣ୍ଠର ମାଧୁର୍ଯ୍ୟ ଭିତରେ ଜୀବନର ସବୁ ରୁକ୍ଷତା ଉଭାନ ହୋଇଯାଏ । ତା'ର ଅନନ୍ତଯୌବନା ଉର୍ବଶୀ ରୂପରେ ସମ୍ମୋହନର କବିତା ଲେଖିହୋଇଛି ।

Digitized by PPRACHIN, SOA

ଶାନ୍ତ ସୁଧୀର ମାନସ ସୁଯୋଗ ଭଣ୍ଡି ମମି ପାଖକୁ ଯାଇ ତା'ର ଆରକ୍ତ ଗଣ୍ଡରେ ଆସ୍ତେକରି ଆଙ୍ଗୁଠି ଟିପ ମାରିଲା ।

ଜୀବନର ବହୁବାଞ୍ଛିତ ପ୍ରିୟ ପୁରୁଷର ସ୍ପର୍ଶରେ ସୁନ୍ଦରୀ ମମତା ଲଜକୁଳୀ ଲତା ପରି ମୋଡ଼ିହୋଇଗଲା ।

ଦୁଇଟି ଅନଭିଜ୍ଞ ଯୁବକଯୁବତୀ ପରସ୍ପରର ସାନ୍ନିଧ୍ୟକୁ ଆପ୍ରାଣ ଉପଭୋଗ କରୁଥିଲେ । ଏଇ କେଇଦିନ ତଳେ ଯେ ସେମାନଙ୍କ ମଝିରେ ଏକ ସର୍ବନାଶୀ ଝଡ଼ ବୋହିଯାଇଥିଲା ସେକଥା ସେମାନଙ୍କର ମନେପଡ଼ିଲା ନାହିଁ । ଏବେ ଆନନ୍ଦ ଏକାଠି ଆଳିଙ୍ଗିକ ଭାବରେ ଯେ ମିଳିଯାଇଛି, ତାହାହିଁ ହେଲା ବଡ଼କଥା । ଏଇ କେଇଦିନ ତଳେ ସେମାନେ ଏଇଭଳି ଏକ ସୁନ୍ଦର ମୁହୂର୍ତ୍ତ କଥା କଳ୍ପନା ବି କରିପାରୁ ନ ଥିଲେ ।

ମାନସ ଓ ମମତା ଦୁଇଟିଯାକ ଘର ଭିତରେ ଆବେଗ-ଜଡ଼ିତ ଭାବରେ ଛିଡ଼ା ହୋଇଛନ୍ତି । ମାନସର ମାଆଙ୍କ ଆଖିରେ ଧରା ପଡ଼ିଗଲେ ।

ମମତା ଆହୁରି ଲଜ ପାଇ ହାତେ ଜିଭ କାଢ଼ି ପ୍ରଶ୍ନ କଲା, 'ଦେଖିଲ ତ ଅବସ୍ଥାଟା ?'

'ମାଆ ସବୁ ଜାଣନ୍ତି', ମାନସ ଉତ୍ତର ଦେଲା ।

'ତୁମେ କ'ଣ ସବୁକଥା ତାଙ୍କର ଆଗରେ କହି-ଦେଇଛ ?' ମମତାର କଣ୍ଠରେ ଭୟ ଥିଲା ।

'ତୁମର ଶେଷ ଚିଠିଖଣ୍ଡିକ ତାଙ୍କୁ ପଢ଼ାଇଦେଇଛି', ମାନସ ଉତ୍ତର ଦେଲା ।

Digitized by PPRACHIN, SOA

'ଯାଃ, ତମେ ହବନ୍', କହି ମମତା ଗୃଳିଯାଉଛି, ମାନସ ତା'ର ପିନ୍ଧା କାନଟାକୁ ଭିଡ଼ି ଧରିଲା ।

ମମତା ଆଉ ଫେରି ଯାଇପାରିଲା ନାହିଁ । ସେ ଅତି ଅସହାୟ ଅବସ୍ଥାରେ ମାନସ ହାତରେ ଧରା ପଡ଼ିଗଲା ।

ସ୍ୱପ୍ନର ସେହି ମଧୁବୋଳା ଅତୀତ ସତ ହୋଇ ଫେରି-ଆସୁଥିଲା ।

ଆର ଘରେ ମମତାର ଭାଉଜ ସଙ୍ଗରେ ମାନସର ମାଆ ବିବାହ କଥା ପକାଇଥିଲେ । ସେମାନଙ୍କ କଥାବାର୍ତ୍ତା ସବୁ ମମତା ଓ ମାନସକୁ ସ୍ପଷ୍ଟ ଶୁଣାଯାଉଥିଲା ।

'ସବୁ ପ୍ରେମିକା ପତ୍ନୀ ହୋଇପାରନ୍ତି ନାହିଁ । ଭାଗ୍ୟ ଜୋର୍ ଥିଲେ ଯାଇ ପ୍ରେମିକା ପତ୍ନୀ ହେବାର ଯୋଗ୍ୟତା ହାସଲ କରେ ।'

ପ୍ରେମିକା ମମତା ଆଗତ ଦିନର ପତ୍ନୀତ୍ୱ କଥା ମନେ-ପକାଇ ଆକାଶପାତାଳ ଭାବିହେଉଥିଲା ।

ପତ୍ନୀତ୍ୱରେ ପ୍ରେମିକା ଜୀବନର ସ୍ୱାଦ ନାହିଁ ସତ, କିନ୍ତୁ ତହିଁରେ ଅଛି ନାରୀତ୍ୱର ସାର୍ଥକତା ।

ପ୍ରେମିକା ମମତା ମାନସଚକ୍ଷୁରେ ସେହି ଅନାଗତ ଭବିଷ୍ୟତର ସୁନେଲୀ ସ୍ୱପ୍ନ ଦେଖି ମନେ ମନେ କୁରୁଳି-ଉଠିଲା ।

Digitized by PPRACHIN, SOA

ମମତାର ମାଆ ଦିନ ଦୁଇଟା ପରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ । ଏପରିକ ମାନସର ମାଆ ସଙ୍ଗରେ କଥାବାର୍ତ୍ତା ସୁଖଦୁଃଖ ହେବାର ସାମର୍ଥ୍ୟ ଲାଭ କରିପାରିଲେ ।

ଦିନଗୁଡ଼ିକ ଜଲ୍ଦି ଶେଷ ହୋଇଯାଉଥିଲା । ପୂଜାଛୁଟି ସରିଗଲେ ଆଉ ରକ୍ଷା ନାହିଁ ।

ମାନସ ମଝିରେ ମଝିରେ ଭୁବନେଶ୍ୱର ଫେରିବାର କଥା ମନେ ପକାଇ ବ୍ୟସ୍ତତା ପ୍ରକାଶ କରୁଥିଲା । ମମତାକୁ ଗୁହାରି କରୁଥିଲା । 'ସୁଦୂର ଭୁବନେଶ୍ୱରରେ ଆଉ ଏକାଟିଆ ରହିବାକୁ ଭଲ ଲାଗିବ ନାହିଁ, ମମି ! ଖାଲି ତୁମର କଥା ମନେ ପଡ଼ିବ !

'ଏତେ ଦିନ ପୁଣି ରହିଲ କେମିତି ଯେ ?' ମମତା ଦୁଷ୍ଟୁ ପ୍ରଶ୍ନ ପଚାରୁଥିଲା ।

'ସେଦିନ ଆଉ ଆଜି ଭିତରେ କ'ଣ ପାର୍ଥକ୍ୟ ନାହିଁ, ମମି ?' ମାନସ ଓଲଟା ପ୍ରଶ୍ନ ପଚାରି ମମତାକୁ ଅଡୁଆରେ ପକାଇଦେଲା ।

କଣ କରାଯାଇପାରେ, ସେ ସମ୍ପର୍କରେ ଆଲୋଚନା କରୁ କରୁ ମାନସ ପ୍ରତିଶ୍ରୁତି ଦେଲା ଯେ, ଭୁବନେଶ୍ୱର ଯାଇ ଯେକୌଣସିପ୍ରକାରେ ବସାଘର ଠିକଣା କରିବ । ବସାଘର ପାଇଲା ମାତ୍ରକେ ଲଗ୍ନ ସ୍ଥିର ହେବ । ତା'ପରେ ଆଉ କିଛି ଅଡୁଆ ନାହିଁ ।

ମମତାର ମାଆ ସଙ୍ଗରେ ବିବାହ ଲଗ୍ନ ସ୍ଥିର କରି ମାନସର ମାଆ କଲିକତା ଚାଲିଗଲେ । ପୂଜାଛୁଟିର ମାସକ

Digitized by PPRACHIN, SOA

ପରେ ଯେତେବେଳେ ବିବାହ ଲଗ୍ନ ସ୍ଥିର ହୋଇଛି, ସେଥିପାଇଁ ପ୍ରସ୍ତୁତ ତ ଦରକାର ।

ମାନସର ବାପା ବାଙ୍କୁଡ଼ା ଆସିଲେ ନାହିଁ । ପୂଜାଛୁଟିରେ ଗେଷ୍ଟର ଡ୍ୟୁଟି ପଡ଼ିଥିଲା ତାଙ୍କର ଭାଗରେ । ସେ ସେହି କଥା ଲେଖି ବାଙ୍କୁଡ଼ାକୁ ଟେଲିଗ୍ରାମ କରିଥିଲେ ।

ପୂଜାଛୁଟିରେ ଯେତେବେଳେ ଗେଷ୍ଟର ଡ୍ୟୁଟି ପଡ଼ିଛି, ଛୁଟିପରେ ପୁଅର ବିବାହ ବେଳକୁ ଛୁଟି ପାଇବା ଅସୁବିଧା ହେବ ନାହିଁ ।

ମାଆ ଚାଲିଯିବା ପରେ ମାନସ ବାଙ୍କୁଡ଼ାରେ ଦିନଟିଏ ରହି ଭୁବନେଶ୍ୱର ଆସିବା ସ୍ଥିର ହେଲା ।

ବିବାହ ଲଗ୍ନ ସ୍ଥିର ହୋଇଯିବା ପରେ ମମତାର ମୁଣ୍ଡ ଉପରେ ସଂସାରର ସବୁ ଲାଜ ସରମ କୁଢ଼େଇହୋଇ-ପଡ଼ିଲା ।

ମମତାର ମାଆ ଏବଂ ଭାଇଭାଉଜ ଖୁବ୍ ଖୁସି ଥିଲେ । ସେମାନଙ୍କ ସ୍ନେହ ଆଦରରେ ମାନସ ପୋତିହୋଇପଡ଼ିଲା ।

ମମତା ଆଉ ଆଗ ପରି ସାମନାକୁ ଆସିଲା ନାହିଁ । ଅଥଚ—

ମାନସ ଶୋଉଥିଲା, ମମତା ତା ପାଖରେ ପାଖରେ ବସିଥାଏ । ସକାଳୁଆ ନିଦ ଭାଙ୍ଗିଲେ ପ୍ରଥମେ ମମତାର ସୁନ୍ଦର ମୁହଁଟା ଆଖିରେ ପଡ଼େ । ତା' ସଙ୍ଗରେ

Digitized by PPRACHIN, SOA

କଥାବାର୍ତ୍ତା, ଆଳାପ ଆଲୋଚନା କରି ପୂଜାକୁ ଚିଠାକୁ ଜୀବନର ଏକ ମହାର୍ଘ ସ୍ମୃତିରେ ପରିଣତ କରିଦଅନ୍ତା ।

ମମତା କିନ୍ତୁ ସେକଥା ବୁଝିଲା ନାହିଁ ।

ନଈକୂଳରେ ପାଣିଧାର ପାଖରେ ବସି ମଧ୍ୟ ମାନସ ଯେ ତୃଷା ମେଣ୍ଟାଇପାରିଲା ନାହିଁ, ସେଇଠି ସବୁ ଅବଶୋଷ ରହିଗଲା ।

କିନ୍ତୁ ମାନସ ବିଦାୟ ନେଇ ଆସିବାର ଠିକ୍ ଘଣ୍ଟାକ ପୂର୍ବରୁ ମମତା ଆସି ପହଞ୍ଚିଗଲା ।

ମାନସର ଆମୋଦିତ ଆଖି ସଙ୍ଗରେ ମମତାର ପୁଲକିତ ଆଖି ଦି’ଟାର ମିଳନ ହେଲା ।

ନିର୍ବାକ ନିଶ୍ଚଳକ ଆଖିରେ ମମତାକୁ ଚାହିଁ ଚାହିଁ ମାନସ ଭାବୁଥିଲା, ‘ଏଇ କଣ ତା’ର ଲାବଣ୍ୟମୟୀ, ରୂପସୀ ମମତା ? ତା ମନର ଅସରନ୍ତି ସ୍ୱପ୍ନ, ଅକଳନ ପରିକଳ୍ପନାର ସମାହାର ମମତା ?’

ପରିପୂର୍ଣ୍ଣ-ଯୌବନା , ସୁସଜ୍ଜିତା ମମତା ତାର ଇନ୍ଦ୍ରଧନୁ ଆଖିରେ ସାମାନ୍ୟ ସ୍ପନ୍ଦନ ସୃଷ୍ଟି କରି ମାନସର ବିହ୍ୱଳିତ ଚକ୍ଷୁ-ତାରକା ଦୁଇଟିକୁ ଅବଲୋକନ କରୁ କରୁ ମୃଦୁ କଣ୍ଠରେ ପ୍ରଶ୍ନ କଲା,‘କଣ ଏତେ ଚାହିଁଛ, ମାନସ ? ତୁମର ମମତାକୁ କଣ ଚିହ୍ନିପାରୁନା ?’

ମୁଗ୍ଧ ମାନସ ସ୍ପର୍ଶାନୁଭୂତିର ନୂତନ ନିଶାରେ ପ୍ରଲୁବ୍ଧ ହୋଇ ମାନସୀର ଜ୍ୱାଳାମୟୀ ହସ୍ତ ଧାରଣପୂର୍ବକ ଉତ୍ତର ଦେଲା, ତୁମକୁ ଚିହ୍ନି ମଧ୍ୟ ଚିହ୍ନିହେଉନି, ମମି !’

‘କାହିଁକି ?’ ମମତା ମୋହିତ କଣ୍ଠରେ ପ୍ରଶ୍ନ କଲା ।

Digitized by PPRACHIN, SOA

ଠିକ ସେତିକିବେଳେ ସ୍ନିଗ୍ଧ ସମୀରଣରୁ କାଞ୍ଚନ ପ୍ରବାହିତ ହୋଇ ପ୍ରକୋଷ୍ଠ ଭିତରେ ସଙ୍ଗୀତର ମର୍ମର ଧ୍ୱନି ସୃଷ୍ଟି କଲା । ତା ସଙ୍ଗେ ସଙ୍ଗେ ମମତାର ସୁବିନ୍ୟସ୍ତ କୃଷ୍ଣ-ବେଣୀର ସୁରଭି ବୋହିଆସି ମାନସର ସତେଜ ନାସାପୁଟକୁ ଉଚ୍ଛାଟ କରି ପକାଇଲା ।

ମାନସ ଭାବପ୍ରବଣତା ଜାଲରେ ଛନ୍ଦି ହୋଇଯାଇଥିଲା । ଉତ୍ତର ଦେଲା, 'ତୁମର ଏ ଭୁବନମୋହିନୀ ବେଶ ଆଗରେ ଆଖି ଝଲସିଯାଉଛି, ମମି ! ଆଜିର ଏ ଅପରୂପ ଉର୍ବଶୀ ରୂପକୁ ଯେ ଭୁଲିଯିବାକୁ ପଡ଼ିବ, ସେଇ ମୋର ଦୁଃଖ ।' ମାନସ ମମତାର ଚିବୁକରେ କର ସଂଗୁଞ୍ଜନ କରି ରସିକତା ପ୍ରକାଶ କଲା ।

'ଲଗ୍ନ ସ୍ଥିର ହୋଇଯାଇଛି । ଅଧୈର୍ଯ୍ୟ କାହିଁକି ଯେ ?' ମମତା ମନ୍ତବ୍ୟ ଦେଲା ।

'ମୁଁ ଆଜି ଯେ ଚାଲିଯାଉଛି, ସେଥିପାଇଁ ତୁମର କଣ କିଛି ଦୁଃଖ ନାହିଁ, ମମି ?' ମାନସ ପ୍ରଶ୍ନ କଲା ।

'ମୋର ଅନେକ ଦୁଃଖ, ମାନସବାବୁ ! ଶାପଗ୍ରସ୍ତା କଳାଙ୍କି କନ୍ୟା ପରି ମୁଁ ଏଇଠି ଅଶ୍ରୁମୋଚନ କରି ଅପେକ୍ଷା କରିଥିବି । ପୁରୁଷ ତୁମେ । ମନ ଭୁଲାଇବାକୁ ଅନେକ ଖୋରାକ ପାଇବ । କିନ୍ତୁ ଆମେ ନାରୀଜାତିଟା ପ୍ରତ୍ୟେକୁ ସମ୍ବଳ କରି ବଞ୍ଚିଥାଉଁ । ଆସନ୍ତା କେତେଦିନ ପାଇଁ ଯଦି ମୋ' ପାଇଁ ସୁଦୀର୍ଘ ଓ ବେଦନାର୍ତ୍ତ ହୋଇଉଠିବ । ତଥାପି ତୁମକୁ କଣ ଧରି ରଖିପାରିବ ?'

Digitized by PPRACHIN, SOA

ମାନସ ମମତାର ଅନ୍ତର୍ଦ୍ୱନ୍ଦ୍ୱକୁ ସମ୍ୟକ୍ ରୂପରେ ଅବଧାରଣ କଲା ପରେ, ଆସନ୍ନ ବିରହ ଉପଲକ୍ଷେ ଦୀର୍ଘ ନିଃଶ୍ୱାସ ପରିତ୍ୟାଗ କଲା । ତା'ପରେ ଆଶ୍ୱାସନା ଦେଇ କହିଲା, 'ଚିଠି ଦେବ ମମତା ! ପ୍ରତିଦିନ ଆମେ ଚିଠି ଜରିଆରେ କଥାବାର୍ତ୍ତା ହେଉଥିବା । ସମୟର ଦୀର୍ଘତା ଜଣା ପଡ଼ିବ ନାହିଁ ।'

ମାନସ ତା'ପରେ ଜଣ ଜଣ କରି ସମସ୍ତଙ୍କ ନିକଟରୁ ବିଦାୟ ଗ୍ରହଣ କଲା ।

ମମତାର ବୃଦ୍ଧା ମାତା ମାନସକୁ ଆଲିଙ୍ଗନ କରି ଅଶ୍ରୁମୋଚନ କରୁ କରୁ ବିଦାୟ ଦେଲେ ।

ମାନସର ମନେହେଲା, ସେ ସିନା ସ୍ୱୀକାର କରୁଛି ବୋଲି ବାଙ୍କୁଡ଼ା ପରିତ୍ୟାଗ କରୁଛି; କିନ୍ତୁ ମନଟା ତା'ର ମମତା ପାଖରେ ସେମିତି ବନ୍ଧା ରହିଗଲା ।

ମାନସ ବାଙ୍କୁଡ଼ା ପ୍ଲାଟଫର୍ମରେ ପହୁଞ୍ଚିଛି । ପଛରୁ କେହି ଜଣେ ନାରୀ ତାକୁ ଆହ୍ୱାନ କରୁଥିବା ମନେହେଲା ।

ମାନସ ମୁହଁ ବୁଲାଇ ଦେଖିଲା, ରିଜିଓନାଲ୍ କଲେଜର ସେହି ସୁନ୍ଦରୀ ରୂପାଞ୍ଜଳି ତାକୁ ହସି ହସି ଡାକୁଛି । ବାଙ୍କୁଡ଼ା ଷ୍ଟେସନରେ ରୂପାଞ୍ଜଳିକୁ ଦେଖି ସେ ଆଶ୍ଚର୍ଯ୍ୟ ପ୍ରକାଶ କଲା ।

'ମନେ ଅଛି ତ ଭୁବନେଶ୍ୱର ପ୍ଲାଟଫର୍ମ କଥା ? ଆଶା କରୁଛି, ଟିକଟ ଆଣିବା ପାଇଁ ଏଠି ଅସୁବିଧା ହେବ ନାହିଁ ।' ରୂପା ହସି ହସି ପ୍ରଶ୍ନ କଲା ।

Digitized by PPRACHIN, SOA

'ନା, ଏଠି କିଛି ଅସୁବିଧା ନାହିଁ । ଭୁବନେଶ୍ୱରରେ ମୋ' ପାଇଁ ଆପଣ ଅନେକ କଷ୍ଟ କଲେ । ଅଥଚ ସମସ୍ତ ଅଭାବରୁ ଧନ୍ୟବାଦ ସୁଦ୍ଧା ଜଣାଇପାରିଲି ନାହିଁ । ସେଥିପାଇଁ ଲଜ୍ଜିତ ।'

ନା ନା, ଏଥିରେ ଲଜ୍ଜିତ ହେବାର କ'ଣ ଅଛି ? ଏମିତି ବି ହୁଏ । ହୁଏତ ଆପଣଙ୍କ ଘର ପାଖରେ ମୋର ଘର ନ ହୋଇ ଆପଣଙ୍କର ଆଉ କାହା ଘର ପାଖରେ ମୋର ଘର ହୁଏତ ହୋଇଥାଇପାରେ ।'

ଏଥର ମାନସ ଆହୁରି ଶଙ୍କିଗଲା । ମନେହେଲା ଝିଅଟା ଯେମିତି ତାକୁ ଅପଦସ୍ଥ କରିବାକୁ ଏକ ସୁଯୋଗ ଅପେକ୍ଷାରେ ଥିଲା । ଆଜି ପାଇଯାଇଛି । ଆଉ କିଛି କହିବା ପୂର୍ବରୁ ରୂପାଞ୍ଜଳି ପୁଣି କହିଲା—

'ଆଉ କ'ଣ ନୂଆ ଖବର କିଛି ଦେବେନି ?'

ନୂଆ ଖବର ? ନା ନୂଆ ଖବର ଆଉ ମୋର କ'ଣ ଅଛି ? ତା ଛଡ଼ା ଆପଣ କେମିତି ଜାଣିଲେ ଯେ ମୋର ନୂଆ ଖବର କିଛି ଥାଇପାରେ ?'

'ସେଇଟା ତ ଆପଣଙ୍କ ମୁହଁ ଆଉ ଭାବଭଙ୍ଗୀ କହି-ଦେଉଛି । ଆଚ୍ଛା, କୁହନ୍ତୁ ନା, ଆପଣ କେବେ କାହାର ଛବିଘର ଦେଖିଛନ୍ତି ?'

'ହଁ......,କହିଦେଇ ମାନସ ବିସ୍ମିତ ହେଲା । ରୂପାଞ୍ଜଳି ଏମିତି କ'ଣ ପ୍ରଶ୍ନ କରୁଛି ? କିଛି ଉଦ୍ଦେଶ୍ୟ ଥାଇପାରେ କି ?

Digitized by PPRACHIN, SOA

'ସେଇ ବସ୍ତ୍ରଘର ଦେଖିଲାବେଳେ ଆପଣଙ୍କର କେବେ କିଛି ଇଚ୍ଛା ହୋଇନି ?'

ଏଥର କି ମାନସ ନିଶ୍ଚିତ ହେଲା ଯେ ରୂପାଞ୍ଜଳି କେମିତି କେଜାଣି ଟିକେ ଅସ୍ୱାଭାବିକ ଭାବରେ ପ୍ରଗଳ୍‌ଭ ହୋଇଉଠିଛି । କିନ୍ତୁ ଏପରି ଏକ ପରିସ୍ଥିତିକୁ ମାନସର ଏଡ଼ିଦେଇ ଚାଲିଯିବା ଉଚିତ । ନ ହେଲେ ମମତାର ସ୍ଥିତିଟା ତା ମାନସପଟରୁ କ୍ଷୀଣ ହୋଇଯାଇପାରେ । କିଛି ଗୋଟାଏ ଉତ୍ତର ଦେବାକୁ ଯାଇ ସେ କହିଲା—

'ବାହାଘର ଦେଖିଲାବେଳେ ମୋର ଯାହା ମନେହୋଇଛି ସେଇଟା କ'ଣ ଭାଷାରେ ପ୍ରକାଶ କରିହେବ ?'

'ନା, ତଥାପି ଉଦ୍‌ବେଗରେ ପ୍ରକାଶ କରିହେବ ।'

ପୁଣି ଅଡୁଆରେ ପଡ଼ିଲା ମାନସ । କ'ଣ କହିବାକୁ ଚାହେଁ ରୂପାଞ୍ଜଳି । ହଠାତ୍ ରୂପାଞ୍ଜଳୀ ପୁଣି କହିଲା—

'ଏଇ ଧରନ୍ତୁ ! ସେଦିନ ଯେମିତି ଭାବରେ ଆପଣ ଗୋଟାଏ ତାହା ମିଛ କହି ଟିକେଟ୍ କାଟି ଆଣିଲେ ସେଇଟା କ'ଣ ଉଦ୍‌ବେଗ ନୁହେଁ ?'

'କିନ୍ତୁ ଆପଣ କେମିତି ଜାଣିଲେ ଯେ ବାହା ହବା ପାଇଁ ସେଇଟା ଗୋଟାଏ ଉଦ୍‌ବେଗ ହୋଇପାରେ ବୋଲି ? ଆଉ କାହାର କିଛି ଜରୁରୀ ଆବଶ୍ୟକତା ଥାଇପାରେ ।'

'ନା, ସେ ପ୍ରେମ ବା ବାହାଘରର ଗ୍ରେଟ ଥିଓରି କହୁଛି ଯେ ଏଇ ପୂର୍ବରାଗରେହିଁ ଏ ପ୍ରକାର ଅସ୍ଥିରତା ଦେଖାଯାଇଥାଏ ।'

Digitized by PPRACHIN, SOA

'ସତେ ନାଁ କ'ଣ ? ଆପଣ ହୁଏତ ବହୁତ କିଛି ଜାଣନ୍ତି ବୋଲି ମନେହୁଏ ।'

'ନିଶ୍ଚୟ । ନ ହେଲେ ଆପଣମାନଙ୍କୁ ଜାଣନ୍ତି କେମିତି ।'

'ଅଚ୍ଛା କୁହନ୍ତୁ ତ କୋଉଠୁ ଶିଖିଥିଲେ ଏସବୁ ।'

'ମୋର ଏକ ଆଦରଣୀୟା ବାନ୍ଧବୀଠାରୁ ।'

'ବାନ୍ଧବୀ' କେମିତି କେଜାଣି ସଙ୍କୁଚିତ ହେଲାଭଳି ଲାଗିଲା ମାନସକୁ । ତାର ମନେପଡ଼ିଲା ଯେ ପ୍ରକାଶ୍ୟରେ ନାରୀମାନେ ନିଜ ନିଜ ଭିତରେ ବେଶୀ ଏ ସମ୍ପର୍କରେ ଆଲୋଚନା କରିଥାନ୍ତି ପୁରୁଷ ଅପେକ୍ଷା । ତଥାପି ପ୍ରଶ୍ନକଲା

'ତାଙ୍କ ଘର ଏଇଠି ?'

'ହଁ, ନାଁଟା ପଚାରିଲେନି ?'

'ଲୋଭ କ'ଣ ଚାହିଁ ନ ଥିବ ।'

'ତଥାପି ପଚାରିବାର କ୍ଷତି କ'ଣ ? ନୂଆ ନାଁଟାଏ ତ ?'

'କ'ଣ କୁହନ୍ତୁ ତା ହେଲେ ?'

'ମମତା ।'

ହଠାତ୍ ଚମକି ପଡ଼ିଲା ମାନସ ତା'ର ଯେମିତି ପ୍ରତ୍ୟେକଟି ରକ୍ତ କଣିକାରେ ଉଲ୍ଲାସ ଦେଖାଦେଲା । ସେ ଭାବିଲା ଯେ ସେଇ ଶବ୍ଦଟା ତା'ର ଏବେ ନିଜର ହୋଇ ଉଠିଲାଣି ଯେ ଗୃହପାଖ ଯାକ ପବନରେ ଖାଲି ସେଇ ନାଁଟା ତାର ଗୁଡ଼େଇ ହୋଇ ଚାଲିଛି । ଆଉ ବେଶୀ ବେଶୀ ବଢ଼ି ଚାଲିଛି । ତା'ର ଝିଅ ଠିକ୍ ମଙ୍ଗଳସୂତ୍ର ଭଳି, କେମିତି କେଜାଣି ତାକୁ ଲାଜ ମାଡ଼ିଲା ରୂପାଞ୍ଜଳୀ ଆଗରେ । ତା'ହେଲେ ମମତା ରୂପାଞ୍ଜଳୀର ବାନ୍ଧବୀ !

Digitized by PPRACHIN, SOA

ଆଜ ବେଶୀ ବଢ଼ିବାକୁ ଚାହିଁଲେନି ମାନସ ! ରୂପାଞ୍ଜଳୀ ମାନସର ଏ ଅବସ୍ଥା ଦେଖି ମୁଚୁକି ମୁଚୁକି ହସୁଥିଲା ।

'କ'ଣ ଆଉ କିଛି କହିଚଲେନି ?

ଏଥରକ ମାନସ ଆହୁରି ଲାଜେଇଗଲା । ରୂପାଞ୍ଜଳୀ ତା'ର ପ୍ରକୃତ ରୂପ ଜାଣିପାରିଛି ।

କ'ଣ ଏବେ ଭାବୁଛନ୍ତି ? ସେଇ ଯଥା ରାବଣସ୍ୟ······ କ'ଣ ସେଇ ସଂସ୍କୃତର ମନ୍ତ୍ରଉଚ୍ଚାରର ଖିଅ ଖିଅ ହୋଇ ମଙ୍ଗଳସୂତ୍ରର ବନ୍ଧନୀ ଆଜ ତା'ର ଉପରେ ମମତାର ହାତ ଆଜ ଆପଙ୍କଣର ହାତ······।

'ଆପଣ ମତେ ଯଥାମତ ହଇରାଣ କରିବା ଆରମ୍ଭ କରି ଦେଇଛନ୍ତି ।

'ନାଁ, ହଇରାଣ କରିବା ଆରମ୍ଭ କରିନ, ମୋର ଏକାନ୍ତ ବାନ୍ଧବୀ ମମତାକୁ ଆପଣ ଖୁବ୍ ହଇରାଣ କରିଛନ୍ତି । ତା'ରି ପ୍ରତିଶୋଧ ନେବା ଆରମ୍ଭ କରିଛି ମାତ୍ର ।'

ଆହୁରି ହସରେ ଫାଟି ପଡ଼ିଲା ରୂପାଞ୍ଜଳୀ । ଏତିକିବେଳେ ଟ୍ରେନ୍‌ଟା ପ୍ଲାଟ୍ ଫର୍ମ ଛାଡ଼ିବା ବେଳ ହୋଇଗଲା । ମାନସଙ୍କୁ ଯିବାକୁ ପଡ଼ିବ, କିନ୍ତୁ ତା'ର ଜମା ଇଚ୍ଛା ହଉ ନ ଥିଲା ସେ ଜାଗା ଛାଡ଼ି ଯିବାପାଇଁ ।

ତାକୁ ଚେତେଇଦେଲା ରୂପାଞ୍ଜଳୀ, ଗାଡ଼ି ଛାଡ଼ିବା ପାଇଁ ସିଗ୍‌ନାଲ୍ ଦିଆ ସରିଲାଣି । ମାନସ ଗାଡ଼ିକୁ ଉଠିଲେ, ରୂପାଞ୍ଜଳୀ ତାକୁ ହାତ ହଲେଇ ବିଦାୟ ଦେଲା ।

Digitized by PPRACHIN, SOA

ଘୋଷଣା ଉତ୍ସବରେ ଗର୍ଜନ କରୁ ଟ୍ରେନ୍‌ଟା ଷ୍ଟେସନ ଛାଡ଼ିଲା । ସେଇ ଟ୍ରେନର ଶବ୍ଦଟାରୁ କେମିତି କେଜାଣି ମାନସ ଅନୁଭବ କରୁଥିଲା—ବ୍ରାହ୍ମଣର ଦୁର୍ବୋଧ ମନ୍ତ୍ର । ତା ସଙ୍ଗକୁ ମଙ୍ଗଳସୂତ୍ରର ଝିଅ ବଢ଼ି ଚଲିଚ । ଛନ୍ଦହେଇ ଯାଉଚ ତା'ର ଘରକଣ୍ଢ଼ ଯାକ । ସେ ଛନ୍ଦ ହେଇଯାଉଚ ତା'ର ପ୍ରାଣର ମମତା ସହିତ । ଆଉ ସାମ୍ନାରେ ଠିଆ ହେଇ ହସୁଚ ତା'ର ବାହସ୍ଥ ରୂପାଞ୍ଜଳୀ—ଏମାନଙ୍କୁ ବଧେଇ ଜଣେଇ ।

ସ ମା ପ୍ତ

ସାଥୀ ପକେଟ୍ ବୁକ୍ ସିରିଜ

ପ୍ରତ୍ୟେକ ଏକଟଙ୍କା ପଚାଶ ପଇସା

ନର୍ବିଶଙ୍କ : କାହ୍ନୁଚରଣ ମହାନ୍ତି
ମଙ୍ଗଳସୂତ୍ର : ଭାଗୀରଥି ନେପାକ
ମିସ୍ ମିଲେ : ଅକ୍ଷୟକୁମାର ମହାନ୍ତି
ଶ୍ୱେତାଲୀନା : ଯୋଗୀନ୍ଦ୍ର ପଟ୍ଟନାୟକ
ନର୍କ ଆଡ଼କୁ : ସୁହାସ ରାୟ
କିଏ ଆପଣାର : ପ୍ରଫୁଲ୍ଲ ନାୟକ
ରଞ୍ଜନାର ହତ୍ୟା : ପଦ୍ମଚରଣ ମିଶ୍ର
କାହା ପାଇଁ ଆଉ : ଅକ୍ଷୟକୁମାର ମହାନ୍ତି
କିଏ ହତ୍ୟାକାରୀ : ରମେଶଚନ୍ଦ୍ର ମିଶ୍ର
ପଡ଼ିଯିବ କି ଆଉ : ପ୍ରଫୁଲ୍ଲ ନାୟକ
ଇସ୍କାପାନ୍ ବିବି : ଯୋଗୀନ୍ଦ୍ର ପଟ୍ଟନାୟକ
ମନ ଦେଇ ଯେବେ : ବ୍ରଜମୋହନ ଦାଶ
ଚମ୍ବଲର ମଣିଷବାଘ : ରମେଶଚନ୍ଦ୍ର ମିଶ୍ର
ଟେଲିଫର ହଜାରିକା : ଅକ୍ଷୟକୁମାର ମହାନ୍ତି
ଜଜସାହେବଙ୍କ କୋଠି : ଯୋଗୀନ୍ଦ୍ର ପଟ୍ଟନାୟକ
ନିର୍ଜନ ଦ୍ୱୀପର ଦସ୍ୟୁ : ପ୍ରମୋଦକିଶୋର ପଣ୍ଡା
କାଳଗଡ଼ର କ୍ୟାପସୁଲ : ପ୍ରମୋଦକିଶୋର ପଣ୍ଡା
ହସେ ଆଜି ଜହ୍ନରାତି : ବ୍ରଜମୋହନ ଦାଶ
ମାୟାଜାଲରେ ଜାସୁସ (୧) : ଗିରିଧାରୀ ମହାରଣା
ମାୟାଜାଲରେ ଜାସୁସ (୨) : ଗିରିଧାରୀ ମହାରଣା
ଚମ୍ବଲ ଉପତ୍ୟକାର ଦସ୍ୟୁ : ସୁରେନ୍ଦ୍ର ବର୍ମା
ନୀଳ ଆଲୋକରେ ହତ୍ୟା : ରମେଶଚନ୍ଦ୍ର ମିଶ୍ର
ଓଡ଼ିଶାର ମଣିଷଖିଆ ବାଘ : ଗଦାଧର ରାୟ
ଗୁପ୍ତକୋଠିର ଶେଷ ରହସ୍ୟ : ରମେଶଚନ୍ଦ୍ର ମିଶ୍ର
ଡ଼ା ଜେମ୍ସ ବଣ୍ଡ ଓ ନୀଳନୟନା : ଲକ୍ଷ୍ମୀନାରାୟଣ ମହାନ୍ତି

Digitized by PPRACHIN, SOA